# ଗଉଆ



17 JUL 1969

# ମରୁଆ

ଶ୍ରୀ ନିକୁଞ୍ଜ କିଶୋର ଦାସ

ପ୍ରାପ୍ତିସ୍ଥାନ
**ଓଡ଼ିଶା ଜଗନ୍ନାଥ କମ୍ପାନୀ**
ବାଲୁବଜାର, କଟକ -୨

ପ୍ରକାଶ ପରିଚାଳନା
ଶ୍ରୀ ରଣଜିତ ସିଂହ ବି. ଏ. ( ଅନର୍ସ ) ଓ. ଭଞ୍ଜ
ବାଲୁବଜାର, କଟକ

ପ୍ରଥମ ମୁଦ୍ରଣ—ଏକହଜାର
ସମୟ—ଏପ୍ରିଲ, ୧୯୪୮
ଶିଳ୍ପୀ—ଶ୍ରୀନାଥ ଚଟର୍ଜି
—ଏକଟଙ୍କା ବାରଅଣା—

ମୁଦ୍ରାକର
ଶ୍ରୀ ମଦନ ମୋହନ ଦାସ
ମୁକୁର ପ୍ରେସ୍,
କଟକ-୨

## ପ୍ରଥମ —

17 JUL 1959

ମରୁଆ ଭାର ବେମାରିଆ ବାପଟିକୁ ଧରି କଟକ ସହରରେ ତିନି ଦିନ କାଳ ଭୋକ ଉପାସରେ ବୁଲି ବୁଲି ଯେତେବେଳେ କୋଉଠି ଟିକିଏ ମୁଣ୍ଡ ଗୁଞ୍ଜିବାକୁ ଥାନ ପାଇଲା ନାହିଁ — ବଡ଼ ସହରକୁ ପେଟ ପୋଷି ପାରିବାର କୋଟି ଆଶା କରି ଆସି ସେ ଏକାନ୍ତ ନିରାଶ ହେଲା — ଭାବିଲା ଆଉ ଏଠି ରହିବ ନାହିଁ ; ଯୁଆଡ଼େ ଦି ଆଖି ବାଟ କଢ଼େଇବ ସେଇଆଡ଼େ ବଣ ଜଙ୍ଗଲ, ଅରମା ଅପନ୍ତରା ଯୁଆଡ଼କୁ ହେଲେ ଚାଲିଯିବ । ସେଠି ଜୀବନ ରହିଲେ ରହିବ ନଇଲେ ଛାଡ଼ି ଯିବତ ଯିବ । ଖାଲି ବେମାରିଆ ବାପାଟା ଯାହା ଗୋଡ଼କୁ ବେଢ଼ି — ନଇଲେ କୁଆଡ଼େ କୁଆଡ଼େ ହେଲେ ସେ ଯାଆନ୍ତା ଚାଲି ।

ଖରା ଦିନ ଘରି ନେଉଛି ଅସୁଥାଏ –ଭୁଲ ଭୁଲ ଥକାମରା ସେ ମାଟିକୁ ଯେତେ ନ ହେଇଚି, ବାପ ତାଠୁଁ ବେଶି ହାଲିଆ ହୋଇ ପଡ଼ିଲାଣି । କାଠଯୋଡ଼ି କୂଳେ ଯାଇଁ ପହଞ୍ଚିଲା । ପାଣି ମୁନ୍ଦାଏ ପିଇ, ବାପକୁ ପିଆଇ ରାତିଟା ହେଲେ କାଟିଯିବ ମନ କରି ଖରା ଦିନିଆ ନଈ ରାସ୍ତା ଦେଇ ପାଣି କୂଳକୁ ଗଲା । ବାପ ପାଣି ମୁନ୍ଦାଏ ପିଇ ଟିକିଏ ସାବ୍ୟସ୍ତ ହେଲା –ପାଣି କୂଳେ ଘାଟ ଘର— ବାପ କହିଲା ଝିଅଲୋ ଏଇ ଘାଟଘର ଛାଟି ତଳେ ରହି ଆଜି ରାତିଟା କଟାଇ ଦବା ମ । ଝିଅ ହଁ ଭରିଲା । ଘାଟ ଇଜାରଦାରର ଗୁମାସ୍ତା ମଳୁଆକୁ ଦେଖି ପଚାରିଲା –କିଲୋ ତୁ କ ଘର ଝିଅ, କୁଆଡ଼େ ଯିବୁ ? ମଳୁଆ କହିଲା—ନାହିଁମ ସାଆନ୍ତେ ବେମାରିଆ ବାପାଟା ଭାରି ଥକା ମରା ହେଇଚି, ଟିକିଏ କୁଡ଼ିଆ ଛାଟି ତଳେ ମୁଣ୍ଡ ଗୁଞ୍ଜିବାକୁ ଆନ ଦିଅନ୍ତ କି ରାତିଟା କଟି ଯାଆନ୍ତା । ଗୁମାସ୍ତା କଅଁଳ ଖରାରେ ମଳୁଆକୁ କଣେଇ କରି ଅନେଇଲା ଗୋଡ଼ଠୁଁ ମୁଣ୍ଡଯାଏଁ । ପଶ୍ଚିମରେ ନରାଜ ଠାଙ୍ଗର କାନ୍ଥରେ ସୂର୍ଯ୍ୟ ବୁଡ଼ି ଯାଉଥାଏ, ହୋର ଖେଳିଆ ରଙ୍ଗ କାଠଯୋଡ଼ି ପାଣିରେ ଜଳୁଛି ମଳୁଆର ଉଜଳ ମୁହଁଟିକି ମଣ୍ଡି ଦେଇଥାଏ । ଗୁମାସ୍ତା କ୍ଷଣେ ଗୁହିଁଲା କଣ ଭାବିଲା, କହିଲା—ହଉ ରହ । ନଈବାଲିରେ ଛାଟି ଘେରା ଘାଟ ଘର ପଛ ପଟକୁ ଖଣ୍ଡେ ଗୁଳିଆ, ସେଇଟିକି ମଳୁଆ ଓ ତା'ବାପକୁ ଦେଖାଇ ଦେଲା ।

ସାରା ଦୁନିଆ ଭିତରେ ମଳୁଆ ଆଉ ତା ବାପାର ସବୁ ସମ୍ପଦ ଖଣ୍ଡେ ଅଖା ପାଲରେ ଯତ୍ନ କରି ବୁଜୁଳି ବନ୍ଧା ହୋଇଥାଏ । ସେଟିକି ସେ ଗୁଳିଆ ସବାଭିତରକୁ ସମ୍ପଦ ଥୋଇ ମଳୁଆ ନଈ ବାଲିକି ହାତରେ ସଜାଡ଼ିଲେଇ ବସିଲା, ବାପାକୁ କହିଲା— ଭୁଜୁଳିଟାକୁ ମୁଣ୍ଡ ଦେଇ ତୁ ଏଇଠ ଶୋ, ହାଲିଆ ହୋଇ ଗଲୁଣି,

ମୁଁ ଏମେତେ ତୋ କଡ଼କୁ ଶୋଇବି । ସାନ ପିଲାଟି ପରି ମଟୁଆ କଥା ମାନି ମଟୁଆ ବାପା ହରିଆ ବାଲି ଶେଯରେ ଢଳି ପଡ଼ି କହିଲା ଓହୋ ଠାକୁରେ । ମଟୁଆ ପାଦ ତଳେ ବସି ବାପା ଗୋଡ଼ ଅଉଁସି ବସିଲା । ଥାଉଁଲେ ମା କହି ହରିଆ ଭଲ କରି ଗୋଡ଼ ଦଟା ସାରି ଦେଲା ।

ଗୁମାସ୍ତା ଗାମ ପ୍ରଧାନ ଦାନ୍ତ ଘଷିବା ବହାନା କରି ଘାଟ ଘର ପଛ ପଟକୁ ଗାଲଟା ଧରି ଆସି ବସିଲା । ପଧାନେ ଢଞ୍ଚା ପୁରୁଷ ମରଦଟିଏ—ବୟସ ଗୁଳାଗ ଟପି ଯିବଣି । ଲୋକେ କହନ୍ତି ମଣିଷ ନାସ୍ତିକ ହେଲେ କା ବୟସ ହେଲେ ପେଟଟା ବାହାରେ । ଘାଟ ଠିକାଦାର ଆଖିରେ ଧୂଳି ଦେଇ ପଧାନେ ଘାଟ ମାହାସୁଲରୁ ବେଶ୍ ଦି’ ପଇସା କରେ । ଖରିଦାଳିଆ ରାସ୍ତା ନଇଁରେ ପଡ଼ିଗଲେ ପଧାନକୁ ବାଇପାଲକ ପଡ଼ିଯାଏ । ଶୀକାରବାଇ ମଟରବାଲାମାନେ ପଧାନକୁ ଭଲ ହାତଗୁଞ୍ଜା ଦେଇ ଘାଟ ମାସୁଲ ଏଡ଼େଇ ଦେଇ ଯାଆନ୍ତି । ବଡ଼ ପେଟର ଗମ୍ଭୀର ନାହି ତଳକୁ ଲୁଗା ପିନ୍ଧି ପଧାନେ ଅଣ୍ଟାରେ ପୁଳାଏ ଟଙ୍କା, ପଇସା ମିଶେଇ ମାରିଥାଏ । ଆଉ ପାଖରେ ପାନ ଡବାଟା, ସେଇଟା ତାର ଭାରି ସଉକ । ନାଗ ଦନ୍ତଟା ଓଁ ମଣ୍ଡି ବାଲକୁ ଦନକୁ ଦଶଥର କୁଣ୍ଡେଇ ବେଶ ସଜାଡ଼ି ରଖିଥାଏ । ପାନ ପାଟିରୁ ଦଣ୍ଡେ ଛାଡ଼ି ଯାଏ ନାହିଁ । ଦେଖିଲେ ଖୁବ ଖାମଦାନିଆ ମାମଲତକାରିଆ ପରି ଦଶେ ।

ପଧାନ ମଟୁଆଠୁ ଖଣ୍ଡେ ଦୂରରେ ତାକୁ ଆଗ କରି ଡାଳ ଧରି ଦାନ୍ତ ଘସି ବସିଲା । ଆଖି ମଟୁଆ ମୁହଁ ଉପରେ । ମଟୁଆ ହାତେଟେ ବାପା ଗୋଡ଼ ଅଉଁସୁଥାଏ ଆଉ ହାତେଟେ ନଇଁ ସରୁ ବାଲି ସାଉଁଳେଇ ତା ଦହରେ ଫୁଲ ପତ୍ର କାଟୁଥାଏ । ପଧାନକୁ ଅଗ

ସାମନାରେ ଦେଖି ମୁହଁ ତଳକୁ ପୋତି ଦେଲା । ମଗୁଆ କୋଷି, ପତଳୀ, ନାକ ଓଠ ମୁହଁ ଧାରୁଆ, ଆଖି ଦିଓଟି ଲମ୍ବା—ଭାସିଲା ପରି, ଦିହ ଓ ମୁହଁଟି କଅଁଳ ଛନଛନ । ଦିହ ମୁଣ୍ଡରେ କିଛି ବାହିଁ ନ ଥିଲେବି ବୟସ ଉଇଁ ଆସୁଛି । ଦେଖିଲେ ଆଖି ପୂରିଯିବ, ମନେ ହେବ କୋଉ ରଜା ରାଜୁଡ଼ିଆ ଘରର ହବ ନିଶ୍ଚେ । ପଧାନ ଥରେ ଦୋଥର ଗଲା ଖଙ୍କାର ମାରିଲା । ମଗୁଆ ମୁହଁ ନ ଟେକିବାରୁ ଡାକି ପଚାରିଲା – ହଇଲେ ଟୋକା, ଭୁଜା ପୁଜା କିଛି ଖାଇଛୁନୁ । ମଗୁଆ ସେମିତି ମୁହଁ ପୋତି ମୁଣ୍ଡ ଡୁଙ୍ଗାଉ ନାହିଁ କଲା । ସାଭଟାରେ ଓପାସ ଶୋ ନା ମ   ଚୁଡ଼ା ଦିଟା ଦଉଚି ଭିଜେଇ କରି ଖା—ଗୁଡ଼ ଦେବି । ମଗୁଆ ବାପାର ଝାଂପଟା ନିଦ ଭାଙ୍ଗିଗଲା । ସେ ଧଡ଼ପଡ଼ ହୋଇ ଉଠି ବସି କହିଲା—କଣ ଗଣ୍ଡାଏ ଦିଅନ୍ତୁ କି ସାଆନ୍ତେ, ତିନି ଚାରି ଓଳି ହବ ପେଟରେ ଦାନା ପଡ଼ିନାହିଁ । ପଇସାକର ଭୁଜାରେ ଦିନ କଟି ଯାଉଚି । କୋଉଠି ମୁଣ୍ଡ ଗୁଞ୍ଜିବାକୁ ବି ଆଶ୍ରା ମିଳିନାହିଁ । ମଗୁଆ ବାପକୁ ଚୁମୁଟି ଥରି ଥରି କହୁଥାଏ—ବାପା ଆଉମ—ସିଡାଟା କଣ କଟିଯିବନି । ମଗୁଆ ବାପ ଆଖିରୁ ଲୁହପୋଛି କହିଲା—ସାଆନ୍ତେ ମ, ମଗୁଆକୁତ ଖାଲି ନାଗ ଖାଇଯାଉଚି—ବିଚାରି ବେଡ଼େ ଅଲଅଲରେ ବଢ଼ିଥିଲା । ମଗୁଆର ଆଖି ଟିକିରି ଦିଟୋପା ଉଷୁମ ଲୁହ ତା ବାପ ଗୋଡ଼ରେ ପଡ଼ିଲା ।

ହରଅ ଝିଅକୁ କୋଳକୁ ଆଉଜାଇ ଆଣି କହିଲା—ୟାରି ଯୋଗୁ ହିନା ସାଆନ୍ତେ, ସବୁ ଦୁଃଖ କଷ୍ଟ ପାଶୋରି ଦେଇଛୁ । ଛାତିର କୋହ ଛାତିରେ ମାରି ଏରିଅକୁ ଅଜାର ଲଜଡ଼ୀ କରି କୋଉ ସାଇଜରୁ ଆସି ବାରଦ୍ୱାର ଶୁଣି ପିଣ୍ଡା ହଉଚି ।

ପଧାନ ଘର ଭିତରକୁ ଯାଇଁ ଗୋଟିଏ ଡ଼ୋଙ୍ଗେଇରେ ଚୁଡ଼ା ଗଣ୍ଡାଏ ଓ ଖଣ୍ଡେ ନବାତ ଆଣି ମଗୁ ପାଖରେ ରଖି ପଚାରିଲା—କଂସା

ବେଲ୍ଲ କିଛି ଅଛି ନା ? ମଗୁଆ ଗୁଜୁଲି ଖୋଲି ଖଣ୍ଡିଏ କଂସା କାଢ଼ି ଆଣି ଥୋଇଦେଲା । ସାନ ଟିଣ ଗଣ୍ଡେ ଧରି ପାଣି ପାଖକୁ ଗଲା । ପଧାନ ପଚାରିଲା—ବୁଢ଼ା ତୋ ଜାତି ପତି, ଘର ଦୁଆର କଥାତ କିଛି କହିଲୁନୁ । ସେ ଯାଇଁ ଗୋଟାଏ ମହାଭାରତ କଥା ସାଅନ୍ତେ, ଥାଉ ଆଉଦିନେ କହିବି ମଗୁଆ ନଥିବା ବେଳେ । କଣ କହିବି ସାଅନ୍ତେ—ଜୀବନ ଯାଉ ନାହିଁ କି ଦିନ ସରୁ ନାହିଁ । କେତେ ଦୁଃଖ କଷ୍ଟ ସହି ଦେହ ବେମାରିଆ ହୋଇଗଲା ସିନା, ବୟସ ଦିକୋଡ଼ି ଟପି ନଥିବ ପରା । ଆମ୍ଭେ ଚୁଆଁ ଜାତି ଆମେ ପଧାନଘର ଥିଲୁ, ଘର ଯାଇଁ ଛତଣଗଡ଼ ରାଇଯରେ । ଥାଉ, ଆଉ ଦିନେ ସବୁ କହିବି । ହଉ ହଉ, ବାପ ଝିଅ ବସି ଖା । କୁଅଁ ଟୋକାଏ ଥିବପରା ଆଣିଦିଏଁ, ଚୂଡ଼ାରେ ପକେଇ ଖାଇବ କହି ପଧାନ ଘରଭିତରକୁ ଚାଲିଟା ଦେଇ ପଶିଗଲା । ନାଇଁ ଥାଉ ସାଅନ୍ତେ ଏତିକି ଯାହାଦେଲେ ବହୁତ ଅନୁଗ୍ରହ—କହି ହରିଆ ଚୂଡ଼ା ଭିଜେଇ ବସିଲା । ଅଉ ସାନ ସିଲଭର ଗାଟିଆଟିଏ କାଢ଼ି ମଗୁଆ ସେଥିରେ ନବାତ ଚୂରୁଥାଏ, ଝର ଝର ହୋଇ କାନ୍ଦୁଥାଏ । ହରିଆ ଦେଖିଲା—ତୋତେ ଚାହିଁ ସିନା ସବୁ ଦୁଃଖ କଷ୍ଟ ପଥର ପରି ସହି ଯାଉଚି ମଗୁଆ, ତୁ କାନ୍ଦିଲେ ମୋର ଦେହ କେତେକେ ସହିବ । ଠାକୁରେ ଦିନେହେଲେ ଦୟା କରିବେ ଲୋ ମା, ତୋତେ ଦେଖି ସିନା ଜୀବନ ଧରିଚି, ତୁ ଏଡ଼େ ଅଧୈର୍ଯ୍ୟ ହେଲେ କିଏ ଆଉ ମୋତେ ବଞ୍ଚେଇ ରଖିବ ବାପୁଡ଼ିଲୁ । ମଗୁଆ ତୁନି ପଡ଼ିଲା । ପଧାନ ଦୁଧ ମୁନ୍ଦିଏ ଆଣି ଦୁରେଇ କରି ହରିଆ କଂସାରେ ଅଜାଡ଼ି ଦେଇ ଘର ଭିତରକୁ ପଶିଗଲା ।

ବାପଝିଅ ବସି ଖାଉଥାନ୍ତି । ପଧାନ ପୁଣି ବାଆଁରେଇ ହୋଇ ସେଠିକି ଆସିଲା—କାଲେ ପଦାକୁ ପବନକୁ ବସି ଖାଉନ୍ତୁ, ସେ

ଟେଙ୍ଗରେ କାହିଁକି ପଶିଚୁ ମ । ସାନ ଛୁଆଟା ଗୋଟି ଏତେ ଲାଜ । ବାପ ବୋଲରେ ମଟୁଆ ପଦାକୁ ଘୁଞ୍ଚି ବସିଲା ପଧାନ ଆଡ଼କୁ ପିଠିକରି । ପଧାନ ଏଣେ ତେଣେ ଅନେଇବା ଭିତରେ ମଟୁଆର ପଛପଟ ଛିଣ୍ଡା ମଇଳା ଖଦ, ନୁଖୁରା ବାଳରେ ବଡ଼ ଗଣ୍ଠି, ସରୁ ଅଣ୍ଟା, ଓସାରିଆ ପିଠି ସବୁ ତଜ୍‌ବଜ କରି ଦେଖିନେଲା । ପଚାରିଲା ତମ ନାଁ କଣ କହେ। ମଟୁଆ ବାପା । ହରିଆ ବଡ଼ ଗୁଣ୍ଡାଟିଏ ଚିଲିସାରି କହିଲା—ମଣିମା ମୋ ନାଁ ହରି—ହରି ବଣ୍ଟିଆ । ଆଜ୍ଞା ହରିଆ, ଦେହମାରିଆଟା ଦିଶୁଛୁ, କିଛି ହାଲୁକା କାମ ଦେଲେ କରିପାରିବୁ । ଆଜ୍ଞା ହଁ ସବୁ ପାରିବି । ଦିହ ନଗେଇ ମନଦେଇ ସବୁକାମ କରିବି । ବାବୁଆ ଦିହଟା ପାରୁନାହିଁ ବେଶି, କଣ କରିବି ଯାହା ହେବ ଦିହରେ ସବୁ କରିବି । କି କାମ ଆଜ୍ଞା ? ପଧାନ କହିଲା ଏଇମ ଘାଟ ଘର ଗୃହପାଖ, ଘର ଭିତରଟା ପାଣି ପକାଇ ଓଳେଇ ଅଳେଇ ସଫା ରଖିବୁ, ବୋଲହାକ ଠାଏ କରିବୁ, ବଜାରକୁ ଯିବୁ, ଯାଇଁ ଖାଇବାର ଆଣିବୁ—ଆଉ ଯେତେବେଳେ ଯାହା ପଡ଼ିବ କରିବୁ । ସାର କଥା ଏଇଟି, ଏଇ ଘାଟ ଘରେ ରାତି ଦିନ ଜଗି ପଡ଼ିଥିବୁ । ହରିଆ ଥକାହୋଇ ଟିକିଏ ଭାବି କହିଲା—ଆଜ୍ଞା, ସବୁ ପାଇଟି କରିବି ଯେ, ଆଉ ଖାଇବା ପିଇବା ଛୁଇଁବି ନାହିଁ ମଣିମା । ଗୋଟାଏ କଥା ଯୋଗୁ ଗାଁ ଲୋକେ ପରା ମତେ ଏକ ଘରିଆ କଲେ, ଅଜାତି କଲେ, ବନେଇ କୁକୁରପ ଗୋଇଠାମାରି ମୋତେ ଗାଁରୁ ନିକାଳି ଦେଲେ । ରାତି ଅଧ ପିଲା କବିଲା ଧରି ଘୋର ଜଙ୍ଗଲ ବାଟରେ ପଳେଇ ଆସିଲି—ତ ଗାଁରେ କେହି ସାହା ଭରସା ହେଲେନାହିଁ ଯେ ଗୋଟିଏ କଣ୍ଢୁରୁଣୀ ବୁଢ଼ୀ ଘରେ ବଳେ ପଶି ରହିଲି—ଜମି ଜମା ସବୁ ତ ଯାଇଥିଲା—ସେଥିପାଇଁ ଶୋଚନା ନ ଥିଲା । କଣ୍ଢୁରୁଣୀ ଘରେ

ପଣି ଜାଣ ଗଲା, କୁଳ ଗଲା, ଜୀବନ ମାତ୍ର ରହିଲା । ଥାଉ ସେ ବହୁତ କଥା ଆଉଦିନେ କହିବା ସାଆନ୍ତେ । ହରିଅ କହି ଯାଉଥାଏ, ତା ଦି'ଆଖି ଲୁହରେ ଭାସି ଯାଉଥାଏ । ପଧାନ ହରିଅକୁ ଆଶ୍ୱସନା ଦେଇ କହିଲା—ଶୁଣୁ, ତୁ ଖାଲି ଗୋଟାଏ କଥା କର, ତୁ ଏଇ ଘାଟଘର ଗୁଳିଆରେ ମରୁଆକୁ ନେଇ ଥା'କ । ରାତି ଦ ଭଣି ଘଡ଼ି ତ ମୁଁ ଚେଇଁ ଥାଏ, ତିନି ଘଡ଼ି ଉତ୍ତରୁ ତୁ ଘାଟ ଧଡ଼ାକୁ ଜଗିଥିବୁ । ଦିନ ବେଳା କୋଉଠି କେମିତି ଏଇ ଖସ୍ରାଦନିଆ ନଈ ରାସ୍ତାରେ ପାଣି ପକେଇବୁ, ସମାନ କରିବୁ, ଧୂ ଝୁମୁସ ଦବୁ, ଏତିକି ତ । ହରିଅ ହଁ ଭରିଲା । ହଉ ଆଜ୍ଞା । ମଣିମାଙ୍କର ଯୋଉ ଅନୁଗ୍ରହ । ଯାହା ବତେଇବେ ସବୁ କରିବ । ହରିଅକୁ ଅଳସୁଆ ବୋଲି କେହି କହୁ ନାହିଁ । ଏଇ ଟିଅ ବକଟକ ପାଇଁ ଅଜ୍ଞା, ପରା ସାତ ସମୁଦ୍ର ତେର ନଈ ସତର ପାହାଡ଼ ପାରିହୋଇ ଆସିଲିଣି । ଆଉ ଜୀବନରେ କେତେ ଭୋଗ ଅଛି କେଜାଣି । ପଧାନ ହରିଅ ଉପରେ ଭାରି ପ୍ରସନ୍ନ ହୋଇଗଲା । ହଉ ତୁ ନିୟମିତ କରି କାମ କର, ତୋର ପେଟ ଅପୋଷା ରହିବ ନାହିଁ କି ମରୁଆ ପାଇଁ ତତେ ଚିନ୍ତା କରିବାକୁ ହବନି, ସେ ଭାର ମୋ ଉକ । ହରିଅ କଣ୍ଠ ରୁଦ୍ଧ ହୋଇଗଲା— ଡାକ ଛାଡ଼ିଲା— ଭଗବାନ ! ଠାକୁରେ ! ଗଳା ଝାଡ଼ି କହିଲା—ଆଜ୍ଞା ଏ ଦିଟା ପ୍ରାଣୀର ଦୁର୍ଦ୍ଦଶା ସହି ନ ପାରି ଠାକୁରେ ସାଆନ୍ତକୁ ଆମକୁ ଉଧାରିବା ପେଇଁ ପଠେଇଚନ୍ତି । ନଇଲେ ଏତେହୁତି ଯାସବୁ ଅସନ୍ତା କାହୁଁ । ଠାକୁରେ ଏତେଦିନେ ଗରିବ ଦୁଃଖ ଶୁଣିଲେ ପରା । ବାଁ ହାତରେ ମରୁଅକୁ କୁଣ୍ଢେଇ ଭୋ ଭୋ ହୋଇ କାନ୍ଦ ଛାଡ଼ିଲା । ପଧାନ ମନକୁ ସବୁଯାକ ଭାରି ପାଇଲା । ଖଞ୍ଜ ସରଗର ଅନ୍ଧାର ଚିରି ଧାଡ଼ିଏ ବଗ ପଧାନର ମୁଣ୍ଡ ଉପରେ ଦେଇ ଭାସି ଚାଲିଗଲେ ।

—ଶାଭ—

ଗାଡ଼ି, ମଟର, ସାଇକଲ୍, ମାସୁଲ ଅସୁଲ କରିବାରେ, ଧଡ଼ା ଫିଟାଇବା ଲଗେଇବାରେ ଧାଁ ଧପଡ଼ରେ ରାତିର ପହିଲୁ ପହର, ଆଉ ପହରର ଅଧାଅଧି କଟିଗଲା । ୧୧ଟା ବାଜୁ ନ ବାଜୁଣୁ ପଧାନଘର ବଦଳିଆ ତାଙ୍କଘରୁ ଖାଇବା ଧରି ଆସି ପହଞ୍ଚିଲା । ପଧାନ ମୁହଁହାତ ଧୋଇ ଖାଇ ବସିଲା । ବଦଳିଆ ବଡ଼ ହାଇଟାଏ ମାରି ଲମ୍ବ ହୋଇ ବାଲିଶେଯରେ ଚିତ୍‌ହୋଇ ଶୋଇ ପଡ଼ିଲା । ପଧାନ ସବୁଦିନେ ବିଗିଡ଼ି ଯାଏ, ଆଜି ଆଉ ତା' ଉପରେ ବିଗିଡ଼ିଲା ନାହିଁ । ସେ ଶୋଇ ପଡ଼ିଲେ ଭଲ । ଶୋଇ ପଡ଼ୁ ନ ପଡ଼ୁଣୁ ପଧାନର ଗୋତି ବଦଳିଆ ଘୁଙ୍ଗୁଡ଼ି ମାରିବା ଆରମ୍ଭ କରିଦେଲା । ପଧାନର ସେ ଆଡ଼କୁ ଲକ୍ଷ ନାହିଁ । ପଧାନର କାନ ପଛପଟ ଗୋତିଆ ଆଡ଼େ—ହରିଆ ଶୋଇପଡ଼ିଲାଣି କି ନାହିଁ—ମନ୍ଥୁଅ କଣ କରୁଥିବ, ନିଦରେ ଶୋଇ ପଡ଼ିବଣି ପରା । ପଧାନ ଖାଇସାରି, ଯାହା ଡାଲି ତରକାରି ବଳିଲା ଛାଞ୍ଚି ରଖିଦେଲା—କିଏ କେତେ-ବେଳେ ଆସିବ, ମାଗିବ କରିବ । ପଛପଟକୁ ଯାଇ ମୁହଁ ଧୋଇଲା ବେଳେ ଖୁବ୍ ଜୋରରେ ଦି ତିନିଥର ଗଳା ଝାଡ଼ିଲା । ଅନ୍ଧାରରେ ଦଣ୍ଡେ ଠିଆହେଲା—କାହାରି କିଛି ସ୍ୱର ଶବଦ ନାହିଁ । ଜୋର୍‌ରେ ନିଶ୍ୱାସଟାଏ ପକେଇ ଘର ଭିତରକୁ ଗଲା । ବଇଦା ! ବଇଦା । ହେ ବଇଦା—ଭଲ ଗୋତି ବଦଳିଆ ଆସିଛୁ ଏକା, କିରେ ଉଠୁନୁ । ବଇଦା ବଦଳିଆ ନିଦ ମଳ ମଳ ହୋଇ ଉଠିଲା କହିଲା—ତେମେ ଯା ତେବେ ଘରକୁ, ମୁଁ ତ ରହିଲି । ତୋ ଭଳିଆ ଗୋତି ଜଗୁଆଳି ରହିଲେତ ଇଯାରଦାରର ବଇଁଶ କୁଟୁମ୍ବ ନିହାଲ । ଶୁଣୁ, ମୋର ଆଜି କାମଅଛି ମୁଁ ଘାଟଘରେ ରହିବି । ଆଜି ଅଟମଇଶା, ମେଘ ମାଡ଼ି ଆଇଲାଣି ଉତ୍ତରୁ, କେତେ ବାବୁଭେୟା, ସରକାରିଲୋକ ସବୁ ମଟରରେ ଶୀକାର କରି ଗଡ଼ିବେ । ବେଶ୍ ଦି ପଇସା ମାହାସୁଲ

ଯାଦାଏ ହବ; ତୁ ଯା ଘରେ ଶୋଇବୁ । ବଇଦା ଅଳସ ଭାଙ୍ଗି ମଠେଇ ମଠେଇ ଉଠି ବସିଲା—ଭମ ଟିପିନ୍ ଟା ଦଅ ନେଇଯାଏଁ କହୁଁଠିଅହେଲା । ନାଇଁ ଥାଉ, ମୁଁ ସକାଳେ ସାଙ୍ଗରେ ନେଇଯିବି ନଇଲେ ତାହା ହାତରେ ପଠେଇ ଦେବି କହି ପଧାନ ଭରବରରେ ବଇଦାକୁ ବିଦାକରି ଛାଟି କବାଟ ପକେଇ ଦେଇ ବାଲିଉପରେ ପଡ଼ି ହୋଇଥିବା ଯାଉଁଳି କବାଟ ଖଟିଅରେ ମଶିଣାଟା ପାରି ଲମ୍ବହୋଇ ପଡ଼ିଗଲା । ରାତି ଦୁପହର ଗଡ଼ିଗଲା—ଅଖିରେ ନିଦ ନାହିଁ । ପଧାନର ଦହଟା କେମିତି ଉଚାଟିଅଟା ନାଗୁଥାଏ—ଏକଡ଼ ସେକଡ଼ ହୋଇ ସେ ଅଲଲାଣି । କେତେଥର ସେ ପଛପଟକୁ ଗଲାଣି । ପିକ ପକେଇ, ମୁହଁ ହାତ ଧୋଇ, ଏମିତି କେତେଥର କେତେ ବାହାନାରେ । ପଛପଟ ଗୁଳିଅରେ କାନଡେରି କେତେ ନିଶ୍ୱାସ ବାରିଲାଣି—ଛାଟି ଖଡ଼ ଖଡ଼ ଧଡ଼ ଧଡ଼ କଲାଣି, କାହାରି କିଛି ସୋର ଶବଦ ନାହିଁ । ପଧାନ ଅସି ଖଟିଅରେ ପଡ଼ିଲା । ଅନାହୁତ ଖଣ୍ଡେ ଚହଟ ବିଜୁଳି ମାରିବା ସାଙ୍ଗେ ସାଙ୍ଗେ କାନ ଫାଟିଦା ଭଳି ଗୋଟାଏ ଯୋର ଘଡ଼ଘଡ଼ି ମାରିଲା । ଯୋର ଧୁମାଳଟାଏ ହବ କି ଘୋର ବରଷା ଅସିବ ଏ ହେବ ଏଇଅ ଭାବୁ ଭାବୁ ସୁ ସୁ ହୋଇ ପବନ ପଲକ ନ ପଡ଼ୁଣୁ ମାଡ଼ିଅସିଲା । ସବୁ ବାଲି ଉଡ଼ି ଛାଟିଘର ଫାଙ୍କରେ ପଶି ଦହମୁଣ୍ଡ ଅଖିକାନ ସବୁ ଭର୍ତ୍ତି ହୋଇଗଲା । ଦମକା ପବନ ଯୋରରେ ପଛପାଖ ଗୁଳିଘର ଗୁଳ ଉଡ଼ି କୁଆଡ଼େ ଯାଇଁ ପଡ଼ିଲା । ସୁ ସୁ ହୋଇ ପବନ ଗରଜି ଗରଜୁ ବଡ଼ ବଡ଼ ଟୋପାରେ ଅସରାଏ ଟାଣ ବର୍ଷା ବର୍ଷି ଅସିଲା । ମରୁଅ ବଡ଼ ପାଟିକରି ବାପାକୁ ଉଠେଇ ଛାତି ବୁଜୁଳା ବୁଜୁଳି ସମ୍ଭାଳୁ ସମ୍ଭାଳୁ ପଧାନ ବାଡ଼ଛାଟି ବହୁ କଷ୍ଟରେ ଟିକିଏ ଫାଙ୍କକରି ଡାକ ପକେଇଲା—ମରୁଅ କଡ଼ବାଙ୍କେ

ଅଣ୍ଟେ ପଶେଇ ଏ ଘର ଭିତରକୁ । ହରିଆ କହିଲା ଆଜ୍ଞା ଗୁଳିଆ ଉଡ଼ିଗଲାଣି ମେଘ ଅନ୍ଧାରରେ ବାଟ ଦିଶୁ ନାହିଁତ, କାହିଁ କୁଅଡ଼େ ଯିବ । ଛାଟି ଫାଙ୍କରେ ପଧାନ ଲଣ୍ଠନଟାକୁ ଟେକି ଧରିଲା— ଏଇ ଅଲୁଅ ବାଟ ଗୁଳିଅ, ଗୁଳିଆ । ମରୁଆ ଆଉ ତା ବାପା ବହୁ କଷ୍ଟରେ ବୁଜୁଲାଟାକୁ ଟାଣି ଘୋଷାରି, ଗୁରୁଣ୍ଡି ଅଣ୍ଡାଳି ପଧାନ ଘର ଭିତରକୁ ପଶି ଆସିଲେ । ସେତିକିବେଳେ ଛାଟି ଫାଙ୍କରେ ଝଲକାଏ ପବନ ପଶି ପଧାନର ଲଣ୍ଠନଟି ଧପ କିନି ଲିଭିଗଲା । ପଧାନ ହାତେକେ ନିଭା ଲଣ୍ଠନ, ହାତେକେ ଛାଟି କବାଟ ଆଉଜେଇ ଧରି ଥାଏ । ସୁ ସୁ ହୋଇ ପବନ ପିଟୁଥାଏ, ବର୍ଷା ମାରୁଥାଏ ସତେ ବା ଛାଟି ଘରଫର ଉଡ଼େଇ ନେଇ କାହିଁ ଫୋପାଡ଼ି ଦବ । ହରିଆ ଅଣ୍ଡାଳି ଅଣ୍ଡାଳି ଛାଟି କବାଟ ଭିଡ଼ିଧରିଲା କହିଲା ସାଆନ୍ତେ ମୁଁ ଛାଟି ଭିଡ଼ି ଧରିଚି । ତମେ ଲଣ୍ଠନଟା ଲଗା । ମେଚିସ କୋଉଠି ଯାଇଁ ପଡ଼ିଚି କି ଉଡ଼ି ଗଲାଣି କେଜାଣି କହି, ପଧାନ ଅନ୍ଧାରରେ ବାଟ ଦରାଣ୍ଡି ଆଗେଇଲା ବେଳେ, ଗୋଟାଏ ହାତ ମରୁଆ ମୁହଁରେ ବାଜିଗଲା । ମରୁଆ ଅପସରି ଯାଉଁ ନ ଯାଉଁ ପଧାନ ସମ୍ଭାଳି ନପାରି ଉଚ୍ଛନ୍ନ ହୋଇ ମରୁଆକୁ ଚିପିଚୁପି ପକାଇଲା । ଆଃ । ବୋଲି କହି ମରୁଆ ପଧାନର ହାତ ଛୁଆଁଡ଼ି ଦେଇ ଦୂରକୁ ଘୁଞ୍ଚିଗଲା । କୋଉଠି କଣ ମିଳିବକି ଏ ଅନ୍ଧାର ବରଷା ଦୁର୍ଯୋଗରେ; ଏଇଠି ଏଇ ଖଟିଆ ଉପରେତ ଥିଲାବୋଲି ବଡ଼ ପାଟିକରି ପଧାନ ମରୁଆ କଥାକୁ ବୁଡ଼େଇ ଦେଲା । ହରିଆ କାନରୁ ମରୁଆର 'ଆଃ' ଏଡ଼େଇ ନଥିଲା । ପଚାରିଲା କଣ କଲା କିଅ । ପଧାନ କଥା ବାଆଁରେଇ ଦେଇ କହିଲା - ଅନ୍ଧାରରେ ମରୁଆକୁ ଝୁଣ୍ଟି ପଡ଼ିଲି ପରା । ମରୁଆ ଆଉକିଛି କହିଲା ନାହିଁ । ସେ ବୁଜୁଳା ଭିତରେ ଝିଙ୍କ ମକ୍କା ମୁଣିଟା ପାଉଁରୁନୁ

ଲେ ଝିଅ, ପଶୁରଙ୍କ ହରଣ । ମରୁଆ ତକ୍ଷଣେ ଛାଡ଼ିଦେଇ ବାପାଙ୍କୁ ବଢ଼ାଇଦେଲା, ହେଇ ନେ । ନା ମ ତୁ ମାର ସୋଲ ଧରଇଦେ । ଦେଖୁନୁ ମୁଁ ପରା ତାଟିଠାକୁ ମାଡ଼ିବସିଚି । ପବନ ପେଲ୍ ପକାଉଚି । ମରୁଆ ଚକ୍‌ମକ ମାର ସୋଲ ଧରାଇଦେଲା । ଫୋଲ ଫୁଙ୍କି, ସେଇ କଟିମିଟିଆ ଅନ୍ଧାରରେ ଯୋଉ ଝଲକ ଦେଲା ସେଥିରେ ମରୁଆ ମୁହଁ ହାଲୋର ଦିଶିଲା । ଖଟିଆ ଉପରେ ବସି ପଧାନ ସେ ଅଡ଼କୁ ଲୁହୁଁ ହାତେକେତରେ ଦାଅସିଲ୍ ଦରାଣ୍ଡୁ ଥିଲା । ଅଧର୍ଯ୍ୟ ହୋଇ ପଧାନ ହୁଙ୍କି ଆସିଲା ମରୁଆ ଅଡ଼କୁ; ତାକୁ ଘୁଷ୍ଟରେ ଭଣ୍ଡଧର ଅଜକଣି କରଥାନ୍ତା କେଜାଣି, ମରୁଆ ଟର ଟରେଇ ଉଠିଲା । ଏତକି ବେଳେ ଦଗଦଗ ହାଲୋର କରି ଗୋଟାଏ ବିଜୁଳି ହୁଲା ଖସିପଡ଼ିଲା, ନଈ ଅତଡ଼ା ଦେବଦାରୁ ଗଛ ଉପରେ, ପଛେ ପଛେ ପ୍ରଚଣ୍ଡ ଘଡ଼ଘଡ଼ିଟାଏ ମାରି କାନ ତାବଦା କରିଦେଲା । ବାରଦଅ ଗନ୍ଧରେ ଘରଆଙ୍ଗ ପୂରିଗଲା—ଆଖି ପଲକରେ ବର୍ଷାକୁ ନ ମାନି ଦେବଦାରୁ ଗଛଟା ହୁହୁ ହୋଇ ଜଳିଉଠିଲା । ରାମ ରାମ ରାମ କହୁ ପଧାନ ମରୁଆ ଗୋଡ଼ ପାଖରେ କଚୁଡ଼ି ପଡ଼ିଲା । ସାଅନ୍ତ୍ରେ । ମରୁଆ କି ହେଲାଲେ କହି ହରଅ ହାତ ବଢ଼େଇ ଦେଲା । ତାଟି କବାଟ ଟା ଉପରେ ପଡ଼ି ତାକୁ ତଳେ ଚିତ କରିଦେଲା । ଘୋର ପବନ ଘୋର ବର୍ଷା ତାଟିଘର ଭିତରକୁ ପଶିଆସି ସବୁ ଓଲଟ ପାଲଟ କରିଦେଲା । ମରୁଆ ହାତରୁ ସୋଲ ଚକମକି କୁଆଡ଼େ ଛୁଆଁଡ଼ି ହୋଇ ପଡ଼ିଲା । ମରୁଆ ଦହାତ ମୁହଁରେ ଦେଇ ଆଖି ବୁଜି ପଳାଇଲା ଡରରେ । ବିଜୁଳି ଚକମିକରେ ଯେତିକି ଦିଶୁଥାଏ, ସେତିକିରେ ଅଣ୍ଡାଳି ହୋଇ ଯାଇ ପଧାନ ତାଟି ବୁଜି ତଡ଼ାଟାଏ ଡେଇଁ ଦେଲା । ଅଲେ ଘଡ଼ ଘଡ଼ି ବିଜୁଳି ଡର ମାଡ଼ୁଥିବ ପାଖକୁ ଅଟେ ବୋଲି ମରୁଆକୁ ଡାକି କହିଲା । ଅନ୍ଧାରରେ ହାତ

ଭୁଲାଇ ମହୁଆକୁ ଧରିବାକୁ ବସିଲା । ମହୁଆ ଅଧିକ ଘର ଇଣିକୁ କଣିକୁ ଘୁଞ୍ଚି ଯାଉଥାଏ—କିଛି ଚାଟି ଫିଟୁଉ ନଥାଏ । ସେତିକି ବେଳେ ବରଡ଼ା ତାଟିଅପଠ ଦେହରୁ ତାର ପାଖରେ ଫୁଲାଏ ବରଡ଼ା ପବନ ଉଡ଼ାଇ ନେଇ ଏଡ଼େ ମେଲା କରି ଦେଲା—ସୁ ସୁ ହୋଇ ବର୍ଷା ପବନ ସେ ବାଟେ ପେଲି ପଶିଲା । ସେସବୁକୁ ଖାତିର ନକରି, ମେଘ ବର୍ଷା, ବାଆ ବତାସ, ବିଜୁଳି ଘଡ଼ ଘଡ଼ି ନ-ଡରି ମହୁଆ ସେଇବାଟେ ଘରୁ ବାହାରକୁ ଖସିଗଲା । ସେମିତି ବରଷା, ବିଜୁଳି, ପବନ ଘଡ଼ ଘଡ଼ି ନାଦହେଇ ପଡ଼ୁଥାଏ, ସେଇ ଘୋର ଅନ୍ଧାର ଅଜଣାର ଭିତରକୁ, ଦୁନିଆର ସେଇ ଅଦେଖା ଅରମା ଭିତରକୁ ବସାଭଙ୍ଗା, ହୁରୁଡ଼ା କାପତି ପରି କୁଆଡ଼େ ବିକଳ ହେଇ ଉଡ଼ି ଚାଲିଗଲା । ପଧାନ ବଡ଼ ପାଟିକରି ଡାକିଲା—ବାପର କଅଁଳ କରୁଣ ଡାକ ଥରେ ଦିଥର କାନରେ ବାଜିଲା, ଥରେ ଦିଥର ଥମିଲା ଫେରି ଆସିବ ବୋଲି—ଫେରି କୁଆଡ଼େ ଉଡ଼ି ଚାଲିଯାଇ ସେ ଅନ୍ଧାରରେ ମିଶିଗଲା । ତାଟି ଘର କଣ ପାଖ ମେଲାରେ ଗୋଟାଏ ମଶିଣା ଦରାଣ୍ଡି କରି ବୁଜା ଦେଉ ଦେଉ ପଧାନ ହରିଅକୁ ଆଶ୍ୱାସ ଦେଉଥାଏ—କୁଆଡ଼େ ଯିବମ୍; ଏଇ ଘଡ଼ ଘଡ଼ି ଚଡ଼ି ଚଡ଼ିରେ ମୋହ ହେଇ ଯାଇଥିବ । ରହ ଲଣ୍ଠନ ଲଗାଏଁ ଦେଖିବା—ଏମିତି ବିକଳ କାହିଁକି ହଉଚୁ । ହରିଆ ଖାଲି ବୋହ ହେଇ ଦରାଣ୍ଡି ହଉଥାଏ—ମହୁଆ ଲୋ—ମହୁଆ । ଆଖି ଫୁଟେଇ ଦେଇ କୁଆଡ଼େ ଲୁଚିଗଲୁ ଲୋ ଝିଅ—କାହିଁ ମାଆନ୍ତେ କୁଆଡ଼େ ତ ତାକୁ ପାଉନାଇଁ; ସବୁଆଡ଼ ତ ଦରାଣ୍ଡେ ସାଇଲଣି—ପଧାନ କହୁଥାଏ ରହ ଅଲୁଅ ଲଗାଏଁ । ବାଉଁଶ ବଣରେ ପଶି ବଇଁଶୀ ବଜାଇଲା ପରି ବେଗ ପବନ ସିଇଁ ସିଇଁ ସ୍ୱରରେ ନଈ ବାଲି ଜାଗୁଟିଆ ଶେଯରେ କାନ୍ଦ ଲୋଟିପଡ଼ିଲା—ପବନର ଅଧୀର କରୁଣକୁ

କୁଡ଼େଇ ଦେଇ ହରିଆ ଭେ ଭେ କରି ଡାକପାରି ଉଠିଲା—
ମରୁଆ ଲୋ, ହିଅଲୋ, ସଙ୍ଗାଳିଲୋ !!!

## ଦ୍ୱିତୀୟ —

ମରୁଆର ଯେତେବେଳେ ଟିକିଏ ଚେତା
ହେଲା ଡରି ଡରି ସେ ଆଖି ଖୋଲି ଦେଖିଲା ଗୁଡ଼ାଏ ତେଙ୍ଗା ତେଙ୍ଗା
ଭୂତ ମଶାଣିଆ ବେଶ ପିନ୍ଧି ତାକୁ ଘେରି ଠିଆ ହୋଇଛନ୍ତି । ସେମିତ
ସୁ ସୁ ପବନ ବହୁଛି, ଚଡ଼ଚଡ଼, ଘଡ଼ଘଡ଼ି ଗର୍ଜୁଛି । ଠିକ୍ ଯେମିତ ନଙ୍କ-
ଳୁଲ ବନ୍ଧକୁ ଉଠିବା ବେଳେ ସେ ହିଙ୍କା ଗଛ ପାଖରେ ତାକୁ କିଏ
ଶୂନ୍ୟରେ ଉଠେଇ କଚାଡ଼ି ତଳେ ଫୋପାଡ଼ି ଦେଲା ବେଳେ ବର୍ଷା
ପବନ ଘଡ଼ଘଡ଼ି ଗର୍ଜୁଥିଲା । ସେ ଚିରିଚିରେଇ ଉଠିଲା—ପୁଣି ଥରେ
ତା ଚେତା ବୁଡ଼ିଗଲା । ବଡ଼ ଡାକ୍ତର ଖାନାରେ ଦୁର୍ଘଟଣା ଘଟିବା
ରୋଗୀଙ୍କି ଯୋଉଠି ଚିକିତ୍ସା କରନ୍ତି, ସେଇଠି ମରୁଆକୁ ଟେବୁଲ
ଉପରେ ଶୁଆଇ ପଞ୍ଚାଏ ଟୋକା ଡାକ୍ତର ଓ ଡାକ୍ତରୀ ପଢ଼ା ପିଲାଏ

ତାଙ୍କୁ ଘେରି ତାର ଚେତା ଫେରାଇ ଆଣିବାର ବହୁତ ଯତ୍ନ କରୁଥାଆନ୍ତି । ସେଥିଭିତରୁ ଜଣେ, ଯେ ସବୁଠୁଁ ଅଧିକ ମନ ଦେଇ ଖଟୁଥିଲା ସେ ପାଟି କରି କହି ଉଠିଲା-ଚେତା ଫେରି ଆସିଲାଣି ବଞ୍ଚି ଯିବ । ଆଉ ଜଣେ ମୁଣ୍ଡ ଟୁଙ୍ଗାରିଲା, ସନ୍ଦେହଜନକ; ହାର୍ଟଟାତ ଏପର୍ଯ୍ୟନ୍ତ ସେମିତି ରହି ଯାଉଚି; ଫେରି ଦମ୍ ଦମ୍ ହେଇ ଦଉଡ଼ୁଚି । ଅଁଜି ଗୋଟାଏ କୋରାମିନ୍ ଫୋଡ଼ିଦବା ବୋଲି କିଏ ଜଣେ କହୁଚି—ସେ ଓ୍ୱାର୍ଡର ବଡ଼ ଡାକ୍ତର ଖବର ପାଇଥିଲେ ତିନିଘଣ୍ଟା ଆଗରୁ । ଧୀରେ ସୁସ୍ଥେ ଚାଲି ଚାଲି ହୋଇ ହସି ହସି ଆସି ପହୁଞ୍ଚିଲେ । ଅନ୍ୟମାନେ ଅଡ଼େଇ ଗଲେ; ଡାକ୍ତର ଟେବୁଲ ପାଖକୁ ଆସି ପଚାରିଲେ—କିଏ ସେ ? କଣ ହେଇଚି ? ସାନ ଡାକ୍ତର ଜଣଙ୍କ କହିଲେ—ଲାଇଟ୍‌ନିଂ ସକ୍ । ପାହାନ୍ତା ୪ଟାବେଳକୁ ଟେବୁଲ୍ ଉପରେ ରଖି ଚେଷ୍ଟାକଲୁଣି—ଏଇନାଏ ପ୍ରାୟ ମିନିଟେ ତଳେ ଚେତା ଫେରିଥିଲା—ପୁଣି ଚିତ୍‌କାର କରି ଚେତା ବୁଡ଼ିଗଲା; ସବୁ ସିମ୍ପଟମ୍ ଭଲ, ହାର୍ଟଟା ଏପର୍ଯ୍ୟନ୍ତ ସ୍ୱାଭାବିକ କାମ କରୁନି । ଡାକ୍ତର ସାହେବ ଆଖି ଖୋଲି ଦେଖିଲେ, ନିଶ୍ୱାସ ବାରିଲେ, ନଳୀ ଲଗେଇ ଛାତି ଦେଖିଲେ; ନାଡ଼ୀ କିଛିକ୍ଷଣ ହାତରେ ଧରି ପଚାରିଲେ ଆଉ କୋଉଠି କିଛି ବିଶେଷ ଇନ୍‌ଜୁରି ତ ହେଇନି ? ନାଇଁ ସେମିତି ତ କିଛି ଜଣା ପଡ଼ୁନି, ଆମେ ଚାରିଆଡ଼ ଭଲ କରି ଏକଜାମିନ୍ କଲୁଣି । ଆଉ ବିପଦ କିଛି ନାହିଁ, କେବଳ ବିଶ୍ରାମ ଓ ଭଲ ଶୁଶ୍ରୂଷା ଦରକାର ବୋଲି କହି ଡାକ୍ତର ବାହାରି ଯାଉଁ ଯାଉଁ ପଚାରିଲେ ଆଉ ପରିଚୟ ତାର କିଛି ପାଇଛ ? କିଏ କେମିତି ଏଠିକି ୟାଙ୍କୁ ଆଣିଲା ? ସାନ ଡାକ୍ତର କହିଲେ ପରିଚୟ କିଛି ମିଳିଲା ନାହିଁ । ସହର କଂଗ୍ରେସ ସେବା ଦଳର ଗୋଟିଏ ରାଜାବଟିରୁ ଅଡ଼ର ମେହେନ୍ତର ଟୋକା ମୁହଁ ହାତ ଧୋଇ ରାତି ଅନ୍ଧାରରୁ ନାଳକୁଳକୁ

ଯାଇଥିଲା ଗୋଟାଏ ଗଛ ମୂଳରେ ମୁହଁ ମାଡ଼ି ଧ... । ... ସେ ଦେଖିଲା - ସାଙ୍ଗେ ସାଙ୍ଗେ ଖଣ୍ଡେ ବାଟ ଛାଇରେ ପକେଇ ଗ... ବାଟ ଋକ୍‌ସାରେ ଥୋଇ ଏଠି ଆଣି ପହଞ୍ଚେଇଛୁ । ସେ ଟୋକା କାହିଁ, ତାକୁ ଥିବାକୁ କହ—ତାର ନାମ ଧାମ ଠିକଣା ଭଲ କରି ନୋଟ କରି ରଖ । ଜେନେରେଲ୍ ୱାର୍ଡ଼ର ଗୋଟାଏ ବେଡ଼କୁ ତାକୁ ଷ୍ଟ୍ରେଚରରେ ରମୁଭ୍ କରିଦିଅ; ନର୍ସ ଯେ ଥିବେ ତାକୁ କହ ବିଶେଷ ମନଯୋଗ ଦେବ । ଆଉ ଔଷଧ କିଛି ନାହିଁ; ଚେତା ହେଲେ ଗରମ ଗରମ ହରଲିକ୍‌ସ୍ ଖାଇବାକୁ ଦବ । ଆଉ ଏଇନାଏ ତ ଏଗାରଟା ବାଜିଲାଣି; ଗୋଟାକ ଅଗରୁ ଡାକ୍ତର ରଥ ତେମେ ଆଉ ଥରେ ତାକୁ ଭଲ କରି ଏକଜାମିନ୍ କରି ମତେ ଖବର ଦେଇ ଯିବ । ଭଲଲୋକ ଘର ଝିଅ ପରି ଦିଶୁଚି—ସ୍ପେଶାଲ୍ ଆଟେନ୍‌ସନ୍—ବୁଝିଲ ? ଏତିକି କହି ବଡ଼ ଡାକ୍ତର ସେଠୁ ବିଦାୟ ନେଲେ; ଯେ କେତେଜଣ ମଣ୍ଡୁଆଙ୍କୁ ଘେରି ଠିଆ ହୋଇଥିଲେ ତାଙ୍କୁ ସାଙ୍ଗରେ ଡାକି ନେଇ ଗଲେ; କେବଳ ରଥେ ତୁମେ ରହ; ଆଉ ଜଣେ ତମକୁ ଆସିଷ୍ଟ କରିବାକୁ ରହନ୍ତୁ । ୱାର୍ଡ଼କୁ ଯାଇ ବେଡ୍‌ରେ ଶୁଆଇ ପରୀକ୍ଷା କରିସାରି ତମ ଡିଉଟିରେ ଯିବ । ବାହାରି ଯାଉଁ ଯାଉଁ ଏତିକି କହିଗଲେ । ଝୁଲିଆ ଦାଣ୍ଡପାଖ ପିଣ୍ଡାରେ ଶୋଇଥିଲା, ରଥ ଡାକ୍ତର ତାକୁ ଉଠେଇ ତାଠଉଁ ତାର ପରିଚୟ ନେଲେ । ଏ ଝିଅଟି ପରିଚୟ ଆଉ କିଛି ଜାଣିକି ଭଲ ଲୋକ ଘର ଝିଅ ପରି ଦିଶୁଚି ପଚାରିବାରେ ଝୁଲିଆ କହିଲା ନାଇଁମ ...ଙ୍କା, ତାର ଲୁଗାପଟା, ଲଟେଇବା ପିନ୍ଧିବାରୁ ଜାଣୁନାହାନ୍ତି । ...ଶୁଚି ସିନା କେମିତି କୋଉ ଟଡ଼ଜାଡିଆ ହାଟୁଆ ବାଟୁଆ ଘର ...ଅ ହେଇଥିବ—ଅଙ୍କା ଜୀବନ ପାଇ ଯିବଟି ? ପାଇଲାଣି ନା ଆଉ ...ାକୀ ଅଛି; ତେବେ ଡାକ୍ତର ଖାନାରେ କିଛିଦିନ ରହି ବିଶ୍ରାମ

ତାକୁ ଟେ଼ ପଢ଼ିବ—ଝାଡ଼ା ପରୀକ୍ଷା ସାଧାରଣ ଭାବରେ ହବାଯାଏ । କର୍ତ୍ତବ୍ୟ ସୁଶ୍ରୁଷା ଦରକାର । ଆଜ୍ଞା ମୁଁ ଆମ ଦଳର କପ୍ତାନ୍ (ମୋତିଲାଲ) ଶ୍ରୀଧର ଦାସଙ୍କୁ ଖବର ଦେଇଛି ସେ ଆସିବେ ଯେ । ରଥେ ପଚ୍ଚ-ରିଲେ କୋଉ ମୋତିଲାଲ ଦାସ ମ—ସେ ଡାକ୍ତର ମୋତିଲାଲ ନା ? ବୃନ୍ଦାମାଚଡ଼ିକରେ ଯାହାଙ୍କର ବଡ଼ ଦୋକା—ଆଜ୍ଞା ହଁ ସେଇ ସେଇ ବୋଲି ଭୁଲିଆଠାରୁ ଶୁଣି ରଥେ କହିଲେ ଭଲ ହେଲା - ସେ ଜଣେତ କଂଗ୍ରେସ ଭିତରେ ମୁଖିଆ ଲୋକ । ଅଜି କାଲିତ କଂଗ୍ରେସ ଯୁଗ, କଂଗ୍ରେସ ସରକାର । ଏ ରୋଗୀଟିର କିଛି ହେଲା ହବ ନାହିଁ ଯେ; ତୁମେ ସେ ବିଷୟରେ ନିଶ୍ଚିନ୍ତ ରୁହ ଅଉ ଡାକ୍ତର ଦାସଙ୍କୁ କହିବ, ଡାକ୍ତର ରଥ ଏକଥା କହୁଥିଲେ ବୋଲି । ଭୁଲିଆ ଜୁହାର କରି ଡାକ୍ତରଙ୍କ ପାଖରୁ ବିଦା ହୋଇ ଯିବା ବେଳକୁ ପଚ୍ଚରିଲା, ଆଜ୍ଞା ଟିକିଏ ଦେଖି ଯାଆନ୍ତିନି କେମିତି ଅଛି । ଅରେ ତୁମେ କଣ ଦେଖିବ, କଣ ବୁଝିବ । ତା ଭିତରକୁ ତ ବାହାର ଲୋକ ଯିବା ମନା । ହଉ ଯେତେବେଳେ ତୁମେ କଂଗ୍ରେସ ସେବା ଦଳର, ବିଶେଷରେ ଡାକ୍ତର ଦାସଙ୍କ ସହକର୍ମୀ, ଅସ ଥରେ ଦେଖି ଯା । ଭୁଲିଆ ଭିତରକୁ ଗଲା, ଟେବୁଲଠାରୁ ଖଣ୍ଡେ ଦୂରରେ ଠିଆ ହୋଇ କିଛିକ୍ଷଣ ନିରେଖି କରି ଦେଖିଲା କହିଲା - ମଲା ମଣିଷକୁ ଜୀବନ ଦବା ଲୋକ ଆପଣମାନେ, ଆପଣଙ୍କୁ କଣ ଅଉ ବଳେଇ ଯାଆନ୍ତା । ତା ଦହକୁ ରକ୍ତ ଫେରିଆଇଲାଣି—ମୁଁ ଦେଖିଲି ପରା । କଞ୍ଚା ପାଣିରକ୍ତ ହେଉ ଯାଉଥିଲା—ମଲାମୁର୍ଦ୍ଦାର ହୋଇ ପଡ଼ିଥିଲା, ମୁଁ ଅଣିବା ବେଳକୁ ।

ଭୁଲିଆ ପୁଣି ଥରେ ଡାକ୍ତରଙ୍କୁ ଜୁହାର କରି ବିଦା ହୋଇଗଲା । ଖଣ୍ଡେ ବାଟ ଯାଇଚି; ମୋତିଲାଲ ତାଙ୍କ ମଟର ଗାଡ଼ୀରେ ଆସୁଥିଲେ, ଭୁଲିଆକୁ ଦେଖି ଗାଡ଼ୀ ଭିତରେ ବସେଇ ପଚ୍ଚରିଲେ କି ଏତେ

କେଉଁଯାଏ ଥିଲ ? କୋଉଠି ଏଏ ଗୁରୁଙ୍କୁ ଦେଖିବା । ଏଣେ
ଶୁଣନ୍ତୁ ଡାକ୍ତର ରଥ ତାଙ୍କୁ ଦେଖୁଚନ୍ତି, ପିଲଟା ବଞ୍ଚିଗଲା; ସେ
ପାଞ୍ଚଘଣ୍ଟା ହବ ଏପାଖ ସେପାଖ କରି ତା ସାଙ୍ଗରେ ଲାଗି ତାକୁ
ଜୀବନ ଦେଲେ ଜାଣ । ଆଜ୍ଞା ଡାକ୍ତର ରଥ ତ ଆପଣଙ୍କୁ ଭଲକରି
ଚିହ୍ନନ୍ତି କହୁଥିଲେ । କେଜାଣି ହେଇଥିବ କହୁ, ମୋତିଲାଲ ଭୁଲିଅ
ଦେଖେଇବା ଘର ପାଖରେ ଗାଡ଼ି ବନ୍ଦକରି ଓହ୍ଲାଇ ପଡ଼ିଲେ ।
ଗାଡ଼ୀ ଶବ୍ଦ ଶୁଣି ଡାକ୍ତର ରଥ ବାହାରି ଆସିଲେ । ମୋତିଲାଲ
ବାବୁ—ତେମେତ ଅଲ୍ଲିକାଲି ଜଣେ ନେତା—କଣ ଖବର
କୁଆଡ଼େ ଆସିଲ ବୋଲି ପଚାରିଲେ । ମୋତିଲାଲ ତାଙ୍କ ସାଙ୍ଗେ
ହାତ ମିଳାଇ ସେଇ ଯୋଉ ଆଜି ଷ୍ଟୋରରୁ ଲାଇଟ୍‌ନିଂ ଗଲ୍ କେସ୍
ଆସିଥିଲା; କେମିତି ଅଛି । ଭଲ ଅଛି ଏଇନାଏ ଟେବଲ ଉପରୁ
ଓ୍ୱାର୍ଡ଼ର ବେଡ଼କୁ ଅଣାହେବ; ତାର ଲୁଗାପଟା ବଦଳଉଛନ୍ତି ସେ,
ଟିକିଏ ଅପେକ୍ଷା କଲେ ଦେଖି ପାରିବ କହୁ ଦଥେ ପକେଟରୁ
ସିଗ୍ରେଟ୍ ବାହାର କରି ମୋତି ବାବୁଙ୍କୁ ଗୋଟିଏ ଦେଲେ ଓ ନିଜେ
ଗୋଟିଏ ଲଗେଇଲେ । ତେମେ ବଡ଼ଲୋକ, ରଜାଘର ପୁଅ । ତମକୁ
ଏ ସିଗ୍ରେଟ୍ କଣ ପସନ୍ଦ ହେବ, କଇଁଚ ମାର୍କା । କଣ ଏମିତି କହୁଚ
ଡାକ୍ତର ରଥ; ଆଜି କାଲି କଂଗ୍ରେସ ସ୍କିମ୍ ସେଲିବ ବଡ଼
ସାନ ସମସ୍ତଙ୍କୁ ସମାନ କରିଦେଲାଣି ପରା—ଆଉ ଅଛି କଣ
ମୋତିବାବୁ ରଥଙ୍କ କାନ୍ଧ ଦୁଇଟାକୁ ଧରି ଝୁଲେଇ ଦେଲେ ? ରଥ
କହିଲେ ହଁ ତା ସତ ଯେ; ତେବେ ତମମାନଙ୍କ କଥା ଭିନ୍ନ ...
ତେମେମାନେ ପରା ସୁନା ଥାଳୀରେ ଖାଇ ରୁପା ଝରରେ ଅଁଚେଇବା
ଲୋକ; ତେମେ ଆଉ ଅମେ । ଠିଆ ହୋଇ ବାରଣ୍ଡାରେ ଏମିତି
କୁହେଁ କଥା ହେଉଥିଲେ, ଚକଲଗା ଷ୍ଟ୍ରେଚରରେ ଶୁଆଇ ନର୍ସଟିଏ
ମଣିଅକୁ ସେଇବାଟେ ଓ୍ୱାର୍ଡ଼ ଭିତରକୁ ନେଇ ଯାଉଥିଲା—ଡାକ୍ତର

ଏଥେ ପଗୁରବାଙ୍କେ ଭଲ ଭାବରେ ସ୍ପଞ୍ଜ କରି ଲୁଗାପଟା ବଦଳାଇ ସବୁ ନିର୍ମଳ କରି ଦେଇଛ । ନର୍ସ ମୁଣ୍ଡ ଟୁଙ୍ଗାରିଲା । କେତେ ହେଲଣି କି ନାହିଁ । ନର୍ସ ଜବାବ ଦେଲା—ପ୍ରାୟ ଅନେକଟା । କଥା-ବାର୍ତ୍ତା ବେଳେ ଯେତେକ୍ଷଣ ସେଠି ରହିଲା, ସେତକରେ ମୋତିଲାଲ ମରୁଆ ମୁହଁଟିକୁ ଅଖି ପୂରାଇ ଦେଖି ନେଲେ, ପଚାରିଲେ ଔଷଧ କୁ ନେଉଛ ? ଡାକ୍ତର, କେବିନ୍ ଖାଲି ନାହିଁ ? ଅଛି ଯେ ତେବେ ଦିନକୁ ପଚିଶଟଙ୍କା ଭଡ଼ା ପଡ଼ିବ । ତାହିଁକି ମିଛରେ—ଗୋଟାଏ ଦିନପରେ ତ ଜେନେରାଲ ବଦଳିବା—ଖୁବ୍ ଜଲଦି ଭଲ ହୋଇ ଅସୁଛି । ନାହିଁ କେବିନ୍‌ରେ ରଖ ବୋଲି କହିଲାରୁ, ଡାକ୍ତରଙ୍କ ଇଙ୍ଗିତରେ ନର୍ସ କେବିନ୍ ଭିତରକୁ ନେଇଗଲା । ଅଜ କେତେ-ବେଳେ ଏଣୁ ତେଣୁ ଗପ ସାରି ମୋତିବାବୁ କହିଲେ ତମର ଏଠି ଭିଜିଟିଂ ଅୱାର୍ସ କେତେବେଳ ଯାଏ । ଚାରଟା ଯାଏ ବୋଲି ଶୁଣି; ହେଉ ପଛେ ଦେଖାହେବ କହି ମୋତିବାବୁ ସେ କେବିନ୍ ଭିତରକୁ ଗଲେ । ନର୍ସ ବିଛଣା ପତ୍ର ସଜାଡ଼ି ମରୁଅକୁ ଶୁଆଇ ଦେଇ, ସେପାରି ଅନ୍ୟାନ୍ୟ ଜିନିଷ ପତ୍ର ସଜାଡ଼ୁଥିଲା ମୋତି-ବାବୁଙ୍କୁ ଦେଖି କହିଲା—ଖାଇବା ପାଇଁ ଖାଲି ଫଳରସ, ପାଉଁ ଓ ହରଲିକ୍ସ ଡାକ୍ତର ବ୍ୟବସ୍ଥା କରିଛନ୍ତି; ଆପଣ କଣ ଘରୁ ପଠେଇ ଦେବେ । ହଁ ଭଲ ମୋତିବାବୁ କହିଲେ କଣେ କେହି ତମ ଭିତରୁ ପାଖରେ ରହନ୍ତା ନାହିଁ ? ଅପଣଙ୍କର କଣ ନିଜର କେହି ନାହିଁ—ଅମେମାନେ କେହି ରହିଲେ ଦିନକୁ ତିନି ଟଙ୍କା, ରାତିକୁ ପାଞ୍ଚଟଙ୍କା ପଡ଼ିବ ବୋଲି ନର୍ସଠାରୁ ଶୁଣି ମୋତିବାବୁ କହିଲେ ନିଜ ଲୋକ ତ କେହି ବନ୍ଦ ହୋଇ ରହି ପାରିବେନି । ତେମେ ନିଜେ ରହିବା ଭଲ ଅଉ କାହାକୁ କଣେ ବ୍ୟବସ୍ଥା କରିଦିଅ । ତେମେ ନିଜେ ରହନ୍ତ ଜବାବରେ ହଉ ମୁଁ ରହିବି; ଆପଣ ଟିକିଏ ଡାକ୍ତର

ରଥଙ୍କୁ କହିଦେବେ । ମୁହଁ ଏଣ୍ଡାଇ ନେଇ ଟିକିଏ ନାକ ଟାଣି ହୋଇ ନର୍ସ କହିଲା — ମୋତେ ଦୁଇ ଟଙ୍କା ଅଧିକା ଦେବେ; ମୁଁ ପରା ଏଠିକା ଷ୍ଟାଫ୍ ନର୍ସ । ହଉ ହଉ ତେମେ ରହ—ମୁଁ ରଥଙ୍କୁ କହିବି । ମୋତିବାବୁ ଠିଆ ହୋଇ ରହିଲେ । ନର୍ସ କହିଲା ଟିକିଏ ଭଲ କରି ରେତା ହଉ ମୁଁ ଅଛି ଏଇନାଏ । ଅପଣ ଚଉକିରେ ବସନ୍ତୁ । ନର୍ସ ଖଟ ଉପରେ ମରୁଆର ମୁଣ୍ଡ ଉପରକୁ ବସି, ହାତରେ ତାର ମୁଣ୍ଡ ବାଳକୁ ଶାଉଁଳାଇ ଦେଉଥାଏ । ମୋତି ଚଉକିରେ ବସି ମରୁଆ ମୁହଁ ଟିକି ନିରେଖି ଥାଆନ୍ତି । ମରୁଆ ଆଖି ମେଲିଲା—ଥରେ ଦିଥର ଆଖି ପିଲ୍ଲଢ଼ି ଗୁରଆଡ଼େ ଚାହିଁ ପୁଣି ଆଖି ମୁଦିଲା । ନର୍ସ ପଚାରିଲା—ଭୋକ କରୁଥିବ; ଟିକିଏ ଦୁଧ ଖାଅ । ହାଲିଆ ଲାଗୁଥିବ; ଭଲ ଲାଗିବ । ମରୁଆ ଆଖି ମେଲି କହିଲା—ଟିକିଏ ଖୁବ୍ ଶୀତଳ ପାଣି ଦିଅ । ଠାରକର କହିଲା ତଣ୍ଟି ଶୁଖି ଯାଉଛି । ଏଇନାଏ ଆଣୁଛି କହି ନର୍ସ ଥଣ୍ଡା ପାଣି ଆଣିବାକୁ ବାହାରିଗଲା । ମୋତିବାବୁ ଅସି ମରୁଆ ମୁଣ୍ଡ ପାଖରେ ଖଟ ଉପରେ ବସିପଡ଼ି ମୁଣ୍ଡରେ ହାତ ବୁଲାଇ କଣ ପଚାରିବାକୁ ଯାଉଥିଲେ, ନର୍ସ ପାଣି ଅଣି ହାତ ଧରି ମନା କରି-ଦେଲା । ମୋତିବାବୁ ଉଠିଆସିଲେ । ନର୍ସ ମରୁଆକୁ ଡାକି, ପାଣି ଚାରି ଛଅ ଟୋକ ପିଆଇ ଲାଭେଣ୍ଡର ଭଳା ଓଦା ତଉଲିଆରେ ମୁହଁ ଦେଇ ଖୁବ୍ ଯତ୍ନ କରି ପୋଛି ଦେଲା—ଭଲ ଲାଗୁଛି ପଚାରି କହିଲା କିଛି କଥା କୁହ ନାହିଁ ଚୁପଚାପ ଶୋଇପଡ଼ । ଘଣ୍ଟାଏ ଗଲେ ଗରମ ଦୁଧ ଦେବି ଖାଇବ—ଦେହରେ ଟିକିଏ ବଳ ଆସିବା ଦରକାର । ମରୁଆ କଥା ମାନି ହାତ ଦିଓଟି ଛାତି ଉପରେ ପକାଇ ଆଖି ବୁଜି ଶୋଇଲା । ଘଡ଼ି ଦେଖି ଆପଣ ଅଉ ଅଧଘଣ୍ଟାଏ ଏଠି ରହି ପାରିବେ; ଥାଆନ୍ତୁ । ମୁଁ ଏଇନାଏ ଅସିବି କହି ନର୍ସ ଘର ପରଦା

ଆଣି ଦେଇ ବାହାରିଗଲା । ମୋତି ଚଉକିରେ ବସି ସେ ଘରେ ଖଣ୍ଡେ ପୁରୁଣା ଖବର କାଗଜ ପଡ଼ିଥିଲା ତାକୁ ଧରି ପଢ଼ି ବସିଲେ । ସିଗ୍ରେଟ୍ ଖଣ୍ଡେ ଲଗାଇ ଟାଣିଲେ ଅସ୍ତେ ଅସ୍ତେ କରି । ମନୁଆ ଡରି ଡରି ଅଳପ ଟିକିଏ ଆଖି ମେଲାଇ ମୋତିଙ୍କୁ ଚାହିଁଲା—ବେଶ୍ ଛଇ ଘୁଇଡ଼ିଆ ଗଢ଼ା ଚୋଟୀ—ଗୁଲୁଗୁଲିଆ ପିଲାଳିଆ ଚେହେରା ଖଣ୍ଡି । ରଙ୍ଗ ସିନା ସେତେ ସଫା ନୁହେଁ—ତେବେ ଗୋଟାଏ ଓଜଟ ଚକ୍ଚକଣା ଅଛି । ଚାହିଁଲେ ଲାଗୁଛି ଯେମିତି କୋଉ କାଳର ଶୋହା ପରିଚ ସାଙ୍ଗ । ମଲା, ସତେ ଠିକ୍ ତ ଅମ ସାନ ଦେଇଙ୍କ ପର—ଅବିକଳ । ଶଙ୍କି ଶଙ୍କି ଟିକିଏ ଗଲା ହାଉଳି ମନୁଆ । ମୋତି କାଗଜ କଡ଼ରେ ପକେଇ ଚାହିଁଲେ । ଡରି ଡରି ଥିର ଥିର କରି ମନୁଆ ପଚାରିଲା—ଇଏ କୋଉଠା ମୋତେ କିଏ ଆଣିଲା । ମୋତି ତାଙ୍କ ସମେତେ ଖଟ ପାଖକୁ ଘୁଞ୍ଚି ଗଲେ; ମନୁଆ ମୁଣ୍ଡରେ ହାତ ବୁଲାଇ କହିଲେ—ଡାକ୍ତରଖାନାକୁ ମୁଁ ଆଣିଲି । ଓଃ ଯେମିତି ଗୋଟାଏ କଣ୍ଢା ତାର କୋରଡ଼ା ମୋ ପିଠି ପଟେ କିଏ ଜୋରରେ କଷେଇ ଦେଲା । ସମ୍ଭାଳି ନପାରି ସେ ଗଛ ତଳେ ମୁହଁ ମାଡ଼ି ପଡ଼ିଗଲି ତ—ଅନ୍ଧାର ହୋଇଗଲା ସବୁ କହୁ କହୁ ମନୁଆ ଆଖି ବୁଜି ଦେଲାକ୍ଷଣି, ଦପଟେ ଦହୁଦା ଲୁହ ଗଡ଼ି ପଡ଼ିଲା । ମୋତି କହିଲେ ଥାଉ, ତେମେ ବେଶି କଥା କହନା ଡାକ୍ତର ମନା କରିଚି ପରା । ଦେହତ ଭଲ ହୋଇ ଗଲାଣି; ଅଉ କିଛି ଡର ନାହିଁ ବୋଲି ମୋତି ମୁହଁରୁ ଆଶ୍ୱାସ ପାଇ ମନୁଆ ଆଖି ଖୋଲି ଚାରିଆଡ଼କୁ ଚାହିଁ କହିଲା, ଅଉ ଟିକେ ପାଣି ପିଅନ୍ତି । ମୋତି ଟେବୁଲ ଉପରେ ଫ୍ଲାସ୍କରୁ ଥଣ୍ଡା ପାଣି ଫିଡ଼ିଂକପ୍‌ରେ ନେଇ ତାକୁ ପିଆଇ ଦେଲେ — ମୁହଁ ଭଉଳିଆରେ ପୋଛିଦେଇ; ମନୁଆ ତାହା ଭାଲିଆ ହାତଖଣ୍ଡି ମୋତିଙ୍କ ହାତ ଅଙ୍ଗୁଳିଟି ଧରି କହିଲା—ତେମେ

ଲଏ । ତାର ଗଳା ରୁନ୍ଧ ହୋଇ ଯାଉଥାଏ । ମୋତିଙ୍କୁ ଦେଖିଲେ ଜଣେ ରୋଷାଏ ଲାଗିଲା । ଆଜି ହାତରେ ମରୁଆ ଗାଲ ଟେଲିରେ ଥାପୁଡ଼ାଇ ଦେଇ କହିଲେ ଚହଳା ପଡ଼ିବ ହବାନାହିଁ ପରେ; ଏଇନାଏ ଥାଉ; ତେବେ ଥିର ହୋଇ ଶୋଇପଡ଼ । ତୁମର ବିଶ୍ରାମ ବହୁତ ଦରକାର । ମରୁଆ ପଚାରିଲା - ମୋ ବାପା ? ମୋତି କ୍ଷଣେ ରହି କହିଲେ ଖୋଜି ବାହାର କରିବା ନାହିଁ—ଏଇଠି କୋଉଠି ଥିବ । ତୁମେ ଚୁପ୍ ହୋଇ ଶୋଇଲ ।

ନର୍ସ ଆସି ଗରମ ଦୁଧ ମୁନ୍ଦାଏ ପିଆଇ ଦେଇଗଲା ମରୁଆକୁ । ତାର ହାଲିଆଟା ଟିକିଏ କଟିଗଲା ପରି ଲାଗିଲା । କିଛି ବେଳେ ଗଲା—ମୋତି ମାଁଙ୍କୁ ଖବର କାଗଜରେ ମୁହଁମାଡ଼ି ବସିଥାନ୍ତି—ମରୁଆ କୁତୁକୁତୁ କରି ଚାହିଁ ପଡ଼ୁଥାଏ । ମରୁଆ ମନେ ଟିକିଏ ଭଲ ଲାଗୁଛି କହି; ମୋତିଙ୍କୁ ପାଖକୁ ଧୁଣ୍ଡି ଆସିବାକୁ ଡାକିଲା । ମୋତି ଚଉକି ନେଇ ପାଖକୁ ଯାଇ କହିଲେ—ତେବେ ତ ଅମାନିଆ ହଉଚ । ଚୁପ୍ ହୋଇ ଆଖି ବୁଜିଥା; କଥା କହିଲେ ହାଲିଆ ହୋଇ ପଡ଼ିବ । ମରୁଆ କହିଲା ମୁଁ ମରିଯାଇ ଥାଆନ୍ତି ତେବେ ମୋତେ ବଞ୍ଚାଇଚ । ତୁମକୁ କେଇଟା କଥା ନ କହିଲେ ମୋ ଚିତ୍ତ ଉଶ୍ୱାସ ହବନି । ହଉ କହ ବୋଲି ମୋତି ମରୁଆ ହାତଟି ଧରିବାକୁ ଯାଉଥିଲେ । ମରୁଆ ବାରଣ କଲା—ମୋତେ ଛୁଅଁନା । ମୁଁ ଅଜାତ ଘରେ ଆଶ୍ରା ନେଇ ଜାତି ଦେଇଛି । ତେମେ ଜାତିପୁ, ବଡ଼ଘର ପୁଅ, ମୋତେ—ଠୋ ଠୋ କରି ହସି ମୋତି କହିଲେ ସେଗୁଡ଼ା ଅତି ଅତି ମରହଟିଆ କଥା । ମୁଁ ଜାତି ପାତି ଛୁଆଁ ଅଛୁଆଁ ବାଛେନି । ତୁମକୁ ଦେଖିଚା ବେଳୁ ଗୋଟାଏ ମାୟା ହୋଇଯାଇଛି ମୋର । ମରୁଆ ବାଧା ପକାଇଲା—ଆଜ୍ଞା

ମୋ ମନ ହଉଚି ତମ ଗୋଡ଼ତଳେ ନୋଟି ପଡ଼ିବାକୁ । କିଛିକ୍ଷଣ ବୁଢ଼ୀହିଁ ଚୁପ୍ ଚାପ୍ । ମୋତିଙ୍କ ଆଖିରେ ଯୋଉ ଲୁହ ପୁରି ଆସୁଥିଲା, ମୁହଁ ଫେରାଇ, ରୁମାଲ କାଢ଼ି, ନାକ ଝାଡ଼ି ମୋତି ତାକୁ ବାଆଁ ଟରଇ ଦେଲେ । ମଲୁଆ କହିଲା, ମୋ କଥା—ଶୁଣିବ ପରା । ମୁଁ ଶୋଇ ପଡ଼ିଛି ମଣି ମୋ ବାପା ତାର ଗୋଟିଏ ଜାଢ଼ନ ସାଙ୍ଗକୁ କହୁଥିଲା ମୁଁ ସବୁ ଶୁଣିଛି । କହୁ କହୁ ସବୁଯାକ ନିଜ ଦୁଃଖ ମଲୁଆ ମୋତିଙ୍କି କହିଲା—କେମିତି ତାର ବାପ ରଜାଘରେ କୋଠିଆ ଥିଲା; ଭାରି ମାନଥାନ ପାଉଥିଲା—କେତେଥର ରଜାଘର ସାନ ଦେଈ ବହୁତଥର ତାଙ୍କ ଘରକୁ ଆସନ୍ତି—ତାଙ୍କର ନିଜର ବହୁତ ଇଚ୍ଛା ଥାଏ ଯେ ତାର ଭାଗ ଲଗାଇବା, ଇଚ୍ଛା କରିବା ସବୁ ତା ବାପ କରିଦିଏ । କେମିତି ସେ ଜନ୍ମ ହେଲା । ସେ ୭।୮ ବର୍ଷର ହେଲାରୁ ତାର ଭଲ ଦେଖି ସାନ ଦେଈଙ୍କୁ ଲଗାଇ ତା ମାକୁ ଅପବାଦ ଦେଲେ । ରଜା ସେ କଥା ଶୁଣି କେମିତି ଭାରି ଚିଡ଼ିଗଲେ । ରଜାଙ୍କ ଶିକ୍ଷାରେ ପଡ଼ି ଗାଁ ଲୋକେ ତାଙ୍କୁ ଉପର ଏକଘରିଆ କଲେ—ନା ନା ହନ୍ତସନ୍ତ କଲେ । ସହି ନ ପାରି ରାତି ଅଧରେ ବାପା ସାନ କୁଅଁଟିକି ଧରି ରାତି ଅଧରେ ବଣ ବାଟରେ କେମିତି ପଳେଇ ଆସିଲା । ଦଶ କୋଶ କି କୋଡ଼ିଏ କୋଶ ଆସି କେମିତି ଗୋଟାଏ ସାଇରେ ରହିଲା । ରଜାଘର ଜାଣିପାରି ସେଠୁ କେମିତି ତାକୁ ତଡ଼ିଲେ—ସେଠୁ ପଳେଇ ଆସି ଆଉ ଗୋଟାଏ ରଜା ରାଇଜରେ ଗୋଟିଏ ଗାଁରେ ଆସି କୋଉଠି ଅଶ୍ରା ନ ପାଇ କେମିତି ଗୋଟାଏ କଣ୍ଡ୍ରୁଣୀ ଘରେ ରହିଲେ । ରାତିରେ କେମିତି ସେଇଠି ତା ବାପକୁ ଗୋଟାଏ ବୋଡ଼ାସାପ କାମୁଡ଼ିଲା—ଝାଡ଼ା ଫୁଙ୍କାରେ କିଛି ଭଲ ହେଲା ଯେ ସେଇଦିନୁ ବାପା କେମିତି ବାଉଳା ହୋଇଗଲା । ଏକଘରିଆ ହେଇଥିଲେ—

କାନ୍ତ କହିଲେ—ଶେଷରେ ବାପ ଉନ୍ମାବଅ ହେଲ, ସେ କଥା ବ-
ନ୍ତ କରି ପାରିଲନି, ଦିହ ମନ ଏକାବେଳକେ ଭାଙ୍ଗିଗଲା । କଷ୍ଟ
ହି ନ ପାରି ତା ମା ଦିନେ କେମିତ କାଠ କାଟିବାକୁ ଯାଇ
ରୁ ଫେରିଲା ନାହିଁ । ଶଅର ଲୋକାଏ ତା ମାନ୍ଲ ବାଘ ନେଇଛି
ବାଲି ତାର ଛିଣ୍ଡା ଲୁଗା କେମିତି ଆଣି ଦେଖାଇଲେ । ସେଇଦିନୁ
ଜଙ୍କ ପ୍ରାନ୍ତ ଉନବର୍ଷ ହେଲା ତା ବାପା ତାକୁ ଅଣ୍ଡାଳି କେମିତ
ଦେଶ ଦେଶାନ୍ତ ବୁଲୁଛନ୍ତି । ସେଇ ଜଙ୍ଗଲୁ କଟକ ଅସି କଣଦିନ
ଳ ଉପାସରେ ବୁଲି କୋଉଠି ଅଣ୍ଡା ନ ପାଇ ସେ କେମିତ ନଈ
ଘାଟରେ ସ୍ତୁତରେ ଅଣ୍ଡା ନେଲେ, କେତିତି ପଧାନ ଗୁମାସ୍ତା ତାକୁ
ବାହ କରିବାକୁ ଜଗଲ ହବାରୁ ତାର ପ୍ରାଣ କାନ୍ଦ ଉଠିଲା ।
ସେ କେମିତି ଝଡ଼ ବର୍ଷା ତୋଫାନ ଘଡ଼ଘଡ଼ି ଚଡ଼ଚଡ଼ିକୁ ଦୁଡ଼ କରି
ଅମଡ଼ା ବାଟରେ ଜୀବନ ମୁର୍ଚ୍ଛାକରି ପଳେଇ ଅସିଲା । ମନ୍ଦୁଅ
ଟିକିଏ ଥମିଲା—କହୁଥିବା ବେଳେ ତାର ଅଖି ଭାସି ଯାଉଥାଏ ।
ମୋତ କହିଲେ—କହିବାକୁ ମନା କଲି ତେମେ ମାନିଲନି ।
ତମ ଦିହ ଯେମିତ ଏ ସବୁ ଏଇନାଏ ତମର କହିବାର ନ ଥିଲା ।
ଆଜି ଅଉ କହନି । ଚୁପ୍ ଚୁପ୍ ହୋଇ ଶୋଇପଡ଼ । ମନ୍ଦୁଅ
ଥର ଚୋଃକ କହିଲା—ଅଉ କହିବାର ନାହିଁ କିଛି । ତା
ପା' ହେଲା ତେମେ ଜାଣ । କାହିଁକି ଏ ଅଭାଗୀକି ବଞ୍ଚାଇଲ ।
ବଞ୍ଚେଇଲ ସିନା ମୁଁ ତମର କି କାରଣରେ ଲାଗିବି ଯେ ତେମେ
ମୋ ପାଇଁ ଏତେ କରୁଚ । ସେ କଥା ପରେ ବିଚାରିବା—ତମ
ବାପର ଖବର ମୁଁ ନେବି—ଯାଉଚି କାଲି ସକାଳେ ଅସିବ
କହି ମୋତ ଉଠିଲେ । ମନ୍ଦୁଅ ପଚାରିଲା—ଅରବେଳା ଅସିବନି ?
—ବାପା ଖବର ପାଇଲେ—। ପାଇଲେ ଅସିବି, ନର୍ଶକୁ ତମ
ପାଖକୁ ଡାକି ଦଉଚି କହି ପର୍ଦା ଅଡ଼େଇ ମୋତବାରୁ ବାହାରି

ପଁଢ଼ିବାରେ ଡାକ୍ତରବାବୁଙ୍କୁ ଖାରୁଛନ୍ତି । ଫେମା ଉଠବେ କିଛୁ ଅଡ଼େଇ ହୋଇ ଗ୍ଭଲିଯିବା ବେଳକୁ ରଥେ କହୁଲେ—ଆପଣଙ୍କୁ ବାହାରେ କିଏ ଝୋକାଟିଏ ଓ ଝିଅଟିଏ ଅପେକ୍ଷା କରିଛନ୍ତି; ସେଇ ଖବର ଦବାକୁ ଅସିଥିଲି ଓ. ବେ. କହୁ ମୋଡବାବୁ କାଁ ହାତଅ ସଲାମ କରି ଓ୍ୱାର୍ଡ଼ ବାହାରକୁ ଗ୍ଭଲି ଅସିଲେ । ଡାକ୍ତର ରଥଙ୍କୁ ଶୁଣାଇ କହୁଲେ—କେବିନକୁ ନର୍ସଙ୍କୁ ପଠାଇଦେବ ।

ମଲ ସୁରେଶ କେତେବେଳ ଯାଏ ଅପେକ୍ଷା କରିତ ? କୋଉକଥା; ସଙ୍ଗିନୀଙ୍କର ମେଡ଼ିକ୍ୟାଲ୍ କଲେଜରେ ଅଡ଼ମିସନ କଥାଟି, ମୁଁ ଏକାବେଳେକେ ଭୁଲି ଯାଇଥିଲି କହୁ ଦୁଇ ହାତରେ ସୁରେଶ ଓ କମଳା ଦୁଇ ଜଣଙ୍କ ହାତ ଧରି ଅଭିନନ୍ଦନ ଜଣାଇଲେ । ସୁରେଶ କଣ କହୁ ଅସୁଥିଲେ ତାଙ୍କୁ ବାଧା ଦେଇ କମଳା କହୁଲେ ଅଛା ଆପଣଙ୍କର କି ଅକଲ୍ ଭଲ କହୁଲେ । ଯୋଉଠି ନାଇଁ ସେଇଠି ନକଲ୍ । ସେଠା କଣ ଅଜ ଦେଶକାଳପାତ୍ରର ଅପେକ୍ଷା ରଖେ ସଙ୍ଗିନୀ; ସେ ପରା ପ୍ରାଣର ଅନ୍ତରତମ ପ୍ରଦେଶର ଅଦେଶ—ଛମ ଭିନିଅ ସଙ୍ଗିନୀଟିଏ ଦେଖିଲେ ତାର ସ୍ୱତଃ ସ୍ଫୁରଣ ହୁଏ । ଚୁପ୍ ଚୁପ୍ ସବୁବେଳେ ସଙ୍ଗିନୀ ସଙ୍ଗିନୀ ହୁଅ ନାଇଁ, ଗ୍ଭବିଅଡ଼େ ବାରି ପ୍ରକାର ଲୋକ; କିଏ କଣ ଭାବିବ ।” ଭାବିବ କଣମ ? ସୁରେଶ ମୋର ହେଲା ପିଲାଦିନର ସାଙ୍ଗୀ ଅଜି ତେମେ ଯେତେ-ବେଳେ ତାର ହାତ ଧରିଛ ତେମେ ହେଲ ମୋର ସଙ୍ଗିନୀ—ଏଥିରେ ତ କାହାରି କିଛି କହୁବାର ବା ଭାବିବାର ସ୍ଥାନ ବା ଅବସର ନାହିଁ । ଗ୍ଭଲ ଗ୍ଭଲ ତମକୁ ନେଇ ଯାଏଁ ପ୍ରିନ୍‌ସିପାଲ ପାଖକୁ ଅଡ଼ମିସନ କଥା ବୁଝିଦବା । ସୁରେଶ କହୁଲେ ଆସ ଏଇ ଉତ୍କଣ୍ଠାରେ

ତମେ ଦେହେଁ ବସ । ନାଇଁ ଆଜ ଚଲ ସମସ୍ତେ ଚାଲିଯିବା ।
ଣିଷଟଣା ଗାଡ଼ିରେ ମୁଁ ବସେନି—ମଣିଷକୁ ଏତେ ତଳ ସ୍ତରକୁ
ଘୋସାରି ଆଣିବା ମୁଁ ପସନ୍ଦ କରେନି । ଗାଡ଼ି ପଛରେ ଆସୁ-
ନ୍ତି ମୋତି ଅଟଭେର ହେଲେ; କମଳା ତାଙ୍କ ସାଙ୍ଗ ଧଇଲେ;
ାଡ଼ିବାଲାକୁ ଆସିବାକୁ କହି ସୁରେଶ ତାଙ୍କ ପିଛୁ ଧରିଲେ ।
ଣ୍ଡେ ଦୂରରେ ପ୍ରିନ୍‌ସିପାଲ୍‌ଙ୍କ ଅଫିସ । ଚଲ ଚଲ୍ ହୋଇ ସେଠିକି
ାଉଁ ଯାଉଁ ମୋତି ପଚାରିଲା—ଆଗୁ ସାଙ୍ଗ ତୋର ଗ୍ରେଜୁଏଟ୍‌କୁ
ନାଣି ହେଲା ? ତୁ ପରା ସେକ୍ରେଟେରିଏଟରେ ବୋଧ ଡିପାର୍ଟ-
ମେଣ୍ଟରେ ଅଛୁଟି ? ସୁରେଶ କହିଲେ ରେଭେନ୍ୟୁରେ । ପ୍ରମୋସନ
ହେଲା ଆଜ କାହିଁ ? ତୋ ଭଲଆ ବଗୁଲିଆର ଯେ ଲଙ୍ଗୁଳ
ଧରିଥିବ—ସେ କାହାଲ୍ ତ ହେଲା ।

ନାଇଁ ମ, ମୁଁ ଭୁଲିନାଇଁ ଯେ—ସୁବିଧା ପାଇନାଇଁ
ଏ ପର୍ଯ୍ୟନ୍ତ । ମୁଁ ପରା ଦେଖିଲିଣି ଏଥର ଗୋଟାଏ ଏମ୍. ଏଲ. ଏ.
ହେଇବା କଥା ଗୋଟାଏ ନ ହେଲେ; ଏ ମନ୍ତ୍ରୀଗୁଡ଼ାକ ଆମକୁ ଯମା
ାଉର ତଳକୁ ଅଣୁ ନାହାନ୍ତି । ଆସେମ୍ବ୍ଲିକୁ ଥରେ ପଶିଗଲେ—
ାଚୁବେଲେ ତାଙ୍କୁ ଧମକେଇବ—ହେଇ ପାର୍ଟି ଛାଡ଼ିଲି । ଆ
ାମ ପଧାନ, ରାମ ଭୋଇ, ବାଷିଗଣ୍ଡ, ରାଧୁଚରଣ ଏମିତ ଦ ଗୁରୁଟାଙ୍କ
ାଙ୍ଗୁଡ଼ରେ ବାନ୍ଧିଥିବ । ଏମିତ କରୁ କରୁ ଦିନେ ମନ୍ତ୍ରୀ ହବାକ
ଟିନ କଥା ନୁହେଁ । କମଳା କହିଲା—ତମର ବୋଜ ଧନ
ନାହିଁ, ନା ବିଦ୍ୟା ନାହିଁ, ନା ମାନଥ ନ ନାହିଁ ଯେ ତମ
ପଯରେ ଆସେମ୍ବ୍ଲିକୁ ଯିବା ବିଚାର ହଉଚି ? ମନ କଲେ ତ
ଗଲ । ' ତା ସତ ଟେ—ମୋର ସେ ଅଡ଼କୁ ଅଗ୍ରହ ନାଇଁ ।
କମଳା ଗଚ୍ଛିଲା—ଅଙ୍କ ଲୁଅଡ଼େ—ସେବାଦଳ ଚଡ଼ିବାରେ—"

ହଁ ଏକପ୍ରକାର, ମୋର ଅମ୍ବିସନ କଣ ଜାଣ ସଙ୍ଗିନୀ—ବିଦେଶରେ ଯେମିତି ସବୁ ନର୍ସିଂ ହୋମ୍ ଅଛି ବୋଲି କାଗଜ ପତ୍ରରେ ଦେଖିଛୁ, ସେମିତିଆ ଗୋଟାଏ ବଡ଼ ଧରଣର ନର୍ସିଂହୋମ କରିବାକୁ—ଅନ୍ତତଃ ଚିତ୍ତରଞ୍ଜନ ସେବାସଦନ କଲିକତାରେ ତ ଦେଖିଥିବ, କମ୍ ସେ କମ୍ ଗୋଟିଏ ସେମିତିଆ ଏଇଠି ଆମ ପ୍ରଦେଶରେ କରିବାକୁ—ତାଠୁଁ ଟିକିଏ ଭଲ। ମୋର ପ୍ରୋଗ୍ରାମ୍—ଯୋଉଠିକି ଚିକିତ୍ସା, ସୁଶ୍ରୁଷା, ସେବା ଆଉ ଗରିବ ଦୁଃଖିଙ୍କ ପାଇଁ ଗୋଟାଏ ସ୍ଥାୟୀ ସଂସ୍ଥାନ ହୋଇପାରିବ । କମଳା ଟିକିଏ ହସିଲା । ହସୁଚ, ତମର ମନକୁ ପାଉ ନାହିଁ ନା । ଆଚ୍ଛା ଶୁଣ ତମ ସାଙ୍ଗରେ ଗୋଟାଏ କଥାର ରହିଲା ମୂଳରୁ, ତମର ମେଡ଼ିକାଲ୍‌ରେ ଆଡ଼ମିଶନ୍ ତ ହେବ । ତେମେ ସେଠୁ ପାଶକରି ବାହାରିଲେ—ସେତେବେଳକୁ ମୋର ନର୍ସିଂ ହୋମ ହୋଇ ସାରିଥିବ; ତେମେ ସେଠି ମୋ ସାଙ୍ଗରେ ପାର୍ଟନର କାମ କରିବ । ମୋର ସେଥିରେ ଅରାଜି ନାହିଁ, ତେବେ ଆମ କର୍ତ୍ତାଙ୍କୁ ପଚାରି । ମୋତି ପଚାରିଲେ—'କରେ ସୁରେଶ କଣ କହୁଚି' । 'ହଉ' ସେତେବେଳେ ସେ କଥା ଦେଖାଯିବ । କଣ ଗୋଟାଏ ମାଇପି ଚଗ ନାହିଁ—ପୁଅ ନାହିଁ ପୁଅ ପେଟରେ, ପୁଅର ବାପ ଖଡ଼ୁ ଗଢ଼ୁ ଅଛି ହରିହରପୁର ହାଟରେ । ତୁ ସୁରେଶ ସବୁ ଆକାଶ କଇଁଅ ଶିଲ୍କା ମାଛ ବୋଲି ଭାବୁଛୁ । ହଉ ଥା ଦେଖିବୁ ଫେର । ସଙ୍ଗିନୀ, ତମ ସାଙ୍ଗରେ ମୋର କଥା ଏଇ ଜବାବ ରହିଲା । ଆଚ୍ଛା ମୁଁ ଯାଏ ଟିକିଏ ପ୍ରିନସିପାଲ୍ ସାହେବଙ୍କ ସାଙ୍ଗେ ହାତ ମିଳାଇ ଅସେଁ ତେମେ ଏଇଠି ଥା ଦହେଁ—ଏଇ ବେଞ୍ଚରେ ବସିଥା । ମୁଁ ଏଇନାଏ ଆସୁଛି କହି ମୋତି ପ୍ରିନ୍‌ସିପାଲଙ୍କ ଅଫିସ ରୁମ ଭିତରକୁ ଅବାଧରେ ପଶିଗଲେ । ଅଧ୍ୟକ୍ଷ ଜଣକ ଟିକିଏ ବୟସ୍କ ବିଦେଶୀ ଲୋକ; ମୋତିବାବୁଙ୍କୁ ଦେଖି ଫଟ୍‌କିନା ଉଠି ଠିଆ

ହୋଇପଞ୍ଚୁ ହାତ ବଢ଼ାଇଲେ । ମୋତି କରମର୍ଦ୍ଦନ କରି ବସିଲେ । କହିଲେ ଗୋଟାଏ ଛୋଟ କଥାପାଇଁ ଆପଣଙ୍କୁ ବିରକ୍ତ କରିବାକୁ ଆସିଲି କିଛି ମନେ କରିବେ ନାହିଁ । କାଲି ଗ୍ରେଟାଗାର୍କ୍ଲବ୍ ପାର୍ଟିରେ ହେଲଥ୍ ମିନିଷ୍ଟରଙ୍କ ସାଙ୍ଗେ ଦେଖା ହୋଇଥିଲା — ମେଡ଼ିକାଲ ଏଡ଼୍‌ମିସନ୍ ନେଇ ଅନେକ ଆଲୋଚନା ହେଲା । ମୁଁ ଆସିଲି ଆପଣଙ୍କୁ କହିବାକୁ ମିସେସ୍ କମଳା ପରିଜାଙ୍କ କଥା । ସେ ଆଇ. ଏସ୍. ସି. ପାଶ୍ କରିଛନ୍ତି ଫାଷ୍ଟ ଡିଭିଜନରେ । ତାଙ୍କର ମଧ୍ୟ ବାୟୋଲଜି ଅପ୍‌ସନାଲ ଥିଲା; ତାଙ୍କର ଅଡ଼୍‌ମିସନ ବିଷୟରେ ଆଉ ଅସୁବିଧା କଣହେବ ? ପ୍ରିନ୍‌ସିପାଲ୍ ଭଙ୍ଗା ଭଙ୍ଗା ଓଡ଼ିଆରେ କହିଲେ ମେସ୍ତେଦେବ ତ ଆଇ. ଏସ୍. ସି. ପାଶ୍ ଷ୍ଟାଣ୍ଡାର୍ଡ଼ ଧରାଯାଇଛି, ତେବେ ବୋର୍ଡ଼ ଯାହା କରିବେ । ଇଣ୍ଟର ଭିଉ ୧୩ ତାରିଖେ । କ ନାମ ଆମି ନୋଟ କରେ ରଖୁଛି, କାର୍ଡ଼ ପାଇବ । ମିସେସ୍ କମଳା ପରିଜା, ନାମ୍ ନା ? ମୋତିବାବୁ ପଚାରିଲେ—ତାଙ୍କୁ ମଧ୍ୟ କଣ ଇଣ୍ଟରଭିଉ ଭିତର ଦେଇ ଯିବାକୁ ହବ । ପ୍ରିନ୍‌ସିପାଲ ଟିକିଏ ଇତଃସ୍ତତ ହୋଇ କହିଲେ—ତା ଆଉ କି କରାଯାଏ । ତବେ ସେଟା ଗୋଟେ ଫରମାଲ୍ ଜିନିଷ ।' ମୁଁ ତେବେ ମିସେସ୍ କମଳା ପରିଜାଙ୍କ ଏଡ଼୍‌ମିସନ ବିଷୟରେ ନିଶ୍ଚିନ୍ତ ରହିଲି । ସେତ ଆସିଛନ୍ତି; ଏଇନାଏ ଆପଣ ଇଚ୍ଛାକଲେ ଦେଖିପାରିବେ । ନା ଆଉ ଦରକାର କି, ଇଣ୍ଟରଭିଉକୁ ଆସତେଇ ହବ ଯେତେବେଳେ; ଆପନ ନିଶ୍ଚିନ୍ତ ରହିପାରନ୍ତି—ତେବେକିଛି ପଟ୍ଟନାଏକ ଏମ. ଏ. ଏଲ୍.ଙ୍କୁ ଆପଣ କହିଲେ ଭଲ ହବେ ବୋଲି ପ୍ରିନ୍‌ସିପାଲ କହିଲାରୁ ମୋତିବାବୁ ଉଠିଲେ—ସେ ବିଷୟ ମୋତେ ଲାଗିଲା କହି ତାଙ୍କ ସାଙ୍ଗରେ ହାତ ମିଳାଇ ବାହାରକୁ ଆସିଲେ । ସୁରେଶ ଓ କମଳା କଥାବାର୍ତ୍ତାର କିଛି ଅବକାଶ ପାଇଥିଲେ । ହସି ହସି ଠିଆ ହେଲେ, କଣ ହେଲା

ପଣ୍ଡିତବାବୁ ମୋହିତ କହିଲେ ମୋ ମୁହଁ ଦେଖି କିଛି ଜାଣି ପାରୁନ ?
ଆଜି କଣ ତେବେ ଡାକ୍ତରାଣୀ ହେବ ମ ସଙ୍ଗିନୀ । ଅରେ ସୁରେଶ
ତୁ ସେ ରିକ୍ସାବାଲାକୁ ବିଦା କରିନୁ ? କି ବୋକାଟାମ । ମୁଁ ତମ
ଦିହିଙ୍କି ମୋ ଗାଡ଼ିରେ ନେଇ ଛାଡ଼ିଦେଇ ଆସନ୍ତିନି ? ଅରେ ତୋର
ବାରଅଡ଼ୁ ତେର କାମ, ତୋତେ କଣ ଫୁରସତ ଥିବ ଯେ; ଆଜି
ଆମେ ରିକ୍ସାରେ ଯାଉଚୁ କହିଲାରୁ ସୁରବାବୁ ବାଧା ଦେଲେ; ମୋହିତ
ନିଜ ପକେଟରୁ ଗୋଟାଏ ଟଙ୍କା କାଢ଼ି ରିକ୍ସାକୁ ଦେଇ ବିଦା
କରିଦେଲେ—କହିଲେ ଗୋଟାଏ ମିନିଟ ଏଠି ରହ ମୁଁ ଗାଡ଼ି ନେଇ
ଆସୁଚି କହି ଧାଇଁ ଧାଇଁ ଗାଡ଼ି ଆଣିବାକୁ ଚାଲିଗଲେ । ସୁରେଶ ଓ
କମଳା ବାରଣ୍ଡାରୁ ଓହ୍ଲାଇ ରାସ୍ତା ଉପରକୁ ଆସିଲେ, ଭିତରେ ଗାଡ଼ି
ଆସି ପହଞ୍ଚିଗଲା । କବାଟ ଖୋଲିଦେଇ ଗେଟ୍ ଇନ୍ ମୋହିତ କହିଲେ ।
ସ୍ତ୍ରୀ ପୁରୁଷ ଦୁହେଁ ଗାଡ଼ିରେ ବସୁଣୁ ନ ବସୁଣୁ କମଳା କହିଲା—
ଅଚ୍ଛା ମୋହିତବାବୁ—ତମର କି ଅକଲ୍ ଭଲା କହିଲ—ଖୁବ୍ ବେଶି
ହୁଏତ ଅଠଅଣା ନେଇଥାନ୍ତା ତେମେ ସେ ରିକ୍ସାବାଲାଟାକୁ
ଗୋଟାଏ ଟଙ୍କା ଦେଇ ପକାଇଲ । ଗାଡ଼ି ଖୁବ୍ ଜୋରରେ ଘଣ୍ଟି
ଦେଇ କହିଲେ—ଆହା ବିଚରା ଆମର ପରି ମଣିଷଟାଏ ସିଏ; ସେ
ପେଟ ପାଇଁ ଯେତେ କଷ୍ଟ କରୁଛି, ଟଙ୍କାଟା ତାର ନିହାତି କମ୍
ଦାମ୍ । କମଳା କହିଲେ—ତେମେ ସିନା ବଡ଼ଲୋକ; ମଟର ଗାଡ଼ି
ଅଛି, ଆମ ପରି ଦରିଦ୍ର, ଆମର ରିକ୍ସା ଛଡ଼ା ଆଉ ଗତି କଣ;
ସେଥିରେ ପୁଣି ମନ ନ ହଉଥିଲେ ବି ମୂଲଚାଲ କରି ଯେତେ କମ୍
ଦିଆ ଯାଇପାରେ । ଆମର ଉପାୟ କଣ ? ମୋହିତ କହିଲେ—
ସେଇଠି ତ ତେମେ ମୋତେ ଭୁଲ ବୁଝିଲ—ବଡ଼ ଲୋକ ତ
ନୁହେଁ—ବଡ଼ଲୋକର ପୁଅ ବୋଲି ମୁଁ ରିକ୍ସା ଚଢ଼େନି; ମଟର
ଚଢ଼େ ତା ନୁହେଁ । ମୋ ବାପା ବଡ଼ଲୋକ ତାଙ୍କର ମଟରଟାଏ

ମୋତେ ଚଢ଼ିବାକୁ ଦେଉଛନ୍ତି ବୋଲି ମୁଁ ଚଢ଼େ; କ
ହେଲେ ତ ସାଇକଲରେ ବା ଗଦବ୍ରଜରେ ବୁଲୁ ଥାଆନ୍ତି; ଆମର
ପରି ମଣିଷ କାନ୍ଧ ଉପରେ ଚଢ଼ନ୍ତି ନାହିଁ କେବେ । ସୁରେଶ କହିଲେ—
ସେମାନେ ତ ଫେର ପେଟ ପୋଷିବେ । ସେ ଦୁଇପଇସା ଟାଣିବା ବେଉସା
କରନ୍ତି; ଆମେ କେହି ଯେବେ ନ ଚଢ଼ିବା ତେବେ ସେମାନେ
କଣ ଭୋକ ଉପାସରେ ମରିବେ । ମୋତ ଠୋ ଠୋ କରି ହସିଲେ ।
ତୋ ଯୁକ୍ତି ବୋଉଅଡ଼ଙ୍କୁ ପାଉ ନାହିଁ ସୁରେଶ । କରେ ସେମାନେ
ଭୋକରେ ମରିବେ କାହିଁକି ? ସେମାନେ କୃଷି କରିବେ, ଲୁଗା
ବୁଣିବେ, କମାର କାମ କରିବେ, ମିଲ୍‌ରେ କାମ କରିବେ ।
ଲକ୍ଷେ ପ୍ରକାରର କାମ ତାଙ୍କ ପାଇଁ ଅଛି । ମୂଲ୍ ଲାଗିଲେତ ହେଲେ
ସେମାନେ ଦେଶର ଉତ୍ପାଦନ ବୃଦ୍ଧିରେ ନିଜକୁ ନିୟୋଗ କରୁଛନ୍ତି—
ଦେଶର ଶ୍ରୀ ସମୃଦ୍ଧିରେ ସହାୟ ହେଉଛନ୍ତି—ଗୋରୁ, ବଳଦ, ଘୋଡ଼ାଙ୍କ
ପରି ତ ନିଜକୁ ପଶୁଙ୍କର ଭାର ବୋହୁ ନାହାନ୍ତି । କମଳା କହିଲେ—
କଥାରେ କହନ୍ତି—ପେଟ ପୋଷ ନାହିଁ ଦୋଷ, ତେମେ କଣ
ସେ କଥାରେ ଆସ୍ଥା ରଖ ନାହିଁ—ମୋତବାବୁ ? ମୋତ
କହିଲେ—"ସେ କଥା ସତ ଯେ ସଙ୍ଗିନୀ; ପେଟ ପୋଷିବାରେ
ଦୋଷ ନାହିଁ । ତେବେ ଯୋଉ ପେଶା କଲେ ମଣିଷ ମଣିଷଠାରୁ
ଶ୍ରେଷ୍ଠ ହୋଇଯାଏ—ପଶୁ ସାଙ୍ଗେ ସମାନ ସ୍ତରକୁ ଆସିଯାଏ—ସେ
ପେଶା ତାର କରିବା ଉଚିତ ନୁହେ । ସେଥିରେ ତାର ଆତ୍ମଜ୍ଞାନ ବା
ଆତ୍ମମର୍ଯ୍ୟାଦା ତା' ଅଜାଣତରେ ବହୁତ ତଳେଇ ଯାଏ; ମଣିଷର
ନୈତିକତା ସେଥିରେ ବହୁତ ଅଧୋଗତି ହୁଏ । ସହଜସିଦ୍ଧ ବୁଦ୍ଧି
ବୃତ୍ତି ସ୍ଥୂଳ ହୋଇଯାଏ । ସେଠା ତା ପକ୍ଷରେ ମାରାତ୍ମକ, କୁତ୍ସିତ୍,
ସଙ୍ଗିନୀ । କମଳା କହିଲେ—ହୁଏତ ତମ କଥା କେତେକଟା ସତ,
ତେବେ ମଣିଷକୁ ତ ଫେର ସେମିତିଆ ପେଶା ଯୁଟିବା ଗୃହ—

ତାର ଦାୟିତ୍ୱ କିଏ ନେଉଛି ? ମୋତି କହିଲେ—ସେଇଠି ଅସିଲ ଷ୍ଟେଟ ବା ସରକାରଙ୍କ ଦାୟିତ୍ୱ; ତେବେ କଥାଟାକୁ ଏକାବେଳେ ବୁଝି ସମସ୍ତେ ହଜମ କରି ପାରିଲ । ଅଜି ଏ ସୁରେଶଟା ତ ପିଲାଦିନୁ ସେମିତି ବୋକାଟା ପରି ବଲବଲ ଚାହିଁ ବସିଛି । କଥାଭାଷା ହଉ ହଉ ଗାଡ଼ି ଅସି କାଠଯୋଡ଼ିକୂଳ ମଠ ପାଖରେ ପହଞ୍ଚିଲାଣି । ସୁରେଶ କହିଲେ—“ମୋତି ତେବେ ଏଇଠି ଆମକୁ ଓହ୍ଲାଇ ଦିଅ; ଅମେ ଏଇଠୁ ଚାଲିଯିବୁ ଯେ ଅଳ୍ପ ବାଟତ । ତମେ ଅଜି ସେ ଗଳି ଭିତରେ କାହିଁକି ପଶିବ ।” ମୋତି କହିଲେ “ମୋତେ ବିଶେଷ କିଛି ଅସୁବିଧା ହବନାହିଁ । ଚାଲ ତମକୁ ବସା ଦୁଆର ମୁହଁରେ ଛାଡ଼ି ଅସିବି—ବୁଝିଲ ସାର୍ ? ଏକେତ କଟକ ରାସ୍ତା, ତା ପରେ କାଲି ରାତିର ବର୍ଷା—ପାଣି କାଦୁଅରେ ସଙ୍ଗିନୀଙ୍କର ତକ୍‌ଲିଫ୍ ହବ—ବୁଝିଲ ।” କମଳା ହସି କହିଲା—ହଉ ସେତିକି ଦରଦ ଥାଉ । ଅମେ ବିନା ତକ୍‌ଲିଫ୍‌ରେ ଏଠୁ ବସାକୁ ଯାଇ ପାରିବୁ । ଅପଣଙ୍କୁ ବହୁତ ବହୁତ ଧନ୍ୟବାଦ କହି ସୁରେଶ ଓ କମଳା ମଟରରୁ ଓହ୍ଲାଇ ପଡ଼ି ପଚାରିଲେ—ଫେର କେବେ । “ସାଇଁ କରିବେ ଯେବେ” — ସୁରେଶ ଓ କମଳା ପିଠି ଫେରାଉ ନ ଫେରାଉଣୁ ମୋତିବାବୁ ଗାଡ଼ି ଚଳାଇ ବାହାରିଗଲେ ।

## ତୃତୀୟ —

ନାରୀନେତ୍ରୀ ନମିତାଙ୍କର ବଜାରରେ ଯେତେ ବଦ୍‌ନାମ, ସ୍ୱରାଜ ସଂଘରେ ଏବଂ ସ୍ୱଜନ ଗୋଷ୍ଠିରେ ତାଙ୍କର ସେତିକି ଆଦର । ସ୍ୱରାଜ ଆନ୍ଦୋଳନ ଯେତେବେଳେ ଆମ ଦେଶରେ ତେଜି ଉଠିଲା; ସେତେବେଳେ ସ୍ୱାମୀ ଶ୍ୱଶୁର, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ପଛକୁ ପକେଇ ଦେଇ ସେ ଆନ୍ଦୋଳନ ଭିତରକୁ ଡେଇଁ ପଡ଼ିଲେ । ବହେ ଗୋଠଖଣ୍ଡିଆ ଦରପାଠୁଆ କଲେଜ ଇସ୍କୁଲ୍ ଛଡ଼ା, ବାପ ମା ଝଗଡ଼ା ଟୋକାଏ ନମିତାଙ୍କୁ ଡାଳଗଛୁଆ କରି ତାଙ୍କ ମଝିକୁ ଟାଣି ଆଣିଲେ । ନମିତା ଖାନଦାନ ଘର ଝିଅ, ବାପଘରେ ଭାରି ଗେହ୍ଲାରେ ବଢ଼ିଥିଲେ । ଶଶୁର ଘର ବି ଖାନଦାନ, ଜମିଦାର । ହେଲେ ବାପଘର

ଏବ ନୁହେଁ, ସ୍ୱାମୀ ଟିକିଏ କଡ଼ା ନକରଅ । ନମିତାଙ୍କୁ ସେଇଟା ବ
ଅଡ଼ୁଆ ହେଲା । ସ୍ୱାମୀଙ୍କର ଗୋଟାଏ ଦୁଇଟା ଗର୍ହିତ ଦୁର୍ବଳତାକୁ
ବେଶ୍ ବଢେଇ ଚଢ଼େଇ ଥାଟ ପଟୁଆରରେ ସମସ୍ତଙ୍କ ଆଗରେ ଥାପନା
କରି; ନମିତା ଘରେ ବୋହୁ ହୋଇ ଥାଇଁ ସ୍ୱାମୀଙ୍କୁ ପ୍ରଥମେ ହେଳା,
ପରେ ଅମାନ୍ୟ ଓ ଶେଷ ବେଳକୁ ଦୁରଛଡ଼ା କରି ଶିଖିଥିଲେ । ଦେଶ
ମୁକ୍ତ କରିବାର ଆନ୍ଦୋଳନ ବଜାରପଠଉଁ ଆରମ୍ଭ କରି ଗାଁ ଗଣ୍ଡାରେ
ଯେତେବେଳେ ତାଙ୍କ ଜଚ୍ଛନ ପଡ଼ିଗଲା, ସେତେବେଳେ ସେ
ଶ୍ରୀମରଡ଼ି ସମ୍ଭାଳି ନ ପାରି ବାହାରି ପଡ଼ିଲେ ବ୍ୟାସ ସରୋବର ଘର
କୋଣରୁ । ପୁଅ ପଢ଼ିବାର ଆଳ କରି କଟକରେ ତାଙ୍କ ଗାଁ ବସାରେ
ଆସି ରହିଲେ । ଗୁପ୍ତ ମନ୍ତ୍ରଣା, ଘରୋଇ ବୈଠକରୁ ଆରମ୍ଭ କରି
ଟାଉନହଲ ସଭା, ନଈବାଲି ମେଲାରେ ବକ୍ତୃତା କରି ସେ
ସାଧାରଣରେ ବେଶ୍ ଆଦର ପାଇଲେ । ପୁଅ ପାଇଁ ଯୋଗ୍ୟ ବି. ଏ.
ପଢ଼ା ଘରୋଇ ମାଷ୍ଟର ରଖିଲେ, ତାଙ୍କୁ ଖୁଆଇ ପିଆଇ ପଠାଇ ରଖି
ଦିନରେ ଅଳ୍ପ ସମୟ ଓ ସଞ୍ଜବେଳେ ଅଧିକ ସମୟ ତାଙ୍କଠାରୁ
ଇଂରାଜି ଓ ହିନ୍ଦି ଶିଖିଲେ । ଅଳ୍ପ କେଇଦିନେ ସେ ବକ୍ତୃତା
ଦେବାରେ, ହିନ୍ଦି ଓ ଇଂରାଜିରେ ମଧ୍ୟ କହି ପାରିବାରେ ଲାଏକ
ହୋଇଗଲେ । ସରକାରୀ ଚାକିରିଆଙ୍କ ମହଲରେ ମଧ୍ୟ ତାଙ୍କର
ଖୁବ୍ ପ୍ରତିପତ୍ତି ବଢ଼ିଲା । କାହାକୁ ବୃତ୍ତି, କାହାକୁ ଚାକର କରାଇ
ଦେଇ ନିଜ ଲୋକମାନଙ୍କ ଭିତରେ ତାଙ୍କର ଖୁବ୍ ମାନ ମର୍ଯ୍ୟାଦା
ବଢ଼ିଲା । ସମସ୍ତେ କହିଲେ ନେତ୍ରୀ ହେବାର ସବୁ ଗୁଣପାକ
ନମିତାଙ୍କଠେଇ ଗର୍ଜ୍ଜି ହୋଇଅଛି । କେବଳ କେଇଟା ଲଫଙ୍ଗା
ବଜାରି ଟୋକା ତାଙ୍କର ବଦନାମ ପଛବେଳକୁ କଲେ । କହିଲେ
ମଲ୍ଲ କି ଘର ଝିଅ କି ଘର ବୋହୂ ପାଣି ପଠାଣି ବାରଣ ନାହିଁ ।
ସମସ୍ତିଙ୍କ ସାଙ୍ଗରେ ଟେଙ୍ଗର୍ ଟେଙ୍ଗର ହୋଇ, ରାତି ନାହିଁ ଦିନ

ହିଁ, ଅନେକ ଲୋକଙ୍କ ହେଲ ଭୁଲଣା । ତାଙ୍କ ସ୍ୱାମୀ ଗଲେ
ହାତ୍ର ତାଙ୍କୁ ଶିକ୍ଷିତ କରିବାକୁ । କମେ ତାଙ୍କ ନାମ ହେଲ
ଆଜି ଗାଁ ଲୋକଙ୍କୁ ପଡ଼ିଲ । ଶିବବାବୁ ଏଭୁଲଟିଣୁ ଅନେକ
ଥା ଶୁଣିଥିଲେ ଅଗତ୍ୟ, ଶେଷରେ ମଣ୍ଟରଷ୍ଟାଣ୍ଟ ପାଖରେ କ୍ଳାକର
ାଇଭରମାନଙ୍କ ଭିତରେ ନମିତାଙ୍କର ସ୍ୱଭାବ-ଚରିତ୍ର ଓ
ାରକୁଲ ତଙ୍ଗର ଖ୍ୟାତି କହା ଯାଉଥିବାର ଶୁଣି; ହଠାତ୍ ଦିନେ
ାସି ମକଦମା ଅଛୁ କହି କଟକ ବସାରେ ହାଜର । ସେଠି ଆସି
ାଇ ଗୃହ ଧନ ଭିତରେ ଯାହା ଦେଖିଲେ ସେଥିରେ ଏକା-
ାବଲେଟକେ ବାବା ହାଠ ହୋଇଗଲେ ସେ । ଅନ୍ତରଙ୍ଗ ଅନେକ
—ସ୍ତାବକ ତା'ଠାଙ୍କୁ ବେଢି—ଚାଟୁ ପଦ୍ଧତି ପ୍ରେମ୍ପ୍ରୀତ ଗଣ
ାଇଲାର ତ ଆଉ ସଂଖ୍ୟା ନାହିଁ । ନମିତାଙ୍କୁ ଦଣ୍ଡେ ଫୁର୍ସତ
ନାହିଁ; ଆଜି ମନ୍ଦିରା, କାଲି ବୈଠକ, ଆରଦିନ ସଭା, ପରଦିନ
ପୁଜୁର, ତାପର ଦିନ ଟସ୍ତ । ଏତେ ପଇସା ଆସୁଛି କେଉଁଠୁ ?
ଘରେ ତ କୌଣସି କଷ୍ଟ ଅଭାବ ନାହିଁ—ମାଛ, ମାଂସ, ଘିଅ,
ଦୁଷ୍ଟର ଘର ଭପୁରା । ନିତଅ ଗାଁ ବାବୁକପୁଅ ଏଠି ନମିତାଙ୍କ
ପାଖରେ; ତାଙ୍କୁ ଗଞ୍ଜରେ ଚୋଡ଼ ଘପିଦବାକୁ ଡାକି କହିଲ,
ଧମକାଇ, ମନ ନେଇ ପଶୁଭିଲାରୁ ଥଲକୁଲ ଖାଇଗଲେ କଷ୍ଟ—ଆଜି,
ବାହୁ ସାଆନ୍ତାଣୀ ଅମର ଶୁଦ୍ଧ ସୁବର୍ଣ୍ଣ—କିଏ ତାଙ୍କ ନାଁରେ
ପଦେ କହିବ ଅହା ନିଷ୍କଳଙ୍କ ଦେବୀ ପ୍ରତିମା ପରି । ଯାହା
ଛୁଇଁଲେ ତା'ର ସୁନା ହେଲ । ଏତଲି ଭକ୍ତ ତାଙ୍କର —କିଏ କଣ
ଅଣୁଚି, କିଏ କଣ ଭେଟୁଚି, ନାହିଁ କହୁ କହୁ କିଏ କଣ
କେତେ ଔଜାଡ଼ି ଦଉଚି । ଆଉ ଗୃହା କଣ କମ୍ ଆସୁଚି କି ଆଜି ।
ସଭା ସମିତି ବୈଠକକୁ ଯୁଆଡ଼େ ଯେମିତି ଗଲେ ଫୁଲା ଫୁଲା
ଟଙ୍କା ତ ଅଣ୍ଟିଭରି ଆଣିଲେ । ସବୁ ତ ଆଣି ସେ ମାଷ୍ଟର ବାବୁଙ୍କ

ପାଖରେ ଅଜାଡ଼ି ଦିଅନ୍ତି, କହନ୍ତି— ତୁ ସାବ ରଖିଥିବ । ଘରେ
ସେ ମାଷ୍ଟର କଣ ସବୁବେଳେ ଚବିଶ ଘଣ୍ଟା ଏଇଠି ଥାଏ ? ଆଜ୍ଞା,
ରାତି ତିନି ଗ୍ରୁବ ଘଣ୍ଟ ଛାଡ଼ିଦେଲେ; ଏଇଠି ଶୁଅନ୍ତି ନାହିଁ ଏତିକି
—ନଇଲେ ଦିନରାତି ଚବିଶ ଘଣ୍ଟା ତ ଏଇଠି । ସବୁବେଳେ
ସାନ ବାବୁଙ୍କୁ ଧରି ତ ବସିଥାନ୍ତି—ଆଉ ଆଜ୍ଞା, ଆମ ବୋହୂ
ସାଆନ୍ତାଣୀଙ୍କ ତ ତାଙ୍କ ପାଖରେ କେତେ ଶ୍ରଦ୍ଧା, ଇଂରେଜୀ ପଢ଼ି
ସଭା ସମିତିରେ ଚମକେଇ ଦେଉଛନ୍ତି । ସତେ ନା—ଭଲ ଭଲ
କହି ଶିବବାବୁ ତୁନି ପଡ଼ିଲେ । ମନେ ମନେ ଭାବିନେଲେ
ଯାହା ସେ ଡାଇଭର ପଞ୍ଚାଙ୍କ କଥାବାର୍ତ୍ତା ହେଉଥିଲେ ସତ ତ । ଘିଅ
କୋଉଠି ପଡ଼ୁଛି ନା ମୁଗୁପଇତରେ ପଡ଼ୁଛି । ବାଆଁରେଇ
ଗୁଆଁରେଇ ଖାଇ ବସିଲା ବେଳେ ଦିନେ ନମିତାଙ୍କୁ ପଚାରିଲେ
ଯେ ନମିତା ଭାତ ଯାଇଁ କଡ଼ା ଜବାବ ଦେଲେ—ମଲି । ଦେଖଚ
କାମ କରୁଚ ବୋଲି ମୋର କଣ ଆଉ ନିଜ ଖର୍ଚ୍ଚ ନାହିଁ—ଶଢସା,
ଘୋଡ଼ାଗାଡ଼ି; ସବାର ଖର୍ଚ୍ଚା ତମର ସବୁ ଜମିଦାରଥା ଘରେ
ଯେମିତି ଅଛି । ଘରୁ ଖାଇ ଘୋଡ଼ା ଆଗରେ ଡେଇଁବା ମୋତେ
ମୋ ବାପା କି ମୋ ଶଶୁର ଶିଖେଇ ନାହାନ୍ତି । ତମକୁ ନାଇ
ନାହିଁ; କୁଟେଇ ମୁଟେଇ ଟଙ୍କା ୪୦।୫୦ ମାସକୁ ପଠଉଚ
ଯେ ସେଥିରେ କଟକ ବସା ଖର୍ଚ୍ଚ, ପିଲା ପଢ଼ା ଖର୍ଚ୍ଚ, ମାଷ୍ଟର
ଦରମା ସବୁ ଅଣ୍ଟିଯାଆନ୍ତା ପରା । ଶିବବାବୁ କହିଲେ—ନାଇଁ ତା
ଆଉ କୁଆଡ଼ୁ ଅଣ୍ଟାନ୍ତା—ମାସକୁ ତ ଦଶ ଭରଣ ଜଳ ଟଙ୍କାରେ ପାଣି
ପଡ଼ୁ ନ ଥିବ ଯେ—ଏମିତି କେଇ ଦିନ ଚଳାବ । ମଲି । ଠାକୁରେ
ଯେତେ ଦିନ ଚଳେଇବେ—ତମର ତାହିଁକି ରାଗ ଦାହ
ହେଉଚି ବୋଲି କହି ନମିତା ପାଣି ଟିକେସେ ଖୁବ୍ ଜୋରରେ
ଢକ୍ ଢକ୍ କରି ପିଇ, କଂସା ଟିକସଠାରୁ ଦୁମ୍କିନା ଭୁଇଁରେ

ଲୁ ହେଲେ । ଶିବବାବୁ ଟିକିଏ ହସି ନେଇ କହିଲେ—ମଣି !
କହୁଛ ବୋଲି ଭାବିଲି ମୁଁ ନଚେତ୍—ନାହିଁ ତେମେ ତ ଆଜିକାଲି
ଶ ନେତ୍ରୀ ହୋଇଗଲଣି । ଭଗବାନ ତମକୁ ସଦବୁଦ୍ଧି ଦିଅନ୍ତୁ !
ାଶକ୍ତି ନ ହେଲେ କେଉଁଠି କିଛି ହେଉଛି ? ରାମଚନ୍ଦ୍ରଙ୍କ
ଥ ବୀର ସେ ଘୋର ରାବଣ ମାରିବା ଆଗରୁ ସେଇ ଅଦ୍ୟାଶକ୍ତି
ର୍ଗାଙ୍କୁ ପୂଜା କରି ତେବେ ଯାଇଁ ଲଙ୍କା ଅଭିଯାନରେ
ାରିଥିଲେ; ଆମ ଗାଁର ଶାସ୍ତ୍ରୀ ପଣ୍ଡିତେ ବୋଲୁଥିବାର ଏଇ କଥା
ନ୍ତି—ମାଇପେ ସବୁ ଘର କୋଣ ଘୁଞ୍ଚି ସମ୍ମୁଖ ସମରରେ
ଶୀ ନ ହେଲେ ଶତ୍ରୁ ହାତରୁ ଏ ଦେଶ ଉଦ୍ଧାର କରି ହେବ ନାହିଁ ।
ତା କହିଲେ—ନିରାଟ ସତ କଥା କହୁଚନ୍ତି ପଣ୍ଡିତେ—ପଢ଼ାଶୁଣା
ବଡ଼କ ଲୋକ ଯେ ଜଣେ ମୁଁ ତାଙ୍କୁ ଭାରି ଭକ୍ତି କରେ ।
। କହିଲେ, "ସେଇ ପଣ୍ଡିତେ ପରା ଦୁ'ମାସ ହେବ ମୋ ପାଖରେ
ଟଇଟନ୍ତି ଯେ ଆପଣ ଆଜି ତାଙ୍କ ଏଇ ମଫସଲ କଚେରୀରେ
, ଏଇ ମାଲିମକଦମା ଟେଷ୍ଟ କଥାରେ ପଡ଼ି ଆୟୁ କ୍ଷୟ
ନ୍ତି—ଟିକିଏ ବସ୍ତୁତ କେନ୍ଦ୍ରରେ ବସ୍ତୁତତ୍ତ୍ୱ ପଢ଼ିବାର
ବକୁ ଯାଆନ୍ତୁ ।" ନମିତା "ହୁଁ, ତେମେ ଖାଇ ସାରିଲଣି
" କହି ହାତ ଧୋଇବାକୁ ଚାଲିଗଲେ । ହାତ ଧୋଇ ଧୋଇ
ରିଲେ—ତେମେ ତହୁଁ କଣ କହିଲ ତାଙ୍କୁ—ମୁଁ ଆଜି
କହିବି; କହିଲି ହଁ ସେ ବଡ଼ଯୁରେ ଭାବି ଚାଲି ମୋ କର୍ତ୍ତବ୍ୟ
ଠିକ୍ କରିବି । ଏଇଠି ଅଛି ୮।୧୦ ଦିନ ରହି
ଛି; ଏଇ ମଜଲିସରେ ଆମେ ତ ଆସି ଯୋଗ
ାଇଗଲେ ହୁଅନ୍ତା । ମୁହଁ ଫେରାଇ ନେଇ ନମିତା
ହିଲେ—ମଣି । ହୁଅନ୍ତା ନାହିଁ କାହିଁକି ମ ? ତେମେ ଅଧୁନା !
ମେ କଣ ଆସି ପାରିବ କି ? ତମର ତ ସାଙ୍ଗ ଭାଜିଗ

ବେଳରେ 'ବର୍ଣ୍ଣ; ତାଙ୍କୁ ସିନା ସ୍ମୃତି ପାରିଲେ—ତେମେ ଅସିବ "ସବୁବେଳେ ତମର ସେଇ 'ଦୋଷଦଅ କଥା । ସବୁବେଳେ ସବୁ କଥାରେ ଗୋଟାଏ ଅଯଥା ସନ୍ଦେହ । ଅସ୍ଥ ତେମେ ବଗୃବ ଭଲ ନିତା; ଭାଇଙ୍କର ଯେତେବେଳେ ହଠାତ୍ କାଳ ହୋଇଗଲା । ବର୍ଷେ ତିନି ମାସର କଅଁା କୁଳ ଭୁଅଣୁଣୀଟା ଘରେ; ବାପା ଏକାବେଳକେ ପାଗଲ; ଘରେ ମାଇପି ସ'ଇ ପଣ୍ଡଣାରେ ମୁରୁଖା ବୋଲି ମାଇପିଟିଏ ନାହିଁ—ସେତେବେଳେ ସେ ଚଜା ଟୋକିଟାଏ; କାଖରେ ପୁଣି ଉତ୍ତଅଣି ପିଲାଟାଏ; ଅଉ କାହାକୁ ତା ଦୁଃଖ ସୁଖ ହାନି ଲଭ ଜଣାନ୍ତା ? ମଲା କାହିଁକି ତା ବାପ ଘରକୁ ତାକୁ ପଠେଇ ଦେଲନି । ବାପ, ମା, ଭାଇ ତାର କିଏ ନ ଥିଲେ । ନାଇଁ ଯେ—ବାପଘରେ କେହ ତାକୁ ଆଦରିବେ ନାହିଁ ସେ ଜାଣେ । ସେଇଠି ସେମିତି ବାପଘରେ କଣ୍ଟା ନାଁ ପକେଇ ଥିଲା ଯେ କେହ ନବାକୁ ମଙ୍ଗିଲେନି । ମୁଁ ସବୁ ଜାଣେ ଯେ; ମତେ ବାଆଁରେଇବ କଣ—ହଉ ସେ କଥା ଗୁଡ଼ା ଗୁଡ଼; ସେ କଥା ଶୋଚନା କରି ଅଉ ଲଭ ନାହିଁ । ମୁଁ ମୋ ମସ୍ତକ ପଥର କରି ନେଇଣି; ଅମ ହିନ୍ଦୁ ଘରେ ଶହକେ ନବେ ବୋହୂଏ ଯାହା କରି ନେଇ, କିଛି ଚୁଇଁ ନ ଚୁଇଁଲା ପରି ଉପରେ ଉପରେ ଭାସି ଯେମିତି ସଂସାର ଶୃଙ୍ଖଳାରେ ଚଲେଇ ନିଅନ୍ତି । ଅଉ ସେଥିରୁ କି ମିଳିବ; ମୁଁ ଯାଉଚି, ଟିକିଏ ବିଶ୍ରାମ ନେଇ ଅଜି ଯିବାକୁ ହବ, ମୋର ଗୋଟାଏ ଗୃହା ଭୋଜି ଅଛି ଅଜ ଯିବାକୁ ପଡ଼ିବ ୪।୧ଟା ୫ଟା ବେଳକୁ । ତେମେ ଯା ଟିକିଏ ଶୋଇ ପଡ଼ିବ । ସଞ୍ଜବେଳେ ନଈକୂଳକୁ ବୁଲିବାକୁ ଯିବାବେଳେ ବାବୁଲାକୁ ସାଙ୍ଗରେ ନେଇ ଯିବ । ତାକୁ ନିତା ଉଠାଇ ଦୁଧ ପିଆଇଥିବ । ମୋର ଅସୁ-

ଟିକିଏ ତେଲ ଢୋକେ ଯାଇପାରେ । ବୁଝିଲ ତଳୁ ଜମିଗଲା ଆଜ
କୁ ଗଲେ, ପୁଅ ଶୋଇଛି ଦେଖି ତା ଗାଲରେ ଚଇଁଟେ
ଟିଏ ଚୁମା ଦେଇ ନିଜେ ଖଟ ଉପରେ ଚିତ୍ ହୋଇ ପଡ଼ିଲେ ।
ନାଗି ଅସିଚି କି ନାହିଁ; ଦାଣ୍ଡଦରଜା ବାଡ଼େଇ କିଏ ଡାକିଲା
ପୁଷ୍ପାଶ୍ରୀ, ପୁଷ୍ପାଶ୍ରୀ, ନିତା, ନିତା । ନିତା ଦାଣ୍ଡ ଘରେ
ାଇଥିଲା; ଝଡ଼ଝଡ଼ ହୋଇ ଉଠି କବାଟଟା ମେଲିଦେଲା ।
ଲା—ଆଜ୍ଞା ବଟନୁ । ସାନ୍ତାଣୀମାଙ୍କୁ ଡାକ ଦେଉଚି ବୋଲି
ାର ଯାଉଥିଲା ; ଫେରଆସି କହିଲା — ଆଜ୍ଞା ଗାଁରୁ ବାବୁ
ଚନ୍ଦ୍ର, ଦ'ଗ୍ଧର ଦନ ହବ । ଯା କହି ଚାଲିଗଲା । ତାଲରେ
ତାଙ୍କର କଅଁଳ ନିଦ ଭଙ୍ଗି ଯାଇଥିଲା । ଅର ଘଚୁ ପାଟି ବାର
ଲୁଗାପଟା ସଜାଡ଼ି ହେଲା—କାନ୍ଥରେ ଟଙ୍ଗା ବଡ଼ ଦରପଣରେ
ଦେଖି ବାଳଟା ସଜାଡ଼ି ଦେଲେ; ମୁହଁଟି ବାହଳା ରୁମାଲରେ
ଛି ଥାନେ ଥାନେ ଟିକିଏ ପାଉଡ଼ର ଲଗାଇ ଝାଡ଼ି ଦେଲେ,
ପିଷ୍ଟିକ୍, କଜ୍ଜଳ ଟିକିଏ ମଡ଼େଇ ନେଲେ । ଦର୍ପଣର ନେଳ କୁଙ୍କୁମ
ାଟା ଠିକ୍ ଅଛି ଦେଖି ଅଳପ ଟିକିଏ ହସି, ଦରଣ୍ଡା ବାଟ ଦେଇ
ଣ୍ଡଘରକୁ ଗଲେ; ମଲା । ମୋହନବାବୁ, ଉମ ପାଟି ବାଉଥିଲି ଠିକ୍ ।
ମେ ଏ ଖିଆରେ କୁଅଡ଼େ । ବସ ବସ । ମୁଁ ଏଇଠି ଦେଖୁଚି ।
ଭବାବୁ ନମସ୍କାର କରି ବାରଣ୍ଡାଠାଁ ବୁଲେଇ ପଡ଼ିଥିବା
ାଟାଏ ଚଉକିରେ ବସିପଡ଼ି କହିଲେ—ମୋର ଆପଣଙ୍କ
ଙ୍ଗରେ ଗୋଟାଏ ବଡ଼ ଜରୁରୀ କାମ ଅଛି । ଆପଣ ହୁଏତ
ାମ୍ କରୁଥିଲେ; ମୁଁ ଆପଣଙ୍କ ଅସୁବିଧା କଲି, କ୍ଷମା ଦେବେ ।
ୀତା ହସି କହିଲେ—ହଉ ଥାଉ ସେ ଲୁଚିବା କଥା । ମୋ
ଷରେ ତମର ଏତେ ଦୁରଛଡ଼ା ଦୁରଛଡ଼ା ଭାବ ମତେ ଭଲ
ଗେନି ମୋତେ । ମୁଁ ତମକୁ ଏତେବେଳେ ନିଜର ଅତି ଘନିଷ୍ଠ

କହୁ ପର ଭ୍ରବେ । ଅଜ କେତଙ୍କ ଯେମିତ ମତେ ନେମନ୍ଦ କୋ।
ଡାକନ୍ତି; ତେମେ ତ ତାଙ୍କୁ ଯେମିତ ଡାକନ। ସତକୁ ସ
ମୁଁ ତମକୁ ଖୁବ୍ ନିକଟରେ ପାଇବାକୁ ଗ୍ଭହେଁ—ହଁ, ସେ ସ
ଅବେଗ ବର୍ତ୍ତିମାନ । ଅଚ୍ଛା କହୁଲ—"କି କାମ ତମର ମୋଠି ।
ଟିକିଏ ଗୋପନୀୟ କଥା; ଏଭଠି କଥାବାର୍ତ୍ତା ହୋଇ ପାରିବ ତ
ପଗ୍ଭରିବାରୁ, ନମିତା ତାଙ୍କୁ ନିଜେ ବସିଥିବା ସୋଫାରେ ଅ
ବସିବାକୁ ଇଙ୍ଗିତ କଲେ । ମୋତି ଅସି ବସିଲେ। ନମି
କହିଲେ—"ସେ ଗାଁରୁ ଦା'ଗ୍ଭର ଦନ ହବ ଅସିଚନ୍ତି । ଅଜ ଦ
ଦୁ'ଧ୍ୱନେ ଗ୍ଭଲିଯିବେ । ଏଇନାଏ ନିଦରେ ଶୋଇ ପଡ଼ିବେଣି
ନିସଂକୋଚରେ ତମେ ସବୁ କଥା କହ । କଣ ହେଇଚ ।
ମୋତି କହିଲେ, "ଅପଣ ମନଦେଇ ଶୁଣନ୍ତୁ । ଅପଣଙ୍କୁ କହିବା
ଅଇଲି, ଏଇନାଟି ଯେ ଅପଣ ଯୁାର ଗୋଟାଏ ଉପାୟ ସହଜେ
କରି ପାରିବେ । ମୋତେ ରକ୍ଷା କରିବାକୁ ପଡ଼ିବ ଅପଣଙ୍କୁ
ଅପଣ ମୋତେ ସବୁବେଳେ ନିଜର ସାନ ଭଉଣି ପରି ଅଶ୍ୱାସ
ଦେଇ ଅସିଚନ୍ତି । ସେଇଥି ଉପରେ ଭରସା ରଖି ମୁଁ ଅପଣ
ଗୋଟାଏ ଅଗ୍ନି ପରୀକ୍ଷାରେ ପକେଇବାକୁ ଯାଉଚି । ଅପ
ଯାହା ପାରିବେ ; ଅଉ କେହୁ ପାରିବେ ନାହିଁ । ମୋ
ଜବାବ ଦିଅନ୍ତୁ , ଅପଣ ଏ ଉତ୍ପାତରୁ ମୋତେ ରକ୍ଷା କରିବା
ଅପଣଙ୍କର ସାଧ୍ୟମତ ଯତ୍ନ କରିବେ ।" ମୋତିଙ୍କ ଅଖି ଟିକ
ଛଳ ଛଳ ହୋଇ ଅସିଥିଲା । ମୋତିଙ୍କ ଡାହାଣ ହାତଟିକୁ ନିଜ ଦୁ
ହାତ ଭିତରେ ଖୁବ୍ ଚିପିକରି ଧରି ନମିତା ପଗ୍ଭରିଲେ—ମୁଁ ତ
ପାଇଁ ସବୁ କରିପାରିବି । ତେମେ କହ, ଏ ସବୁ ଭୂମିକା ର
ମୋତି କହିଲେ—ଅପଣ ମୋର ଶିକ୍ଷା, ଦୀକ୍ଷା, ଅଦର୍ଶ ଅଭରୁ
ସବୁ ଜାଣନ୍ତି । ମୋର ଜୀବନର ବୃତ୍ତ ମଧ୍ୟ ଅପଣଙ୍କୁ ଅଜଣା ନାହିଁ

—ଅଠେରଣ—

ା ଭିତରେ କଣ ହେଉଛି କି; ବାପା ତ ତୁମ ସାଙ୍ଗରେ
ାକ୍ତିସ୍ତ ଜାଗ ଭଲପାନ୍ତି ନପାରେବଭଳି; ତୋତେ ବାଧା ଦେବାକୁ ଇ
ବ । ଗୋଟିଏ ମାତ୍ର ପୁଅ ତୁ ମୋର; ସବୁବେଳେ ତ ବାରଅଛେ
ୂଲିଚ୍ଛୁ; ତୋ ମନରେ କଷ୍ଟ ହବ ବୋଲି ମୁଁ ଇଚ୍ଛେ ସେଥିରେ
ାଧା ଦଏନା । ତୋର ତ ଫେର ବାପ ପ୍ରତି କର୍ତ୍ତବ୍ୟ ଅଛି ।
ୋର ମା ଗଲାଦିନୁଁ; ମୁଁ ଯେ କେତେ ଧନ୍ଦ କରିଛି, ତୁ
ୁଝିଛୁନା । ଅଜ ଏଣିକି ବୁଢ଼ା ହେଲି ଅସିଲିଣି, ତୋତେ
ାହା ଦେଇ ଘରକୁ ଗୋଟିଏ ବୋହୂ ନ ଅଣିବା ଯାଏ ମୋ
ନରେ ଟିକିଏ ହେଲେ ଶାନ୍ତି ନାହିଁ । ତୁ ଅମଙ୍ଗ ହ ନାହିଁ ।
ୁଁ ବରାବର ବାପାଙ୍କ ବାଆଁରେଇ ଅସିଛି — ଏଇ ସ୍କାଲର
ର୍କନସିପ୍ ସମୟଟା କଟିଯାଉ । ମୁଁ ବଳେ ଅପଣଙ୍କୁ କହୁଛି ଯେ ।
େସ ସମୟଟା କଟିଗଲା ଏଇ ଦୁ'ମାସ ତଳେ । ପୁଣି ଧରିବସିଲେ
ାପ, ପିଉସୀ, ମାଉସୀ ଏକାବେଳେକେ ଦଳେ ଗାଇଲା ବେଳେ ।
ୁଁ କହିଲି ଟିକିଏ ବାହାରକୁ ଯାଇ ଏଫ୍. ଅର. ସି. ଏସ୍. ଟା ପାସ୍
ିବାର ମୋର ମତଲବ୍ ଅଛି । ମୋର ସେତିକି ଜୀବନର ବଡ଼
ଆକାଂକ୍ଷା—ଅପଣ କଣ ସେଥିରେ ମୋତେ ବାଧା ଦେବେ । ବାପା
ାନ୍ଦ କାନ୍ଦ ହୋଇ କହିଲେ, "ଏକୋଇ ବଳା ବଶିବେଶନ"
ତୁ ମୋର । ତୋର ଯୋଉଥିରେ ମଙ୍ଗଳ ହେବ, ଭବିଷ୍ୟତରେ
ଉନ୍ନତି କରି ପାରିବୁ, ମୁଁ ତତେ ବାଧା ଦେବି, କଦାପି ହୋଇ
ପାରେନା । ତେବେ ତୁ ବାହା ହେଇପଡ଼ । ବୋହୂଟିକୁ ମୁଁ ପାଖରେ
ରଖିବି; ତୁ ଗୁହିଁଲେ ଇଂରାଜୀ ହିନ୍ଦ ସବୁ ପଢ଼ାଶୁଣା କରାଇ
ଦେବି । ତୁ ଯାଇ ଦୁ'ବର୍ଷ ବିଲାତ ବୁଲି ପାଶ୍ କରି ଅସିବୁ ।
ମୁଁ ପାଶ୍ କରି ଫେରିଅସି ବାହା ହେଲେ ଚଳିବ ନାହିଁ କି,
କହିବାରୁ ମାଉସୀ ଜିଦ୍ ଧରି ବସିଲେ—ନାହିଁ ପିଲା ହେଲେ

ବାଡେଇଲେ ଯିବୁ—କୋଉଁଠୁ କୁଅଡୁ ଗୋଟାଏ ମେମ୍ ସେମ୍ତା ଯେବେ ବାହା ହୋଇପଡୁ ଅଜ ତେଶିଙ୍କ ବଳ ଯାଇବ ନା। ଅମେ ଏଠି ଦେଖୁନୁ ଯିଏ ସବୁ ସେ ଦେଶରୁ ବାହା ହୋଇ ଅସିଛନ୍ତି, କି ଦୁଦଶା, ହଇରାଣ ହଉଚନ୍ତି; ନାକ ଭୁଇଁରେ ଘଷୁ ଘଷୁ ଦିନ ଯ ଉନାହାଁ। ମୁଁ ମାଉସୀଙ୍କି ଯେତେ ବୁଝାଇଲେ ବି ସେ ବୁଝିଲେ ନାହିଁ। ବାପା, ପିଉସୀ, ମାଉସୀ ସମସ୍ତେ ଜିଦ୍ ଧରି ବସିଛନ୍ତି ତୁ ଏଇ ଅଷାଢ଼ରେ ବାହା ହେଇପଡ଼—ଗୋଟିଏ ଭଲ ପାତ୍ରୀର ସନ୍ଧାନ ମିଳିଛି। ମଗୁଶିର ମାସ ବେଳକୁ ପରେ ବିଲାତ ଯାଇଁ ତୋର ବଡ଼ିତାକ୍ତରୀ ପାଶ୍ କରି ଦୁ'ବର୍ଷ ପରେ ବାହୁଡ଼ି ଅସିବୁ। ସମସ୍ତେ ଏତେ ଜିଦ୍ ଧରି ବସିଲେ ଯେ ମୁଁ ଅଗତ୍ୟା ଚୁପ୍ ହୋଇ ରହିଲି। ମୌନଂ ସମ୍ମତି ଲକ୍ଷଣଂ ଧରି ନେଇ ସେମାନେ କେଉଁ ଜଣେ ପୁଲିସ୍ ସାହେବ ଦାସ ମହାପାତ୍ର ଅଛନ୍ତି—ତାଙ୍କର ଗୋଟିଏ ଝିଅ, ଝିଅଟି କୁଆଡ଼େ ଦେଖିବାକୁ ଭଲ, ମାଟ୍ରିକ୍ ପାଶ୍ କରିଚି। ସେ ପୁଣି କୁଆଡ଼େ ବିଲାତରେ ଡାକ୍ତରୀ ପଢ଼ିବାର ଯାବତୀୟ ଖର୍ଚ୍ଚ ଦେବାକୁ ରାଜି ଅଛନ୍ତି। ତାଙ୍କୁ ଟେଲିଗ୍ରାମ୍ କରି କାଲିଠାରୁ ଇଠିକୁ ଡକାଇ ସବୁ କଥାବାର୍ତ୍ତା ଠିକ ପକ୍କା କରି ସାରିଲେଣି। ଅଜ ଦିନସାରା ମୋତେ [illegible] ଯେ ମୁଁ ତାଙ୍କୁ ଦାଁବାଉଅ ଦେଇ ବୁଲୁଚି। [illegible] ପଡ଼ିଛି। ନମନ୍ଦ ମୁଁ ତମର ପାଦ ଛୁଇଁ ପଡ଼ୁ; ମୁଁ ତମର [illegible] ଧରୁଚି; ତେବେ ମତେ ଏଥିରୁ ରକ୍ଷାକର। ମୋର ଯାହା ଅଦର୍ଶ, ମୋର ଜୀବନର ଯାହା କଳ୍ପିତ ଉଦ୍ଦେଶ୍ୟ—ସବୁ ପଣ୍ଡ ହୋଇଯିବ—ଜୀବନ ବ୍ୟର୍ଥ ହୋଇଯିବ। ମୋତେ ତେମେ ଏ ବିପନ୍ନ ପରିସ୍ଥିତିରୁ ରକ୍ଷାକର। ତେମେ ମୋତେ ଜବାବ ନ ଦେଲେ ମୁଁ ଏଠୁ ଉଠିବି ନାହିଁ। ଲକ୍ଷ୍ମୀଟି ଧୀର ସ୍ଥିର

ହାଇ ସବୁ କଥା ଶୁଣିଲେ । ଅଶ୍ରୁ ବୁଜା ଭୂତୁ [illegible]
ଥିଲେ । ତା'ପର ଟିକିଏ ମୋତିଙ୍କ ରଙ୍ଗାମୁହଁ ଅଡ଼କୁ ସ୍ନେହରେ
ହିଁ ଅଳ୍ପ ହସି କହିଲେ, 'ମୋତି । ମୁଁ ତମ ପାଇଁ ମୋର ଯଥାସାଧ୍ୟ
ରିବି । ଫଳାଫଳ ଭଗବାନଙ୍କ ହାତରେ ।' ମୋତି କହିଲେ—
ନାଇଁ ନାଇଁ, ଭଗବାନଙ୍କ ହାତରେ ବୋଲି କହିଲେ ତ ସବୁ
ଦ୍ୟୋଗ ପଣ୍ଡ ହେଲା । ସେଇଠି ଅଛିଯା ଏ ମଣିଷର ଦୁର୍ବଳତା,
ପାରଗତା । ନାହିଁ ନମଦ; ତେବେ ସେ ଭଗବାନ ଫଗବାନ ଫିଙ୍ଗୁ
କାଇଦଅ । ଭଗବାନ ଯେବେ ଅଛନ୍ତି ସେ ଠାଅନ୍ତୁ, ତାଙ୍କ ସାଙ୍ଗରେ
ମର ଇଲାକ ବା ସମ୍ପର୍କ ନାହିଁ । ମନରେ ସାହାସ ବାନ୍ଧ, ବୁଦ୍ଧି
ସ୍ତୁ କର ତେବେ ଲାଗିପଡ଼ିଲେ, ତମ ଭଳିଆ ଲୋକ ପକ୍ଷରେ କିଛି
ସାଧ୍ୟ ହେବନି । ମୁଁ ତମକୁ ଜାଣେ—ଦୈବକୁ ମାଡ଼ି ନିଜ ଶକ୍ତି
ଳରେ ତେବେ ଅସ୍ମ ପୌରୁଷରେ ମାଡ଼ି ଯିବା ଲୋକ, ଏତ
ାମାନ୍ୟ କଥା । ତେବେ କେତେ ଅସାଧ୍ୟ ସାଧନ କରିଚ । ତେବେ
ମା ପାଇଁ ଏତିକ ନ କଲେ ମୋର ଅଉ କେହି ସାହା ଭରସା
ନାହିଁ । ନମିତା ମୋତିଙ୍କ କଥାରେ ତରଳି ଗଲେ—ଲୁହ ବୁହି
ସୁଥିବା ଅଖିକୁ ପଣତ କାନିରେ ପୋଛି ଦେଇ, ମୋତିଙ୍କ ଗାଲରେ
ସ୍ନେହରେ ଗୃପଡ଼ାଇ ସୋପା ଗୁଣ୍ଡ ଜଟିଲେ—ମୋ ସାନ ଭାଇଟା
ାଇଁ ମୁଁ ସବୁ କରିପାରେ, କିନ୍ତୁ ଚିନ୍ତା କର ନାହିଁ ମୋତି ମୁଁ
ମନୁଆ ଘର ଦୁଆର ମୁହଁରେ ଠିଆ ହେଲେ । "ମନୁ ଏଇଠି ଅଛୁ, ଡାକିଲେ ଓ କରୁନୁ ଟୋକା ?" "କଣ କି ମାଉ; କାହିଁକି ଆଜି ଏତେ ଖରଧାମାଳି ?" ମାଉ କଣ କହିବାକୁ ଯାଉଥିଲେ ତାଙ୍କୁ ଭାଙ୍ଗି ଦେଇ ମନୁଆ ପଚାରିଲା—"କାଲି ଦିନ ଗାଡ଼ିରେ ଯିବା ପରା ମା ପୁରୀକି ? ମାଉ—ତୁ ତ ଭଲ ମନରେ ରାଜି ପଡ଼ୁନୁ, ଅମାନିଆ ହଉଚୁ ଖାଲି ?" ମନୁଆ—ମୁଁ ଆଉ ଅମାନିଆ ହେବି ନି । ଚାଲ କାଲି ସମସ୍ତେ ଯିବା । ମୋ ପାଖରେ କେଇଟା ଟଙ୍କା ଅଛି ସେଇଥିରେ ଯିବା ଆସିବା ଖର୍ଚ୍ଚ ହୋଇଯିବ ଯେ । ମାଉ—ହଉ, ହଉ ତୋର କଥା ହବ । ମୋତିବାବୁ ଦେଲେ ଦେବେ ନ ଦେଲେ ନାହିଁ—ସେ ଦେଲେ ଆଉ ତୁ ମନା କରିବୁନୁ ହିଁଅ । ପରବାସ ଯିବା କଥା, କେତେବେଳେ କଣ ଗରଜ ପଡ଼ିଯିବ । ମନୁଆ—ମୁଁ ତମ କଥା ମାନିଲି ପରା ମା । ତମ କଥାରେ ମୁଁ ପାଟି ଫିଟେଇବି ନି । ମାଉ—ତୁ ଯେବେ ମୋ କଥା ମାନି ଚାଲନ୍ତୁ ଲୋ ହିଁଅ, ତେବେ ପରା ରାଜରାଣୀ କରି ବସେଇ ଦିଅନ୍ତି । ମୋ କଥା କଣ ପରିହାସ ମଣିଚୁ କି ହିଁଅ ? ମନୁଆ—ନାହିଁ ତ । ମାଉ—ଚାଲ ପୁରସ୍ତମ ଶ୍ରୀକ୍ଷେତ୍ରକୁ ଯାଉଚୁ ତ ଦେଖିବୁ । ସରଳା—ହଉ ଯିବା ତ ପୁରୀକି; ତମ ଯୁ ସେଇଠି କଳା ନବା ନାହିଁ । ସରଳା ମାଉଙ୍କ ସାଙ୍ଗରେ ଯିବାକୁ ଉଠି ଯାଉଥିଲା, ମନୁଆ ତା ହାତ ଧରି ପକେଇଲା । ସରଳା କହିଲା—ଅପା ସାଙ୍ଗରେ ଦି'ପଦ କଥା ହେଇ ଯାଉଚି ମାଉ; ତେମେ ଯା; ମୁଁ ଦଣ୍ଡକେ ଆଉଚି । ମାଉ ଚାଲିଗଲାରୁ ମନୁଆ କହିଲା—ସର ମ । ମୁଁ ଯିବାକୁ ସିନା ରାଜି ହେଲି ଭଉଣି, ମତେ କାହିଁକି କେଜାଣି ଖାଲି ଡର ଡର ଲାଗୁଚି । ସରଳା—ଅପା; ତୁ ଏତେ ଡରକୁଳୀ ମୁଁ ଜାଣି ନ ଥିଲି । ସମସ୍ତେ ଏକାଠି ଯିବା; ଏକାଠି ଥିବା

ସବୁବେଳେ, ଏକମେଳ ହୋଇ ସ୍ନେହ ଅସିବା ଏରତ୍ନଙ୍କ ଗୃହନ୍ତା ଦିନରେ; ତୁ ତୁଚ୍ଛାଟାରେ ଶଙ୍କି ଯାଉଚୁ ନା ? ମରୁଆ—ମୋର କେବେ ହେଲେ କୋଉ କଥାରେ ମନ ଏମିତି ଶଙ୍କି ଯାଏନାମ ସର । ତୁ ଜାଣୁନୁ କେତେ ଦୁଃଖ କଷ୍ଟରେ ପଡ଼ି; ଲକ୍ଷ ଦିଗଅରେ ଭାସି ଭାସି ମୁଁ ଅସି ନାଗିଚି ଟିକିଏ କୂଳରେ—ଦଇବଙ୍କୁ ଯେମିତି ତା ସହୁନ । ସରଳା—କଣ ବାପୁଣୀଙ୍କ ଘର ଏଣୁ ତେଣୁ ବକୁଚୁମ ଅପା ? ମୁଁ ତୋ ପାଖେ ପାଖେ ଗ୍ଲାଇ ପର ଥିବି; ଡର କଣ ମ ? ମରୁଆ—ସତ କହୁଲୁ ସର; ମତେ ପୋ ଦିହ ଛୁଁ । ମୋ ପାଖ ଛାଡ଼ିବୁନୁ କେବେ ହେଲେ । ସରଳା—ପୃଥି ପ୍ରଳୟ ହୋଇଗଲେ ବି ତ ଛାଡ଼ିବ ନି । ତୋ ଦିହ ଛୁଇଁଚି—ହେଲା ? ମରୁଆ—ହଉ ତୁ ତେବେ ଯା ମାତା ପାଖକୁ ।

ସକାଳୁ ମୋଡବାବୁଙ୍କ ଚପରାଶି ଅସି ମାତାଙ୍କ ହାତରେ ପଚ୍ଚିଶ ଟଙ୍କା ଦେଇଗଲା ଗାଡ଼ି ଭଡ଼ା ବାବଦକୁ । ସେ କଥା ମାତାଙ୍କ ଛଡ଼ା ଆଉ କେହି ଜାଣିଲେନି । ଦିନ ୧୦ଟା ବେଳକୁ ମାତା ମରୁଆକୁ ମିଶାଇ ପାଞ୍ଚଟି ଝିଅ ଗାଡ଼ି ଖଣ୍ଡିକରେ ଷ୍ଟେସନକୁ ବାହାରିଲେ । ମରୁଆ ତା ବାକ୍ସ ତଳୁ ତଳୁ କଣ ପଚରଟି ଟଙ୍କା ମାତାଙ୍କ ହାତକୁ ଦେଲା; ନିଜ କାନିରେ ଟେକାଟେକି କରି ଟଙ୍କାଟିଏ ବାନ୍ଧିଲା । ସମସ୍ତେ ଯାଇ ଷ୍ଟେସନରେ ପହଞ୍ଚିବା ବେଳକୁ ଗୋଟାଏ ପାଞ୍ଚ ହାତିଆ ବଳୁଆ ମରଦଟାଏ କେତେ କାଳର ଚିହ୍ନା ପରି ପଚାରିଲା—କି ଗୋ ଚନ୍ଦ୍ର ମାତା; କୁଆଡ଼େ ପୁରସ୍ତମକୁ ଝୁଲଣ ଦେଖି ? ଏମାନେ ସବୁ କିଏ ; ତମ କଟକ ଅନାଥ ଝିଅ ତମ ସ୍ୱାବଗତରେ ଦର୍ଶନକୁ ବାହାରିଚନ୍ତି ପରା ।" ମାତା—ହଁ ହଁ । ଠାକୁରେ କଲେ ତୋ ସାଙ୍ଗରେ ଦେଖା ହେଲା—ଜମ୍ମୁ ନବୁଟି ଟଙ୍କା-ଛଅଅଣା ଟିକଟ ପ୍ରତ୍ୟେକ କାଟିଦବୁ । ମୁଁ ମାଇପି

କେଜାଣି ସେ ଭିଡ଼ରେ କାହିଁ ପଶିବ; ଏ ପଣ୍ଡାଙ୍କ କାହା ପାଖରେ ଛାଡ଼ିବ । ଦେ ଦବୁଟି, ଭଇନା । ହେଇ ଟଙ୍କା ନେ । ଗାଡ଼ି ଅସି ଷ୍ଟେସନରେ ନାଗିଲା ବେଳକୁ ଜଗୁ ଟିକଟ କାଟି ଆଣିଥିଲା, ଜଗୁ ଖୋଜି ଖୋଜି ଖଣ୍ଡେ ଖୋଲାସିଆ ଡବାରେ ସ୍ବାଙ୍କୁ ସବୁ ବସେଇ ଦେଲା । ମାତା ଭାରି କୃତକୃତ୍ୟ ହେଇଗଲେ । ଜଗୁ ତଳେ ଠିଆ ହୋଇଥାଏ ସ୍ବାଙ୍କ ଡବା ପାଖରେ, ଆଉ ପାଦେ କୁଆଡ଼େ ଟଳୁଁ ନ ଥାଏ । କେତେଆଡ଼ୁ ବୁଲେଇ ବାଲେଇ ପଚ୍ରୁଥାଏ—କୋଉ ଧର୍ମଶାଳାରେ ରହିବ; କେତେ ଦିନ ରହିବ, ଭୋଗର ବ୍ୟବସ୍ଥା କଣ କରିଚ—ଦର୍ଶନକୁ କେମିତି ଯିବ—ସ୍ବାଡ଼ୁ ସିଆଡ଼ୁ ଅନେକ ମାତା ତା'ସାଙ୍ଗେ ବକର ବକର ହଉଥାଏ । ମାତା ଶେଷ ମୁଣ୍ଡି ମାଇଲେ କହିଲେ—ଜଗୁ, ଜଗନ୍ନାଥ ତତେ ଭେଟେଇ ଦେଇଚନ୍ତି—ଆମେ ସବୁ ତତେ ନାଗିଲୁ । ରହିବା, ଖାଇବା ପିଇବା, ତୀର୍ଥ ଦେଖିବା, ଦର୍ଶନ କରିବା ସବୁ ତତେ ନାଗିଲା । ଆମକୁ ସବୁଆଡ଼େ ବୁଲେଇ ଟିକିଣି ଦେଖେଇ ସାରି କଟକ ଗାଡ଼ିରେ ବସେଇ ଦେଇ ସାରିଲେ ଯାଇଁ ତୋର ଛୁଟି । ଜଗୁ ଭାରି ଖୁସି—ହଉ ହଉ, ସେପେଇଁ ପଣ୍ଡୁଆ କଣ ; ସବୁ ମନ ମାଫିକେ ହେଇଯିବ ଜଗନ୍ନାଥେ ଚାହିଁଲେ । ମାତା ଚୁପ୍ ଚୁପ୍ କରି କାନରେ କହିଲା ପରି ପଣ୍ଡାକୁ କଣ କହିଲେ ଜଗୁକୁ । ମନୁଆ ପାଖ ଏକ ବେଞ୍ଚରେ ବସି ଚାହିଁଥିଲା ରାସ୍ତାରେ କେତେ ଗାଡ଼ି, ଘୋଡ଼ା, ମଟର, ସାଇକେଲ ଯା ଆସ କରୁଚି—ତା କାନରେ ଖାଲି ବାଜିଗଲା ଶେଷ କେଇପଦ କଥା । ମହାନ୍ତଙ୍କୁ କହିବୁ—ପଦ୍ମ ପେଇଁ ପଦକ ରଖିଥିବେ । କଣ୍ଠା ନଙ୍ଗଳା ପଡ଼ିଚି ପରା । ଜଗୁ ହସି କହିଲା—ଲେଖା ମାଲ ହେଲେ ନା । ମାତା—ବଳେ ସେ ତ ଆଖିରେ ଦେଖିବେ । ଖଣ୍ଡେ ମଟର ଗାଡ଼ି ଆସି ଷ୍ଟେସନ ଆରପାଖେ ରାସ୍ତାରେ ରହିଲା । ମନୁଆ ସରକୁ ଡାକି

ପଚାରିଲା—ସେଇ ଗାଡ଼ିଟା ଆସି ରହିଲା ନା ସାର । ଦେଖିଲି ସେଥିରୁ ମୋତିବାବୁଙ୍କ ପରି କିଏ ଦିଶୁନି ? ସରଳା—କାଇଁ, କୋଉ ଗାଡ଼ିଟାମ—କୋଉଠି କାଇଁ ? ମାତା ଅନେଇ ଚାହିଁଲେ । ଜଗକୁ କହିଲେ, "ତୁ ଯା; ପୁଣି ଷ୍ଟେସନରେ ଦେଖା—କହି ଫୁଟପାଥରେ ବଡ଼ା କରି ଦେଲେ । ମାତା—ଇଲେ ସତେ ତ ମୋତିବାବୁ—ମଲୁଆ ଠିକ ବାରିଚି । ଆଜି ଗୋଟିଏ ମାଇପିଟିଏ କିଏମ, ତାଙ୍କ ପାଖରେ ? ମୋତିବାବୁ ଗାଡ଼ି ପାଖକୁ ଆସି ଉବାଟକୁ ଚନାଖି କରି କରି ଚାଲୁଥାଆନ୍ତି । ପାଖ ହେଲାରୁ ମାତା ଡାକିଲେ—ଆଜ୍ଞା, ଆମେ ସବୁ ଏଇଠି ପରା । ମୋତିବାବୁ ଆସି ଗାଡ଼ିପାଖରେ ଠିଆ ହେଲେ । ମାତା କହିଲେ—ଆଜ୍ଞା, ଭିତରକୁ ଆସନ୍ତୁ । 'ନାଁ ମୁଁ ଏଇଠି ଠିଆ ହେଉଚି । ମଲୁଆକୁ ଚାହିଁ କାବା ହେଇଗଲେ—ଏଇ କେଇଟା ଦିନରେ ମଲୁଆ ଫଗୁଣର ପ୍ରଜାପତି ପରି କେତେ ଚହଟ ଦିଶୁଚି । ମଲୁଆ ରେଳ ଡବା କାନ୍ଥରେ ମୁଣ୍ଡ ଲଗେଇ ମୋତିଙ୍କୁ ଜୁହାର ଜଣେଇଲା । ମୁହଁ ତୋଳି ଚାହିଁଲା ବେଳକୁ ତା ମୁହଁ କେତେ ରଙ୍ଗ ପଡ଼ି ଯାଇଥିଲା । ମୋତି ପଚାରିଲେ—ଭାରି ଲାଗି ଯାଉଚୁ ନା ? ମଲୁଆ—କାହା ଉପରେ—କାହିଁ କି—ନାଇଁ ତ । ମୋତି—କ'ଣ କରିବ ବାରଆଡ଼ୁ ବାର ଧନ୍ଦାରେ ପଶି ଜମା ମୁହୂର୍ତ୍ତେ ହେଲେ ସମୟ କରି ପାରୁ ନାଇଁ । ଦୋଷ ଧରିବୁନୁ । ମଲୁଆ—କିଏ ଧରିଲା କି ? ଦେଖିଲି ଯା, ଏଡ଼ିକି ଖୁବ୍ ଭାଗ୍ୟ, ମୋତି—ହଉ ଲାଗିଥା । ଫେରିଆ ବୁଟ୍ଟା ପଢ଼ା ହବା । ଖୁବ୍ କୁଆଡ଼େ ପୁରାଣ ଭାଗବତ ପଢ଼ି ଶିଖିଲାଣି । ମାଷ୍ଟର ନାତି ନାତି ମାଉଚନା ? ମୁଁ ତାଠଉଁ ଦିନ ତୋର ସବୁ ଖବର ରଖେ ଯେ । ମଲୁଆ—ଆପଣଙ୍କ ଅନୁଗ୍ରହ । ନମିତା ଏତେବେଳକୁ ମଠରୁ ଓହ୍ଲାଇ ମୋତିଙ୍କ ପାଖରେ ଆସି ଠିଆ ହେଇଥିଲେ । ମୋତି

ପଚାରିଲେ — ମାତାଙ୍କୁ ପଚାଶ ଟଙ୍କା ଦେଇଥିଲି ପାଇଛନ୍ତି ? ଖୁବ୍ ହୁସିଆର ଥିବ । ଭାଇ—ବାପମା ଭଲ ହୁଏ ଏଇ ଝୁଲଣ ସମପୃଷ୍ଠାରେ ପୁସ୍ତିରେ — ଏତେଗୁଡ଼ା ଝିଅଙ୍କୁ ଧରି ଯାଉଚ । ଦେଖ—ଖୁବ୍ ହୁସିଆର ଥିବଟି । ଆଜି ପୂର୍ଣ୍ଣିମୀ ବାସିଦିନ ଗାଡ଼ିରେ ନିଶ୍ଚେ ଫେରିବ, ଏଥିରେ ଅନ୍ୟଥା ହବନି । ମାତା—ଆଜ୍ଞା, ଯା ଆଜି ମତେ କହିବାକୁ ହବନି । ପଦକ ପୁସ୍ତିରେ ନଚନ୍ଦ୍ରେ କାଏ । ସମସ୍ତେ ବଳେପଣି ଆମ ସୁବିଧା ଅସୁବିଧା ଅଡ଼କ ଦେଖିଦବଟି ? ଆପଣ ଅଜ୍ଞା ନିଶ୍ଚିନ୍ତ ଥାଆନ୍ତୁ—ପୂର୍ଣ୍ଣିମୀ ବାସି ଟପିବନି ! ଗାଡ଼ିକି ବାହାରରୁ ସେ ଟୋକାଟା ନେଇ ପରା ପଚାଶ ଟଙ୍କା ମୋ ହାତରେ ଗୁଞ୍ଜି ଦେଇ ଆସିଲି । ମୁଁ ସେମିତି ମୋଡ଼ି ମକଚି ଏଇ ବଟୁଆରେ ପୂରେଇ ଦେଇଚି—ଦେଖିଲଣି କି ଆଜ୍ଞା । ଗାଡ଼ି ଶିଟି ଦେଇ ପହଲିଲି ଚକା ଛାଡ଼ିବା ପରି ଟିକିଏ ଘୁଞ୍ଚିଲା । ମୋତି କହିଲେ— ଦେଖ ମାତା—ଖୁବ୍ ହୁସିଆର ଥିବ । ଚାରିଆଡ଼ ଚାରିଟା ଆଖି ଲଗେଇଥିବ, ବୁଝି । । ମାତା —ଆଜ୍ଞା, ଯା ଆଜି । ମୋତି ସେଇଠି ଠିଆ ହୋଇଥାନ୍ତି — ଗାଡ଼ି ଚାଲିଲା ଧୀରରୁ ବେଗରେ । ମନୁଆ ଖିଡ଼କି ବାଡ଼କୁ ଆଉଜି ସେମିତି ପଛକୁ ଚାହିଁଥାଏ— ତାର ଆଖି ପିଛଡ଼ା ପଡ଼ୁ ନଥାଏ । ସରଳା ପଚାରିଲା — କଣ ଏତେ ଅନେଇଚୁ ମ ଅପା ? ମନୁଆର ଧ୍ୟାନ ଭାଙ୍ଗିଗଲା — ସେ କହିଲା— ନାଇଁ ମ, ଦେଖିଲୁନି ଏଇ ଝିଏ ସବୁ ଠିଆ ହୋଇଚନ୍ତି ଷ୍ଟେସନରେ ସେ ଯେମିତି ଆମଠୁଁ ଡରିକରି ପଳେଇ ଯାଉଚନ୍ତି— ଘରଦ୍ୱାର, ଗଛପତ୍ର ସବୁ । ଲୋକବାକ ସମସ୍ତେ ଯେମିତି ପଛେଇ ପଛେଇ ଆମଠୁଁ ଶଙ୍କି ହଟି ଯାଉଚନ୍ତି—ଆଉ ଆମେ ସ୍ଥିର ହୋଇ ବହୁଚୁ, ଗୋଟିଏ ଜାଗାରେ ଚଢ଼ା ମାଡ଼ି । ଯେମିତି ଏଇ କଟି କଟି କଳା ଧୂଆଁ ପଛରେ ଥାଇ ମାଡ଼ି ଆସୁଚି ଆମ ଆଡ଼କୁ ହିଙ୍ଗୁଳା

—ହ୍ରୁଯ/ଷଣୀ

ନାଅଁ ଅନେ ଅଜାଣତରେ ଅଧା ହୋଇ ବସିଗେଁ—ଅଜ ଗଣ୍ଡପଣ୍ଡ, ଘରଦ୍ୱାର, ଲୋକବାକ ପଛେଇ ପଛେଇ ପଳେଇଗଲେ ଝରଣ୍ଡରେ । ଗାଡ଼ି ଷ୍ଟେସନ ଛାଡ଼ି ବାଙ୍କ ବୁଲିବା ବେଳକୁ ମୋତି ହାତ ଟେକିଲେ । ମନୁଆର ଅଜାଣତରେ ତା ହାତ ଟେକି ହୋଇଗଲା ।

ପୁରୀରେ ପହଞ୍ଚି ବଡ଼ ଦାଣ୍ଡ, ବଡ଼ ଦେଉଳ ଦେଖି ମନୁଆକୁ ଭାରି ଖୁସି ଲାଗିଲା । ଚାରିଆଡେ ଲୋକ ଗହଳ ଚହଳ, ଝଲ ମଲ ହୋଇ ଦୋକାନ୍ ଦେଶ ବିଦେଶରେ କେତେ ଜିନିଷର ଯାତ୍ରୀ ସବୁ ବଡ଼ ଦାଣ୍ଡ ଧୂଳି ମୁଣ୍ଡରେ ବୋଳି, ବେକରେ ଠାକୁରଙ୍କ ଖଣ୍ଡୁଆ ମାଳ ପକେଇ ନାଲି ନାଲି ଚକା ବେଡ ସବୁ ବାଡ଼ା ବାଡ଼ା ଧରି ମନ ଫୁର୍ତ୍ତିରେ ଗୀତ ଗାଇ ଗାଇ ଦାଣ୍ଡଯାକ ମେଳା ମେଳା ହଉଥାନ୍ତି, ମାହାରୀ ସବୁ କେତେ ଜାଣବାର ନୁଗା ପିନ୍ଧି ଚୂନକି ବସା ଓଢ଼ଣୀ ଜଡ଼େଇ ଜାନ୍ଦରେ ହାତ ପକାପକି ହୋଇ ଗୀତ ଗାଇ ବଡ଼ଦାଣ୍ଡ ଚହଲ କରି ବୁଲୁଥାନ୍ତି—କେତେ ହାତୀ, ଘୋଡ଼ା, ଷଣ୍ଢ ବଳଦ, ବଡ଼ ବଡ଼ ଗାଈଠାମାନ ମଇଁଷି ଶିଙ୍ଗ ଧରି ଟିଙ୍ଗ ଯାଉଥାନ୍ତି ଆସୁଥାନ୍ତି—ସବୁ ଯେମିତି ଏଠିକାର ଅଜ ସବୁ ଜାଗାରୁ ଭିନେ । ଖୋଳ, ଝଞ୍ଜଣି, ଘଣ୍ଟି, ଘଣ୍ଟା କେତେ ମଠ ମନ୍ଦିରମାନଙ୍କରେ ବାଜି ଉଠୁଥାଏ—କେତେ ଭିକାରୀଙ୍କର ମା ମା ଡାକ, କେତେ ଭଜନ, ଖଞ୍ଜଣୀ, ମନ୍ଦିର ବାଜା, କେତେ ବାପରା ଡାକ ପରି କାତର ଡାକ ସବୁ ଗୋଳେଇ ମିଳେଇ ହୋଇ ସମୁଦ୍ର ଗର୍ଜନ ସାଙ୍ଗରେ ମିଶି ପବନରେ ଭାସି ଯାଉଥାଏ । ଯେମିତି ଗୋଟାଏ ମାୟାପୁରୀ ସର୍ଜନା ହୋଇଛି ଏଠି ସେମିତି ସବୁ ମନୁଆକୁ ଲାଗିଲା । ଧର୍ମଶାଳାରେ ଲୁଗାପଟା ଦ'ଖଣ୍ଡ ଥୋଇଥାଇ ଦେଇ ଘର ଚାବି ଦେଇ, ସମସ୍ତେ ତର ତର ହୋଇ ବାହାରି ପଡ଼ିଲେ ସମୁଦ୍ର ଦେଖିବାକୁ । ସୂର୍ଯ୍ୟ ବୁଡ଼ି ଯାଉଥାଏ ଅଳ୍ପ ଆଗରୁ—ଆକାଶ ସାରା ନାଲି ରଙ୍ଗ

ଢଳୁଚି ଯାଉଥାଏ—ଝାଲର ମେଘ ଝାଲରି ଭଳି ନାଚୁଛି ସମୁଦ୍ର, ଧଳା ଫେଣ ମଥାରେ ମଣ୍ଡି ଲହଡ଼ୀ ସବୁ ଧାଇଁଚି ବାସୁକି ସହସ୍ର ଫଣା ତୋଳି ଗର୍ଜୁଚି ଯେମିତି । ନାଚି ନାଚି ଆସି କୂଳରେ ସେ ଲହଡ଼ୀ ଭାଙ୍ଗିରୁଜି ଫେଣ ବିଛେଇ ଦେଇ ଯାଉଚି ସାମୁକା — ଚିକା ବାଲି ଶେଯ ଉପରେ । ଆଖି ଯୋଉ ଯାଏ ପାଉଚି ସେ ଯାଏ ଅକଳନ୍ତି ନେଳି ସମୁଦ୍ର ଉଠାଣିଆ ହେଇ ସରଗ ପରୀ ସାଙ୍ଗରେ ମିଶି ଯାଇଚି । ମନୁଆ ଦେଖି ନ ଥିଲା ସମୁଦ୍ର କେବେ — କାବା ହେଇଗଲା ସେ ଦେଖି । ନୂଆଡ଼େ ଗୁହାଁଲା ଜୁଆଡ଼େ ତା' ଆଖି ପାଇଲା ନାଇଁ—ସେ ଥକା ହୋଇ ଗୋଟିଏ ଜାଗାରେ ଥିର ନିଶ୍ଚଳ ଠିଆହେଇ ଆଖି ବୁଜି କାନରେ ଶୁଣିଲା ସମୁଦ୍ରର ଘୋର ଗର୍ଜନ । ଲୁଗାପଟା ଉଡ଼େଇ, ବାଳ ମୁକୁଳେଇ, ପାଣିଛିଟା-ଭୁହା ବାଉଳା ପବନ ତା ଦେହ ଦୋହଲେଇ ଦେଲା—ମନୁଆର ଚେତିକା ହୋବ ନାଇଁ । ଆଖି, ନାକ, ତୁଣ୍ଡ, କାନ ଦେଇ, ସବୁ ଦେହଟାଯାକ ଦେଇ ସେ ଯେମିତି ଏଡ଼େ ବଡ଼ ଛବିଟାକୁ ପ୍ରାଣ ଭିତରେ ରୂପରେଖା ଦେବ । ତା ଛାତି ଫୁଲି ଉଠୁଥିଲା ସମୁଦ୍ରକୁ ଦେଖି, ତାର ଘୋର ଗର୍ଜନ ଶୁଣି । ସରଳା ଡାକି ଦେଲା—ଆପା, ଆସ ସାମୁକା ଗୋଟେଇବା । କମି ପାରୁ ସାମୁକା ଗୋଟେଇ ଗୋଟେଇ, ସାମୁକା ବାଣ୍ଟିଦେଇ ମନୁଆ ଧାଇଁଲା କୁନି କୁନି କଙ୍କଡ଼ାଙ୍କ ପଛରେ; ଧରୁ ଧରୁ ସେ ଝୁପ୍ କିନା ଗାତଟି-ମାନଙ୍କରେ ପଶି ଯାଉଥାନ୍ତି—ମନୁଆ ସରଳାଙ୍କର ବାଲି ଖୋଳି ଖୋଳି ନୟାନ୍ତ ହୋଇଯାଆନ୍ତି । ତାଙ୍କ ଭାରି କଉତୁକ ନାଚୁ-ଥାଏ । ଗୋଟାକୁ ଛାଡ଼ି ଅଉ ଗୋଟା ପଛରେ ପୁଣି ତାକୁ ହଜେଇ ଅର ଦଟା ଧରିବାକୁ, ଲୁଗାପଟା ଅସ୍ତବେସ୍ତ ହେଇ ମୁଣ୍ଡରୁ ଦେହରୁ ଖସି ଯାଉଥାଏ; ନୁଗାକୁ ପାରୁପର୍ଯ୍ୟନ୍ତ ଜାକୁଟିର, ସେ ଧାଇଁଥାନ୍ତି

ଯୁା ତା ପଛରେ, ପାଖରେ ଦୂରରେ ଛକେଟେ ଲୋକ ଭାରି ହୋଇ ଗୁହଁ ହସୁଥାନ୍ତି, ମରୁଆର ସିଅଡ଼େ ନଜର କି ଧ୍ୟାନ-ନାହିଁ । ମାତା ପାଟି କରି ଡାକ ପକାଇଲେ— ହେ ମରୁଆ, ହେ ସର — ମଲ ଉଦଣ୍ଡି ଟୋକାଗୁଡ଼ାକ, ଟିକିଏ ନାକ ନାହିଁ କି ସରମ ନାହିଁ, ଘୋଡ଼ା ପରି ଧାଇଁଚନ୍ତି । ଛି, ତମ ଜନମ । ମରୁଆ ଧାଉଁଚି, ଅଣନିଶ୍ୱାସି ହୋଇ ପାଟି କରି କହିଲା—ଆ'ମ ଆଉ ଦଣ୍ଡେ ମା, 'ଆଉ ଘଡ଼ିଏ ଯାଉ ଯିବା ।' ମାତା —"ନାହିଁ ନାହିଁ ଆଉ ଦଉଡ଼ନି, ଆସ, ସଞ୍ଜ ହେଲାଣି ଯିବା ପରା ।" ପାଖ ଲୋକଙ୍କୁ ଶୁଣେଇ ଶୁଣେଇ କହିଲେ— ଦ୍ୱାର ଲୋକ ଅସନା ଆଖିରେ ଅନେଇଚନ୍ତି— ଏ ଟୋକା ହଳକ ନଙ୍ଗଳାମୁକୁଳା ହୋଇ ଧାଇଁଚନ୍ତି— ଟିକିଏ ସରମ ହେଲେ ଥାଆନ୍ତା —"ନାହିଁ ନାହିଁ ଆସ, ପଳେଇ ଆସ ।" କଥା ମାନି ମରୁଆ ସରଲା ଫେରି ଅସି ମାତାଙ୍କ ପାଖରେ ମନମରା ହୋଇ ଠିଆ ହେଲେ । ମରୁଆ କହିଲା—ଦ'ଠା କୁନି କଙ୍କଡ଼ା ଗାତ ଖୋଲି ଧରିଚି—ହେଇ ଦେଖ । ମାତା—ହଉ ସାଇତି ଥା ; ପୋଡ଼ିକରି ଖାଇବୁ ତୁ । ପାଖରେ ଧୋବଧାଉଳିଆ, ଚଶମାଲଗା ଫେସନିଆ ଦ'ଟି ଟୋକା ଠିଆ ହୋଇଥିଲେ, ଅନେଇଥିଲେ ଆଖି ପଲକ ନ ପକେଇ, ପଚାରିଲେ—ହଇ ଗୋ ମାତା । ଏ ଗୁଟିକୋଶ ଦଉଠା କୋଉଠୁ ଆମଦାନୀ କଲ ? ମାତା ଝିଙ୍କାରି ହୋଇ ଉଠିଲେ—କାହିଁକି ; ତମର କି ଲଗା । ଅସୋଲେ ମା ପଳେଇ ଆସ, ସଞ୍ଜ ବୁଡ଼ିଯାଉଚି ଦେଉଳକୁ ଯାଇଁ ଆଳତି ଦେଖିବା ପରା । ଫୁଲଣି କୁଞ୍ଜକୁ ସବୁ ଯିବା; ଆଜି ବୁଲି ଦେଖୁ ଦେଖୁ ତ ରାତି ପାହିଯିବ । ଅସ ଆସ ବେଗେ ଆସ ପଳେଇବା ।" ସମସ୍ତେ ମାତାଙ୍କ ପଛକୁ ପଛ ନଗାନଗି ହୋଇ ଚାଲିଥାନ୍ତି—ସେ ଟୋକା ଦଉଠା ଖଣ୍ଡେ ଦୂର ପଛେଇ ରହି ଯାଆନ୍ତି

ଉପରେ ନଜର ରଖି ଚାଲିଥାନ୍ତି । ଏମାନେ ଧର୍ମଶାଳା ଭିତରକୁ ପଶିଗଲାକ୍ଷଣି, ସେ ଦୁ'ଜଣ ଧର୍ମଶାଳା ମେନେଜର ଅଫିସରେ ପଶି କଣ ସବୁ ଯାଇଁ ବୁଝିଲେ, ତା'ପରେ ବାହାରି ଚାଲିଗଲା ବେଳେ ମନୁଆ ଉପର ପିଣ୍ଡାରେ ଥାଇ ସେ ଦୁହିଁଙ୍କି ଦେଖି ଚିହ୍ନିଲା ; ମାଆଙ୍କୁ କହିଲା "ମା ମ ସେଇ ଦୁଇଟା ଯିଏ ଆମକୁ ପଚାରୁଥି ନଥିଲେ ସମୁଦ୍ରକୂଳେ, ଏଇନା ସେଇ ଘରୁ ବାହାରି ଗଲେ— ମୁଁ ଚିହ୍ନିଲି ପରା । ମାଆ— ଅଲୋ ହିଁଅ, ମନ୍ଦ ବାସନାକୁ କେତେ ଜଗା, ପିମ୍ପୁଡ଼ି ବାଇ ହେଇ ହାଣି ହେଇ ଆସନ୍ତି । କେମେ ତ ପିଲାଟାମାନେ—କଣ ଜାଣିବ । ଆମେ କେତେ କେତେ କଥା ଅଗେ ନଭେଇଚୁ ଲୋ ମା । ବଳ ବଅସ ଥିଲେ କେତେ କଥା ଦେଖିବ, ଶୁଣିବ, ଜାଣିବ ।" ମନୁଆକୁ ମାଆ କଥାଗୁଡ଼ା କେମିତି ଅଡୁଆଟା ଲାଗିଲା, ସେ ମେଠୁ ଚାଲିଗଲା ।

ମାଆଙ୍କ କଥା ମାନି ମୁହଁ ହାତ ଧୋଇ ଲୁଗାପଟା ପାଲଟୁଚନ୍ତି, ସମସ୍ତେ ଦିଅଁଙ୍କ ଅଳତି ଦେଖି ଯିବାକୁ । କିଏ ଜଣେ ଠକର ଠକର ହେଇ କାଠଉଟାଏ ମାଡ଼ି ମାଆଙ୍କ ବଖରା ଆଗର ପିଣ୍ଡାରେ ଆସି ଠିଆ ହେଲା । ଡାକିଲା—ବେଟୀ; ପଦ୍ମା, କୁଆଡ଼େ ଅଛୁ ? ମାଆ ମୁହଁ ହାତ ଧୋଇ ଯାଇଥିଲେ, ନଟର ପଟର ହେଇ ତେଣୁ ଧାଇଁ ଆସି ତାଙ୍କର ଗୋଡ଼ତଳେ ପଡ଼ିଲେ ସାଷ୍ଟାଙ୍ଗ ହେଇ । ଘର କବାଟ ବନ୍ଦ କରଦେଇ ଜଳା କବାଟିବାଟେ ଚାହିଁ ଦେଖୁଥିଲା ମନୁଆ—ଗୋରଗୋର ହେଇ ବେଶ ସୁନ୍ଦର ମିଣିପଟିଏ, ମୁଣ୍ଡ ନଣ୍ଡା, କପାଳରେ ଚିତା, ହାତରେ ମଖମଲ୍ କନାର ଝୁଲିମୁଣି, ଚମ୍ପାରଙ୍ଗର ମଠା ଖଣ୍ଡେ ପିନ୍ଧି, ସେଇ ଜାତିଆ ଚାଦର ଖଣ୍ଡେ ଦେହରେ ଘୋଡ଼େଇ-ଚନ୍ତି; ଗୋଡ଼ରେ ହାତୀଦାନ୍ତ ଚୁଲିବସା କଠଉ; ମାଆ ହାତ ଯୋଡ଼ି ଠିଆ ହେଇଚନ୍ତି ତା' ପାଖରେ—ଯିଏ ଯାଉଚି ସେ ବାଟେ ମହାରଜା

କହୁ ଦଣ୍ଡବତଟାଏ ପକାଇଚି । ମନ୍ଟୁଆ ଭଲ ପାରିଲାନି ସେ କିଏ; ମାଈଙ୍କ ଗୁରୁ ହୋଇଥିବେ ପରା—ଖୁବ୍ ଥୋଲବାଲା ଘରର ଏମିତି ବେଶ ଏତେ ମାନଥାନ କରୁଚନ୍ତି ସମସ୍ତେ । ମହାରାଜ ପଚାରିଲେ —ବେଟୀ ପଦ୍ମା । ଜରା ଆମକୁ ସବୁ କଥା କହୁଚ । ତମ ହୋଷ- ଜ୍ଚର ସବ ବନ୍ଦୋବସ୍ତ କରି ଦେଇଚୁ । ଆଉ ରାତକୁ ତ ସମସ୍ତିଙ୍କି ନେଇ ଅମର କୁଞ୍ଜ ଦର୍ଶନକେ ଯିବ—ପରସାଦ ହରସାଦ ପାଇବ —ନା ବେଟୀ । ଆଜ୍ଞ କଣ । ମହାରାଜ ଆଜ୍ଞ କଣ କେମିତିଅ ଅଖିଠାରି ମାଈଙ୍କୁ କହିଲେ । ମାତା ଭୁସ୍ କିନା କବାଟ ଢଣା ମେଲା କରି ଦେଇ ଘର ଭିତରକୁ ପଶି ଆସିଲେ- ଆଲୋ ହିଏ । ଯା, ଯା ମୋର ଠାକୁର, ମୋ ଗୁରୁଜୀ ପରା ଢଙ୍କେ କହୁଚନ୍ତି—ଯା, ଯା ତାଙ୍କୁ ଦଣ୍ଡପ୍ରଣାମ କର । ତାଙ୍କ ପାଦ ଛୁଇଁଲେ ପରା ସବୁ ପାପ ଧୋଇଧାଇ ହୋଇଯିବ—ଯାମ, ମଲା ଯାଉନା । ଧର୍ମଶାଳାର କାରପରଦାର ଆସି ଖଣ୍ଡେ ଚଉକି ପକେଇ ଦେଇ ମହାରାଜଙ୍କୁ ଦଣ୍ଡବତ କରି ବାହାରି ଗଲା । ପିଣ୍ଡାରେ ବିଜୁଳିବତୀ ଉଜଳା ହୋଇ ଜଳୁଥାଏ—ଠିକ୍ ତାରି ତଳେ ବସି ମାଳି ଜପୁଥାନ୍ତି ସେ—ସୀତା ରାମ, ସୀତା ରାମ । ମାତା ଲୁଗା ପାଲଟି ଆଗଭିର ହେଲେ, ତା ପଛକୁ ତା ପଛ ହୋଇ ସମସ୍ତେ ଆସି ମହାରାଜଙ୍କୁ ଦଣ୍ଡବତ କଲେ । ମନ୍ଟୁଆ ଦଣ୍ଡବତ କଲାବେଳେ ମାତା କହିଲେ ଆଲୋ ହିଅ, ମହାପ୍ରଭୁଙ୍କ ଚରଣ ଛୁଇଁ ମୁଣ୍ଡରେ ଲଗା ତୋ ଭାଗ୍ୟ ବଦଳି ଯିବ”—ଗୁରୁଙ୍କୁ କହିଲେ—ଜୀ ମହାରାଜ; ଏଇଟି ମୋର ଧରମ ଝିଅ—ରୂପକୁ ଗୁଣି ନଷ୍ଟ ହେଇ ରହିଚି, କେଉଁଥିରେ କିଛି ବାରିବାକୁ ନାହିଁ । ମହାରାଜ ଭାରି ଖୁସିଟାଏ ହୋଇଗଲେ—ଅଚ୍ଛା ବେଟୀ, ଜିତା ରହୋ, ଜିତା ରହୋ । ସେ ଭାଗ୍ୟବତୀ ହୋଏଗୀ ଜରୁର ଇତ୍‌ନା ଖୁବ୍ ସୁରତ୍ ଲଡ଼କୀ କହିଁ ଭି ନ ଦେଖା । ମନ୍ଟୁଆ ତାଙ୍କ ଆଗରେ

ଛଲକୁ ମୁହଁଟିକୁ ପୋତି ଠିଆହୋଇ ଗୋଟି ପରି ଥରୁଥାଏ । "ଯାଓ, ଯାଓ ଆରାମ କରେ—ମହାରାଜ କହିଲାରୁ, ଏକ ପାହୁଣ୍ଡରେ ମନୁଆ ଯାଇଁ ଘର ଭିତରେ ପଶିଲା । ତା'ପରେ କେତେବେଳ ଯାଏ ମହାରାଜ ପଦ୍ମା ମାଉ ସାଙ୍ଗରେ କଣ ଫୁସୁରୁ ଫାସର ହେଲେ । ମହାରାଜ ଉଠିଲା ବେଳେ କହିଲେ—ବେଠୀ ସମସ୍ତେ ତ ଆସିବେ ଆମ କୁଞ୍ଜ ଦେଖିବାକୁ, ସେଠି ପରସାଦ ଉରସାଦ ପାଇବେ—ଆମେ ଯାଉଁ । ପିଣ୍ଡାକାନ୍ଥ ବେକରେ ପକେଇ ମାଉ ଭାରି ଭକ୍ତି ଦେଖେଇ ମୁଣ୍ଡିଆଟିଏ ପକେଇଲେ । ମାଉ ଘର ଭିତରକୁ ଆସିବାକ୍ଷଣି ମନୁଆ ମନ କଥା ଚୁପି ନ ରଖି ପିଠେଇ କହିଲା—ମା ! ସେ ପରା ବାଜୀ । ଆଉ ଆମକୁ ସବୁ ଏମିତି କଅ କଣ ଅନାଉଥାନ୍ତି ମ । ମତେ କାହିଁ ଭଲ ଲାଗିଲାନି । ରାମ ରାମ—ଛି, ଛି, ଏ କି ଅଲକ୍ଷଣର କଥା ଲୋ କହି ମାଉ ଦୁ'କାନରେ ଦୁ'ହାତ ଦେଲେ—ଛି, ଛି—ଗୁରୁନିନ୍ଦା ଶୁଣିଲେ ନରକ ବାସ ନିଶ୍ଚେ । ଛି, ଛି, ଏମିତିଆ କଥା କହନ୍ତି କି ଲୋ ହିଅ ? ସେ ପରା ଠାକୁରଙ୍କ ଚଳନ୍ତି ପ୍ରତିମା ସବୁ, ତୁଣ୍ଡରେ ଧରନ୍ତିନି; ଏମିତି କଥା—ଆଉ ଦିନେ କହିବୁନୁ ହିଅ ।"

ସରଳା ପଚାରିଲା—ମାଉ, "ସେ ଭାରି ବଡ଼ଲୋକ ନୁହଁ—ମଠାଲୁଗା, ହାତୀଦାନ୍ତ ଖଡ଼ମ, ଦାନ୍ତଯାକ ସୁନାବନ୍ଧା । ଦେଖିବାକୁ ବି ତ ଚହଟଚକଣ ଭେଣ୍ଡିଆଟିଏ ।" ମାଉ—ସରଳା ନାଣୀ ମୋର ଠିକ୍ କହିଛ । ଏମିତି ସିନା ସୁନାହିଅ କଥା । ଆଲୋ ଧନ ଦଉଲତ କଥା କଣ ପଚାରୁଛୁ—ସେ ଚାହିଁଲେ ପରା ତମ ଗୋଟି ଗୋଟିକି ଗୋଡ଼ଠଉଁ ମୁଣ୍ଡଯାଏ ସୁନାରେ ଘଣି କରିଦେବେ । ଆଲୋ ହାତୀଦାନ୍ତ ଦୋଳରେ ବସେଇ ସୁନା ଥାଳିରେ ମଣୋହି କରେଇବେ ଲୋ ହିଅ ! ତାଙ୍କ କଥା କାହିଁକି ପଚାରୁଛୁ—କୋଟିପତି ବି ନାହିଁ ହବନି ।

—କ୍ରମଶଃ—

ଅଜ ଭୋଗ କରିବାକୁ କଏ ସେଇ ଖଣ୍ଡେ ବୋଲ୍ ତ ମଣିଷ ।
ପୁଅ ନା ଭାରିଜା କଏ ଅଚ୍ଛି—ଅଗକୁ ନା ପଛକୁ । ସରଳା—
ସିଏ ପର୍ ବାବାଜି—ବାହା ହୁଅନ୍ତିନ, ନାଇଁ ମାତା । ମାତା—
ସେ ପର୍ ସନ୍ୟାସୀ ଲୋ ଝିଅ । କାମିନୀ କାଞ୍ଚନ ଛୁଇଁବେ ନି ।
ସରଳା—ଅଜ୍ ଅମେ ତାଙ୍କୁ ସବୁ ଛୁଇଁଲୁ କମିତ ମ ମାତା ?
ସେ ତ ଛୁଆଁ ହେଇଥିବେ । ମାତା—ଏଇଟା କ ଓଲମିଠାଏ ମ ।
ଅଲୋ ସନ୍ୟାସୀ ଅଙ୍ଗ ପର୍ ସଦା ଶୁଚୀ । ସେ ଯାହାକୁ ଛୁଇଁବେ
ସବୁ ପାପ ଧୋଇଧାଇ ନିର୍ମଳ ହେଇଯିବ । ମନ୍ଥୁଆ—ଅମର
ପାପ ଧୋଇବା ଲୋଡ଼ା ନାହିଁ କି—କି ଧନଦଉଲତରେ କାର୍ଯ୍ୟ
ନାଇଁ । ଏମିତ କଟମଠ କର ମଟେ ଗୃହ୍ନାଁଥାଏ ଯେ ମୋ
ଦିହ ଜଳ ଯାଉଥାଏ ପର୍ ସର । ମାତା—ଛି, ଛି, ଏମିତ କଥା
ଅଜ ଭୁଣ୍ଡିକୁ ଅଣନା ଝିଅ—ସେ ପର୍ ସାକ୍ଷାତ ଦେବତା । ମଣିଷ
ଦିହ ଧରିଚନ୍ତି ଦେଖିବାକୁ, ଗୃଖବାକୁ, ଭୋଗ କରିବାକୁ ତାଙ୍କୁ କି
ବାଧା ଅଚ୍ଛି । ଅଜ ତାଙ୍କ ମହିମା ସବୁ ତୋ ପାଖେ ଅଜ୍ ଦିନେ
ବଖାଣିବ ଲୋ ଝିଅ । ନିତ ଦିନ ପର୍ ହଜାରେ ଲୋକ ସେ
ଚରଣରେ ମୁଣ୍ଡିଆ ମାରୁଚନ୍ତି—ଓଲକେ ଅତିଥି ଅଭ୍ୟାଗତରେ
ପାଞ୍ଚଶ ପଚି ପଡ଼ୁଚି ତାଙ୍କ ମଠରେ—ଗୃଲ୍ ଗୃଲ୍; ଏତେ ମଠ
ମଠ ହେଲେ ଅଲଗା ବେଲ ଗଡ଼ିଯିବ । ଦେଉଳ କୁଞ୍ଜ ଦେଖି
ଆସି ମୋ ଗୁରୁଜୀ ମହାରାଜଙ୍କ କୁଞ୍ଜ ଦେଖିବା, ସେଠି ପ୍ରସାଦ
ପାଇବା, ଗୁରୁଜୀ ଅଦେଶ କରିଚନ୍ତି—ସେଇଠୁ ଯିବା ଅଜ ସବୁ
ଅଡ଼େ ବୁଲି ଦେଖି ଅସିବା ବେଳକୁ ତ ରାତି ପାହି ଯାଇଥିବ
କି କଣ । ଗୃଲ ଗୃଲ ଅଜ ଡେରି କରନି ।”

ବହଳ ଝାଉଁ ବଣର ଗହଳ ଅନ୍ଧାର ଆରପଟକୁ ଅଡେଇ
ଦେଇ ପୂର୍ଣ୍ଣିମା ଚାନ୍ଦ ଭାସି ଉଠୁଥାଏ ଜ୍ୟୋତ୍ସ୍ନା ଜୁଆର ମେଲି

ଦେଇ — ମଲୁଅ ହେଉଛି ବଡ଼ଦାଣ୍ଡକୁ ବାହାର ପଡ଼ିଲେ ଦେଉଳକୁ ଯିବାକୁ । ତାହା ସାଙ୍ଗେ କଣ ଇଥା ହୁଳ ହୁଳ ମାଡା ଟିକ୍ଏ ପଛେଇ ଥିଲେ । ଜୋଠା ଦୋକାନ ଘରେ ଗୋଟାଏ କଳାଖଣ୍ଡ ଶୋଇଥିଲା ଖୁବ ଜୋରରେ ହାଣ୍ଡି ଦେଲା; ମଲୁଅ ଚମକି ପଡ଼ି ସରଳା କାନ୍ଧକୁ ଧରି ପକେଇଲା । ଏଡ଼େ ଡରକୁଳୀଟା କହି ସରଳା ମଲୁଅକୁ ସମାଳି ନେଲା । ଖଣ୍ଡେ ଦୂରରେ କିଏ ଜଣେ କିଠି ବଜେଇ କୁହାଟଟାଏ ମାରିଲା— ମଲୁଅ ସେ ଆଡ଼କୁ ଭଉଁରି ଚାହିଁଲା—ତାର ଯେମିତି ମନେ ହେଲା ସେଇ ଲୋକଟା ଯିଏ ସମୁଦ୍ରକୂଳରୁ ତାଙ୍କ ପିଛା ଧରିଥିଲା ଅଜି ସଞ୍ଜରେ । ମଲୁଅ—ସର, ଦେଖିଲୁ ଓ ସେଠି ସେ ଗଳି ମୁଣ୍ଡରେ ସେଇ ଲୋକଟା ନା ? ମାଡା ଯା’ ଓ ପରେ ଶିକାର ହୋଇ ଉଠିଲେ ଅଜି ସମୁଦ୍ର କୂଳରେ ? ସରଳା—କାହିଁ ମତେ ତ କିଛି ଦିଶୁନି । ତତେ ସବୁଠି ଖାଲି ଡାହାଣୀ ଚିରଗୁଣୀ ଦିଶିଯାଉଚନ୍ତି । ଆ, ଅଜି ଦେଉଳକୁ ଚାଲ, ଶ୍ରୀଚରଣ ତୁଳସୀ ଧରି ତୋ ଦେହ ଛାଳଦେବା ଯେ, ତୋର ଡରଭୟ ସବୁ ଦୂରକୁ ଭାଙ୍ଗିଯିବ ।” ମଲୁଅ—ମୋ ଦେହ କଣ ମୁଁ ଅପେ ଅପେ ଜାଣିନି ସର—ତେବେ ବେଳେ ବେଳେ କାହିଁକି କେଜାଣି ସେ ଜାଣିଣି ତ ଫିଟିପଡ଼ୁଚି ଯେ ମୋ ସବୁ ସାହାସ ଛୁଟି ଯାଉଚି । କେଜାଣି ଅଜି ଠାକୁରଙ୍କ ପାଖରେ ଦଣ୍ଡେ ଘଡ଼ିଏ ବସିଲେ ବା ମୋ ଦେହକୁ ମୋ ସାହସ ଫେରିଆସିବ । ସତ କହୁଚି ସର, ଏଇ ମାଡା ସାଙ୍ଗରେ କୁଆଡ଼େ ବାହାରିବାକୁ ମତେ କାହିଁକି ଡରମାଡ଼େ—ତା କଥାରୁ ଥରେ ଦୁ’ଥର ବାଜିଚି ଟଗ । ତତେ ମୋ ରାଣ ସର, ତୁ ମୋ ପାଖେ ପାଖେ ଥିବୁ ! ସରଳା—ନିଶ୍ଚୟ ମ ଅପା, ମୁଁ ପରା ଅଗରୁ ସତ୍ୟ କରିଚି । ଅଜି ଯେବେ ମୋତବାକୁ ସାଙ୍ଗରେ ଥାଆନ୍ତେ—” ମଲୁଅ—ସେ କାହିଁକି ଆମ ସାଥିରେ

ଅସନ୍ତୋଷ; କେତେ ମହା ମହା କାମରେ ହାତ ଦେଇଚନ୍ତି ସେ ? ତାଙ୍କର ଦଣ୍ଡେ ହେଲେ ଫୁରୁସତ ନାହିଁ । ମାଭା ପଛପଟୁ "ଚାଲ ଚାଲ" ବୋଲି ପାଟି କରି ଆସି ପହଞ୍ଚିଲେ । ମଲୁଆ ହାତକୁ ଧରି, ତାଗିଦ କରି କହିଲେ—ବୁଝିଲୁ, ଝିଅ, ତୁ ମୋ ହାତକୁ ବେଳେ ହେଲେ ଛାଡ଼ିବୁନୁ । ଭାରି ଗହଳି ହଉଛି । କୁଆଡ଼େ କିଏ ଯେଉଁଠି ବାଉଳା ହୋଇ ହଜିଯିବ ତ ସବୁ ସରିଲା । ଆଉ ତେମେ ଗୁଡ଼ିଏ ଜଣ ସବୁ, ଦି' ଦି'ଜଣିଆ ହୋଇ ହାତ ଧରାଧରି ହୋଇ ଲାଗି ଲାଗି ଆସ, ମୋ ପଛକୁ । ଦେଖ ହୁସିଆର ସମସ୍ତେ । ଦେଖୁନ ଏଡ଼େ ବଡ଼ ଦାଣ୍ଡରେ ଏତିକି ବେଳୁ କେଡ଼େ ଗହଳି ଲାଗିଗଲାଣି । ମଲୁଆ କହିଲା—ମା!, ମୁଁ ଆଉ ସରି ହାତ ଧରାଧରି ହେଇ ତୋ ପଛକୁ ରହୁଚୁ; ତୁ ବାଉଳୀକି ଧରି ଆଗରେ ରହ । ମୋ ପଛକୁ ସ୍ୱାମି ଆଉ ତଳା ରହନ୍ତୁ । ମାଭା ମଲୁଆ ହାତକୁ ଅଧିକ ଜୋରରେ ମୁଠେଇ ଧରି କହିଲେ—ନାଇଲୋ ମା, ସେ କଥାଟି ହବନି । ତୋର ସବୁ ଭାର ମୋର ଉପରେଟି—କେଜାଣି କେତେଥର ତାଗିଦ୍ ଦେଇଚନ୍ତି ଆମ ମୋଉବାବୁ । ତତେ ଛାଡ଼ିଲେ ଆଉ ମୋ ନାକ କାଣ ରହିବ ? ସରଳା—ତମର ପେର କାଣ କାହୁଁ ଆଇଲା ମ ମାଭା ? ହଉ, ମୁଁ ତେବେ ଅପା ଡାହାଣପଟକୁ ରହୁଚି, ଆଉ ତିନିଜଣ ହାତ ଧରାଧରି ହୋଇ ଆମ ପଛରେ ଚାଲନ୍ତୁ । ମାଭା—ନାଇଁ ସେ ଗହଳିରେ ଯମା ପଶି ହବନି ତିନିଟିକିଆରେ । ମଲୁଅକୁ ଛାଡ଼ି ପାରିବନି ବୋଲି ମୁଁ ସିନା ଦି'ଟିକିଆ ଯିବା କହୁଚି -ସେଇଥିରେ ତ କେତେ ହଇରାଣ ହବା କେଜାଣି, ଚାଲ ଚାଲ ଅବେଇ ଚାଲ । ଆଳତି ବେଳ ଗଡ଼ିଯାଉଚି । ଦି' ଦି'ଟିକିଆ ହୋଇ ଲୋକ ଗହଳିରେ ପଶି ଚାଲିଲେ ସମସ୍ତେ ଦେଉଳ ଆଡ଼କୁ । ବଡ଼ଦେଉଳ ଭିତରକୁ ଯେ ସେ ଧନେ ପଶିପାରିବ ଏକଥା ମଲୁଆ କଳି ପାରି ନଥିଲା; ଅରତ ସରି ଯାଇଥିଲା;

— ଟୋଲାବେ —

ଦେଉଳ ଜଗମୋହନ ଭିତରେ ଘଡ଼ିଏ କାଳ ବସିଲେ । ମଞ୍ଜୁଆ ରତ୍ନ ସିଂହାସନ ଉପରେ ଠାକୁରଙ୍କୁ ଚାହିଁଲା—କପୂର, ଧୂପ, ଚନ୍ଦନ, ଅଗୁରୁ, ତୁଳସୀ, ଫୁଲଗୋଳା ମିଶା ମହକ ତାକୁ କେଡ଼େ ଅପୂର୍ବ ଲାଗିଲା । ଚନ୍ଦନ ଅର୍ଗଳୀ ପାଖରେ କିଏ ଜଣେ ବଡ଼ ପାଟିରେ ପ୍ରାଣ ପୂରେଇ ଗାଉଥିଲା—ଚକାନୟନଙ୍କୁ ପତିତ କହି, ଉଚାଇ ଖର ନିଶ୍ୱାସ ପକାଇ—ତା କାନକୁ ଅମୃତ ବରଷି ଗଲା ପରି ଲାଗିଲା । ତାର ପ୍ରାଣ ଭିତରୁ ଡର କୁଆଡ଼େ ଉଭେଇ ଗଲା । ତାର ଆଉ ସେଠୁ ଉଠିବା ପାଇଁ ମନ ହଉ ନଥାଏ—ସାଙ୍ଗମାନେ ନଟେଇ ଥାଆନ୍ତି—ଚାଲ ମ ଯିବା ଝୁଲଣ କୁଞ୍ଜ ଦେଖିବା ପରା । ଜମା ମନ ହଉ ନଥିଲା ମଞ୍ଜୁଆର ସେଠୁ ଉଠିବାକୁ । ଟାଣି ହେଇ ସମସ୍ତଙ୍କ ସାଙ୍ଗରେ ଗଲା । ଠାକୁରଙ୍କ ଝୁଲଣକୁଞ୍ଜ ରୂପା, ସୁନା, ଜରି କାମରେ ଝଲମଲ କରୁଚି—କେତେ ସବୁ ରୂପ ଖଞ୍ଜା ହେଇଚି—ପାରି, ହଂସ, ମୟୂର, ଗାଈ, ବାଛୁରି କେତେ ଜାତି ପନି କାମକରା ସୋଲର ଫୁଲ ସତେକି ସବୁ ଜୀଅନ୍ତା ଦୁଆ ହେଇଚି ସେଠି । ମାତା ପଚାରିଲେ—କେମିତି ଭଲ ଲାଗିଲା ନା ସବୁ ମଞ୍ଜୁଆ । ମଞ୍ଜୁଆ—ତମ ସାଙ୍ଗରେ ନ ଆସିଥିଲେ କୁଆଡ଼ୁ ଏ ସବୁ ମୋ ଭାଗ୍ୟକୁ ମିଳନ୍ତା ମ ମା । ସରଳା ପଚାରିଲା, ତୁ ପରା ଆସିବାକୁ ନାହିଁ କରୁଥିଲୁ ଅପା, ଏବେ କଣ ଆଖି ପୂରିଗଲାଟି ? ମଞ୍ଜୁଆ ଖୁବ୍ ଖୁସି ହେଇ କହିଲା—ହଁ ଲୋ ଭଉଣୀ । ଏତିକି ବେଳେ କିଏ ଜଣେ 'ମାତା' ବୋଲି ଉଚ୍ଚେଇଲା ପରି ଡାକି ଦେଲା । ମୁଁ ଦଣ୍ଡେକେ ଆସୁଚି ଲୋ ଝିଅ, ଚରଣ ତୁଳସୀ ମାଳାଟି ତ ଦିଅଁଙ୍କ ଜଗମୋହନରେ ଛାଡ଼ି ଦେଇ ଆଇଚି । ତେମେ ସବୁ ଏଠୁ ଟିକେ ଘୁଞ୍ଚିବ ନାହିଁ । ଏଇଠି ଏଇମିତି ଠିଆ ହେଇଥିବଟି । କହି ମାତା ପୁଚେଇଁ ଜହ୍ନ ଛାଇ ଛାଟପିଟିଆ କଲାବଠ ଭଳକୁ ଗଲେ — ସାଙ୍ଗେ ସାଙ୍ଗେ ଲୋକଟି ପଛ

କହିଲେ—କୁଆଡ଼େ ବାଉଳା ବଣା ହୋଇଯାଆନ୍ତି—ମୁଁ ଜଣେ ତମକୁ ମୁରୁଛିକରି ଯାଇ ପାରିଲି କି ଦେଉଳ ଭିତରକୁ, ଗୁଲ ଏଥର ଏଠା ଦେଖା ସରିଲା; ଆଉ କେତେ ଫୁଲଣି କୁଞ୍ଜ ଅଛି ଦେଖିବା ପାଇଁ। ଦେଉଳ ଭିତରକୁ ଯେମିତି ଦାଂଧାଉଆ ହୋଇ ପଶିଥିଲେ; ସେଇମିତି ଧସାଫସ ହୋଇ ଗୁଲିଥାନ୍ତି। ଖୁବ୍ ହୁସିଅଣ। ଏଠି ସିନା ମେଲା ଫାଙ୍କା, ଏଣିକି ଗଳି କନ୍ଦି ଦେଞ୍ଚି ଭିତରେ ପଶିବାକୁ ହବ; ଲୋକ ଗହଳି ଭିଡ଼ ହବ; ତା ପଛକୁ ପଛ ନାଗି ନାଗି ଗୁଲିଥବଟି। ଦେଉଳ ଭିତରୁ ବାହାରି ବଡ଼ଦାଣ୍ଡ ଉପରେ ଲୋକ ଗହଳି ଦେଖି ମନୁଆ କହିଲା, "କେତେ ଗହଳି ମ ମା। ଯା ଭିତରେ କେମିତି ପଶିବା ମ!" ମାଉ—କିଛି କହନା ତୁ, ଆ ଗୁଲିଆ ମୋ ହାତ ଧରି। ମୁଁ ତୋ ହାତ ଧରିଚି ତୋର ଡର କଣ ମ। ଦେଖୁନୁ ଖାଲି ମାଇପେ ବୁଢ଼ୀ ତ। ତାଙ୍କ ଭିତରେ ଠେଲି ପେଲି ହୋଇ ପଶିଯିବା, ସେ ଗଳାଟା ପାରି ହେଲେ ମଠର ଯୋଉ କୁଞ୍ଜଗୁଲେ ମା, ଦେଖିଲେ ପର ଆଖି ଠାରିବ ନାହିଁ। ଆ, ଜଲ୍‌ଦି ଗୋଡ଼ ପକେଇ ବାହାରି ଆ, ଥକେଇ ମକେଇ ଯମା ହନା। ସେ ଗଳି ଭିତରକୁ ପଶିଲା ବେଳକୁ ଖଣ୍ଡେ କଳା ବଉଦ ଆସି ପୂର୍ଣ୍ଣମୀର ତୋରା ଜହ୍ନକୁ ଆପଠ କରି ପକେଇଲା। ଗୁଞ୍ଜିଆଡ଼ ଟିକେଡ଼େ ଅନ୍ଧାରିଆଟା ହୋଇଗଲା। ଲୋକ ଗହଳି ତା ଭିତରେ ଏତେ ଯେ ମନୁଆକୁ ଲାଗୁଥାଏ ଯେମିତି ତା ଗୋଡ଼ ଭୂଇଁରେ ଲାଗୁନି—ଶୂନ୍ୟେ ଶୂନ୍ୟେ ସେ ଯେମିତି ଭାସି ଯାଉଚି। ଢାଉଳି ପାଇଁ ତୁଣ୍ଡଗୋଳମାଳରେ କାନ ତାଲବଦା ହୋଇ ଯାଉଥାଏ। ତା ନିଶ୍ୱାସ ଯେମିତି ରୁନ୍ଧି ହୋଇ ଯାଉଚି। ସେ କିସକିରି ମାଉଙ୍କ ହାତକୁ ମୁଠେଇ ଥାଏ। ଅଣ୍ଟା-ଯନ୍ତ୍ରରେ ଭସି ଗୁଲିଥାଏ। ପଛକୁ ଗୁହିଁ ଦେଖିବା ବେଳକୁ ସରଲା ଭାଉଁ ଦିଶୁନି, ଡାକିଲା ସର ସର। ସଉ ଦୂରରୁ କହିଲା, ମଠରେ

ପଶୁ ଚେଳା ଗୋଲ ହେଉ ପଶି ଗଲେ ଲୋ । ଟିକିଏ ରହିଯା; ଅସେ ଯାଉଛୁ । ଖଣ୍ଡେ ଦୂର ଯାଇ ସେ ଜଳ ଭିତରେ ଗୋଟାଏ ଅନ୍ଧାର ଗୋଲକଧାଁ ମୁଣ୍ଡରେ ଭାବିଲା "ଭଗବାନ ମଙ୍ଗଳ କଲେ ମା, ଝୁଣ୍ଟି ପଡ଼ି ନଖଟା ଉପୁଡ଼ିଗଲା ଲୋ ।" ପାଟିଟା ଏ କରି ମାତା ଧପ୍‌କିନା ବସି ପଡ଼ିଲେ ସେଠି, ଯୁଁ ଛିଡ଼ାହୋଇ ମନୁଆର ବସିପଡ଼ିଲା ସେଠି, ତା ହାତ ମାତାଙ୍କ ହାତରୁ ଖସି ଗଲା । ଲୋକଙ୍କ ଉକଟା ମନ୍ଦାରେ ଓଳଟଣ୍ଡ ହେବାକୁ ଯାଏ ତେଣେ ଟାଏ କଳାହୋଇ ଅଧାସୁର ଲୋକଟାଏ ଲମ୍ବା ବେଣ୍ଡରେ ଧରିଲା ପରେ ମନୁଆର ଗୋଡ଼ ହାତ ଦେଖା କରି ଧରି ତାକୁ ଟେନ୍ୟ ଶେନ୍ୟ ଟେକି ନେଲା । ମନୁଆ ଝିକାଳରେ ଚିରଚିରେଇ ଉଠିଲା ସର—ଝୁଣା, ମତେ କିଏ ଟେକି ନେଇ— ଆଉ କଥା କହି ପାରିଲାନି ; ତା ମୁହଁ ନାକ ଆଖି ମିଶେଇ କିଏ କପଡ଼ କରି ପୁଟୁଳିଟାଏ ଭଳି ବାନ୍ଧି ଦେଲା । ମନୁଆର କିଛି ଭଣିବା ରହିଲା ନାହିଁ ଆଉ । ନିଶ୍ୱାସ ବନ୍ଦ ହେଲାପରି ତାକୁ ଅନୁହା ଲାଗିଲା - ତାର ପ୍ରାଣ ବାହାରିଯିବ କି ସତେ — ସବୁ ଲୋକବାକଙ୍କୁ ଦଳିଚକଟି ଦଣ୍ଡକେ ଆସି ମାତାଙ୍କ ପାଖେ ପହଞ୍ଚିଲି—ଅପା, ଅପା ମ, କାହିଁ ମ କୁଆଡ଼େ ଗଲା—ମାତା ଡାକ ପାଡ଼ିଲେ ମନୁଆ ଲୋ ମନୁଆ—ମନୁଆ, କେଣେ ଗଲୁ ଲୋ; ଇଲୋ ମୁଁ କଣ କରିବି ଲୋ; ଇଲୋ କୁଆଡ଼େ ବଣା ହେଲୁ କି ଲୋ ମନୁଆ । କାହିଁ କେହି ତ କିଛି କହୁନି । ଇଲୋ ମୁଁ କଣ କରିବି ଲୋ, କାହିଁ ଗଲା ଲୋ । ଏତେ ପାଟି ଭଣ୍ଡ ଗୋଳମାଳ, ଏଡ଼େ ଲୋକ ଗହଳି ଯେ ଏ କାନକୁ ସେ କାନ ଶୁଭୁ ନଥାଏ । ସବୁ ଝିଏ ଆସି ମାତାଙ୍କୁ ଘେରି ଠିଆ ହୋଇଥାନ୍ତି; କେତେ ଜଣ ଅସି କଣ ହେଲା. କିଏ କୁଆଡ଼େ ହଜିଲା କି ପଚାରୁ ଥାଆନ୍ତି । ମାତା ମନୁଆ ଗୁଣି ବାହୁନି କାନ୍ଦି ବସିଲେ—ଇଲୋ କୁଆଡ଼େ

—ଅଠାଅଠେ—

ବଣା ବାଉଳା ହୋଇ ହଜି ଗଲି ଲୋ ମଲୁଅ; ଭଲେ ମୁଁ ତା
ମୁଣ୍ଡ ପିଟି ଦେଇ ମରିବି —ଆଉ କେଉଁ ମୁହଁରେ ଘରକୁ ଫେରିବି ଲୋ।
ସରଳା କହିଲା—କାନ୍ଦିଲେ ଛେନାଗୁଡ଼ ହବ। ଅପାକୁ ତ ବାଏ
ନେଇଗଲା; ମୋ କାନରେ ବାଜିଛି ପଗ୍ର ତା କାନ୍ଦଣା ତାକୁ
ଟେକି ନେଇ ଯାଉଛି। ଗୁରୁପାଖେ ବୈଠା ମଣିଷ ବେଢ଼ି
ଥାଅନ୍ତି, ସେଥିରୁ ଜଣେ କହିଲା—"କଣ, ବଣବୁଦା ହୋଇଛି
ଯେ ବାଘ ଟେକି ନେଲା। କୋଉଠି ସାଙ୍ଗ ଛଡ଼ା ହୋଇ ବାଉଳା
ହୋଇ ଯାଇଥିବ; ଦେଖ ଦେଖ, ଖୋଜ ଖୋଜ,"—କହି ସେ
ତାଙ୍କ ବାଟ ଧଇଲେ। ଦୋକଗ୍ରୀପଟେ ଦୁଜଣ ଲୋକ ବାହାରି ପଡ଼ିଲେ
—କାହିଁକି ହାଉ ହାଉ ହଉଛ—କାହିଁକି କାହିଁକି, କଣ ହେଲା,
କିଏ ହଜିଲା ? ସରଳା କାନ୍ଦି ପକାଇଲା—ମୋ ଅପାକୁ ବାଏ
ଟେକି ନେଇଗଲା। ବାଘୁ କଥା, କୁଆଡ଼େ ଏ ଘାଣ୍ଟ ଚଢ଼ଟରେ
ଭମଠୁ ଛୁଟି ଆଗକୁ ପେଲି ହୋଇ ଯାଇଥିବ କି ପଛରେ ପଡ଼ିଥିବ,
ଦେଖିବ ରୁହ। ଏମିତ ବେଳେ ହଜନ୍ତି ଏ ଜଙ୍ଗଲୀ ଭିତରେ
ଫେର ମିଳନ୍ତି। ଖୋଜି ଖୋଜି ତାଙ୍କୁ ବାହାର କରିବା; ଆସ
ତେମେମାନେ ଆସ, ଏ ମଠ ଭିତର ଅଗଣାକୁ, ଟିକିଏ ସାନ୍ତ୍ୱନ
ହୁଅ। ଆମେ ଦୁଜଣ ଯାଉଛୁ ତାକୁ ଖୋଜି ବାହାର କରି
ଆଣିବୁ। ହୁଁ—ମିଳିବନି ଫେର ଚୋକିଟାଏ; କଣ ତା ନାଁ।
ସରଳା—ମଲୁଅ। ମାତାଙ୍କ କୋହ ଫେର ତେଜି ଉଠିଲା—
ଭଲେ ମୁଁ କଣ କରିବି ଲୋ; ମୋ ସୁନାନାଣି ଝିଅ କୁଆଡ଼େ
ବାଟ ବଣା ହୋଇ ହଜିଲା ଲୋ। ମୁଁ କଣ କରିବି ଲୋ। ସରଳା—
କିଏ ତାକୁ ନିଶ୍ଚେ ଟେକି ନେଇ ପଳେଇଛି ଏଠୁ, ନଇଲେ ଏତେ
ଡାକିଲୁଣି, ଏତେ ଖୋଜିଲୁଣି ଅପା ଜବାବ ଦିଅନ୍ତାନି। ସେ
ଦୁଟା ଲୋକରୁ ଜଣେ କହିଲା ବାଘୁଣୀ—ଅଲୋ କେଉଁଠି ପଡ଼ି

ଚଉଦଣ୍ଡ—

ଯାଉଥିବେ କି କେମିତି ହେବ  ପାଉଥିବ ଏ ଭଗ୍ନଭାବରେ । ତେବେ ମଠକୁ ଯା, ଅମେ ଖୋଜି ଆଣୁଚୁ ଏବନାଏ । ସଧୁ ସ୍ୱାଙ୍କୁ ନେଇ ଗିଚ୍ଛଟି ପଛଖଞ୍ଜା ଅଗଣାକୁ । ସରଳା କହିଲା—ମୁଁ ଏଠୁ ଯିବନି, ମୋ ଅପାକୁ ନ ପାଇବା ଯାଏ, ମାତା କହିଲେ—ମୁଁ ମୁଣ୍ଡ ପିଟି ଦେବି, ମୋ ଝିଅ କାହିଁ ଗଲା ଲୋ । ମୁଁ ଜୀବନ ହରେଇ ଦେବି, ଅଜ ଇଠକ ଫେରିବା ହୋଇ ମୁହଁରେ ଲୋ । ଏମାନଙ୍କ ବାଧା ଦେବାବାଲା କଥ କରେଇ ସେ ଭିନ ଜଣ ଲୋକ ତାଙ୍କୁ ଜବରଦସ୍ତି ଅଡ଼େଇ ନେଇଗଲେ ମଠଖଞ୍ଜା ଅଗଣାକୁ । ମଠଖଞ୍ଜା ଭିତରକୁ ଯାଇଁ ଖୁଣ୍ଟକୁ ଆଉଜି ମାତା ବାହୁନି ବସିଲେ । ସରଳା କହିଲା ତୁଚ୍ଛାରେ କାଇଁ କାଇଁ ହେଉଛ କଣ ହବ ମ ମାତା । ଚାଲ କାହାକୁ ସାଙ୍ଗକରି ନନସି କି ଦାରୁଗାକୁ ଯାଇଁ କହିବା—ସେମାନେ ହେଲେ କିଛି କରିବେ । ମାତା କାଇଁ କାଇଁ ହେଇ କହିଲେ ମତେ କିଛି କହନା ଲୋ ଝିଅ, ମୋର ସବୁ ବୁଦ୍ଧି ଚୁଲିରେ ପଶିଲାଣି । ଏତିକି ବେଳେ ଖଡ଼ମ ଠକ୍ ଠକ୍ କରି ମହାରାଜ ଆସି ପହଞ୍ଚିଲେ—କି ଗୋ ଦେବୀ ; ମତେ ଜଗୁ ଖବର କଲା ; କିଏ ତମ ଭିତରୁ ହଜି ଯାଇଚି । କିଛି ପରବାଏ ନାଇଁ ; ଇଏ ଅଜବ ଭୁବନା କଣ, ଭାଇବୁଢା କାହିଁକି ? ସବୁଦିନେ ଯାତ୍ରାରେ ଏମିତି କେତେ ହଜନ୍ତି, ଫେର ତାଙ୍କୁ ଖୋଜି ବାହାର କରାଯାଏ । ଆମର ବି ଲୋକ ଖୋଜି ଯାଇଚନ୍ତି, ସେ- ଫେରନ୍ତୁ । ଦାରୁଗାକୁ ଡକେଇବା ପୁଲିସରେ ଇତଲା ଦବା । ତେବେ ଇମିତି ଜଗଲ ହଜଚ କାଇଁ ? ଆମେ ସବୁ ଅଛୁ ; ଆମକୁ କଣ ବଳେଇ ଯିବ । ସରଳା ଦେଖିଲା ସେଇ ମହାରାଜ ଏଇ ତ, ସଞ୍ଜବେଳେ ଭାଲୁ ଧର୍ମଶାଳା ଯାଇଁ ମାତାଙ୍କୁ ପଚାରୁଥିଲ ତ । ସରଳା କହିଲା—ଅଜ୍ଞା, ମତୁଅ ଅପା ମୋର କଣ ହଜିଚକି । ଏଇଠି ତ କିଏ ତାକୁ ଜବରଦସ୍ତି ନେଇ

ନେଇ ପଳେଇ ଗଲା । ମୁଁ ପଛ ଝୁଣିଉ ଛା' ଧାଇଁ—ସେତେବେଳେ
କୁଏ ଓଟକୁ ନେଇ ଯାଉଛି । ସରଳା ଠକ୍ ଠକ୍ ହୋଇ କାନ୍ଦ
ପକେଇଲା । ମହାରାଜ କହିଲେ—ଛି, ଏ ଶ୍ରୀକ୍ଷେତ୍ର ଧର୍ମଧାମ ଏଠି
ସେସବୁ ଅନାଚାର ହୁଏ କି ; ଏ କଣ ବଣ ଜଙ୍ଗଲ ଗଡ଼ଜାତ
ହୋଇଛି କି ମା । ତମ ଝିଅକୁ ଖୋଜିଆଣି ଦେବା, ଜରୁର ମିଳିବ ।
ତେବେ ସବୁ ପ୍ରସାଦ ପାଇ ଲୋକ ଯାଉଛି ଧର୍ମଶାଳାକୁ ଯାଅ ।
ଅଜି ରାତି ଭିତରେ ନ ହେଲେ ବି କାଲି ସକାଳେ ଜରୁର ସନ୍ଧାନ
ମିଳିଯିବ । ସକାଳେ ଦାରୁଗା ପାଖକୁ ମୁଁ ଗୁମାସ୍ତାକୁ ପଠାଇ
ଡକେଇ ଆଣିବି । ମାତା କହିଲେ—ମହାପ୍ରଭୁ ; ନଳୁଅକୁ ନ ପାଇବା
ଯାଏ ମୁଁ ପାଣି ଛୁଇଁବିନି ପଣ କରୁଛି । ମହାରାଜ—ଛି ବେଟୀ,
ପ୍ରସାଦକୁ ଅମାନ୍ୟ କରନ୍ତି ନା । ଜଗୁ ଭଣ୍ଡାରୁ ସବୁ ଆଣିଦେ, ଏମାନଙ୍କର
ସବୁ ପ୍ରସାଦ ପାଇବା ବ୍ୟବସ୍ଥା କର, କୁଞ୍ଜ ଦେଖେଇ ଧର୍ମଶାଳାରେ
ନେଇ ପହଞ୍ଚାଇ ଦେଇ ଆସିବୁ । ଜଗୁ—ମହିମା । ଅଳ୍ପ ସମୟରେ
ଯାହା ହେଲେ ପ୍ରସାଦ ପାଇଲେ ; ସରଳା ପତ୍ର ପାଖରେ
ବସିଲା ସତ ; ତାକୁ ରୁଚିଲା ନାହିଁ କିଛି । ମଠର ଝୁଲଣି କୁଞ୍ଜ
ଖୁବ ସଜବାଜ ହୋଇଥିଲା ସତ—ସରଳା ତାକୁ ଦେଖି
ହେଲେ ଦେଖିଲାନି । କଳା ପିତୁଳା ପରି ସେ ସବୁ କରୁଥାଏ
ସିନା , ତା ଭିତର କୋହ ସେ ସମ୍ଭାଳି ପାରୁ ନ ଥାଏ ।
ଜଗୁ ସେମାନଙ୍କୁ ଖୁଆଇ ପିଆଇ, କୁଞ୍ଜ ଦେଖେଇ, ଧର୍ମଶାଳାରେ
ନେଇ ଛାଡ଼ି ଆସିଲା । ବୋଧ ଦେଇ କେତେ କଥା କହିଲା ;
ସରଳା ମନ ମାନୁ ନ ଥାଏ । ସେ ଧର୍ମଶାଳାକୁ ଯାଇଁ ମଶିଣା
ଉପରେ ପେଟ ମାଡ଼ି ଶୋଇ ଭେଁ ଭେଁ ଡକା ପକାଇଲା ।
ଅପା ବୋଉ ଚହଟ କହୁଥିଲା ଟଗ, ମତେ ଛାଡ଼ି ଉବ ମାଉଁ ରି , ମୁଁ
ଶୁଣି ଫିଙ୍ଗିଲି । ସ୍ୱାମୀଙ୍କ ଆସି ଗହଳି ଦେଖି ଚମକିଗଲା, କହିଲା—

ମୁଁ ଏ ଜଙ୍ଗ ଭିତରେ ପଶିବନି । ମୁଁ ଚଣ୍ଡାଳୁଣୀ ବାହୁଁଙ୍କ ଝିଅକୁ ବିକେଇଲି ସେ କୋଉଠି ଯାଇଁକି କଦର୍ଥନ ହଉଥିବ । ତାର ତ ମନ ଥକି ପଡ଼ିଥିଲା—ସେ ଦଣ୍ଡକେ ଶୋଇ ପଡ଼ିଲା ।

× × ×

କବାଟ ଶିକୁଳୀ ଝଣ୍ଣ କରି ରଡ଼ି ଫଟିବା ବେଳକୁ ମଚୁଆର ଚେତା ହେଲା । ସେ ଆଖି ମେଲି ଚାହିଁଲା । ଜଣେ ଲୋକ ତାକୁ ସେମିତି କରି ହାତ ଗୋଡ଼ ମୋଡ଼ା କରି ଲମ୍ବା ଶଣ୍ଢୁଆପୀରେ ଧରିଲା ପରି ଠେକି ଧରିଛି—ଆଜି ଜଣେ ଶିକୁଳି ଖୋଲି ଦେଇ କବାଟ ମେଲି କରି ଦେଲା; ସେ ଘରେ ମିଞ୍ଜି ମିଞ୍ଜି ହୋଇ ଦୀପଟିଏ ଜଳୁଛି । ଦୀପ ତେଜକୁ ଦେଖା ବେଳକୁ ଏ ଜଣେକ ନେଇ ତାକୁ ଗଣ୍ଡେ ଖଟ ଉପରେ ଢୁଲ୍‌କିନା କଚାଡ଼ି ଦେଇ, ତା ମୁହଁରୁ ଭୁଣ୍ଡୀଟା ଫିଟେଇ ଦେଲା—କହିଲା—ଏଥର ମନ ଇଚ୍ଛା ଚିଲ୍ଲାଅ ଲୋ ଟୋକୀ । ତଣ୍ଟି ଫାଟି ଗଲେବି କେହି ହାରି ଗୁହାରି ପଡ଼ିବେ ନାହିଁ । ମଚୁଆ ସେଇଠି ସେମିତି ମେଞ୍ଚା ହୋଇ ପଡ଼ି ଆଖି ଦିଓଟି ଢୁଲୁ ଢୁଲୁ କରି ଚାହିଁଲା—ଅସୁର ପରି ଏଡ଼େ ବିକଟାଳ ଲୋକଟା—ଭୁଆଁ ବାଘ ପରି ଏଡ଼େ ଗୋଲ ଗୋଲ ଆଖି, ତା ଆଡ଼କୁ କଟମଟ କରି ଚାହିଁ ହସୁଛି । ମଚୁଆ କଲିଜା ଭିତର ଥରି ଉଠିଲା—ଜୀବନରେ ମା'ଦେବୀ କି ମରିଚି । ସେ ଲୋକଟା କହିଲା, ଦୀପ ତେଜଟିକି ମଧୁଅ ଭଲ କରି । ଚାହିଁଲି ଶିନା ଯାକୁ—କେତେ ଲାଲମୋହନ ମାର୍କେ ହୋଇଚି ମ ଏ ଟୋକୀ ଗିଣ୍ଡ୍ରିକ । ଆଉକି ପାଖକୁ ଆସି ଚାହିଁଲା—ଝଲୁପ ଲାଗୁଛି ଚୋରିବେ ତ । ବଡ଼ିଆ ମ —ବଢ଼ି ନାଇଚେ । ହଇଁ ଗୋ ତମ ନାଁ କଣ ? ମଚୁଆ ବକ୍ତୃଜାଳ ଗୋଟେଇ ହଉଥାଏ । ଧୀରକିନା ଆଖି ଦିଓଟି ବୁଜି ଦେଲା ।

ଅରଣ୍ୟ କହୁଛି—ଶୁଣ ମା । ବେଳ ଘୋଡ଼େଇ ହୁଅନ୍ତି କେତେ
ଝୋଟେ ଝୋଟେ ହେଲା । ଦଉଡ଼ି ବାହାରକୁ ଚାଲେ; ବିଜୁଳି ଲଗାଇ ଝାଙ୍କ-
ଟାଏ ପଡ଼ିଯିବା ଶବ୍ଦ ମଣିଷ କାନରେ ବାଜିଲା । ସେ ଶବ୍ଦ
ଗୋଡ଼ ଅବାଜ ଦୂରରେ ମରିଗଲାରୁ ମଣିଷ ଗୋଡ଼ ହାତ ଚଳେଇ
ଠିଆ ହେଲା । ତାର ଆଉ ଜାଣିବାକୁ ବାକି ରହିଲାନି ସେ କି
ମଣ୍ଡଳପରେ ତାକୁ ଏଠିକି ଅଣା ହେଉଛି—ମଣିଷ ତାକୁ ବହିବ —
କରୁ ଭାଇ ପର ଯିଏ କହେକ ଯେଉଁଠରେ ମାଡ଼ । ସାଙ୍ଗରେ କଣ
ଫୁସୁରୁଫାସର ହଉଥିଲା — ମାତା ସବୁ ପିଠୁ ରହୁଥିବ । ଆଜି
ସଞ୍ଜବେଳେ ଯୋଉ ମହାରାଜ ଧର୍ମଶାଳାଠିକି ଯାଉଥିଲା; କଟମଟ
କରି ଗୁହାଁରୁ ଥିଲା ଏଠେ ତା ଅଙ୍କ—ଯେଉଁ ଥିବ ମୂଳରେ କହିଲେ ।
ଏଠୁ ଉଠିବାର ବାଟ । ମଣିଷ ମୁଣ୍ଡ ଟେକିଲା ଭୁଲିଗଲା । ଗୁହାଅଡ଼କୁ
ଅଖି ବୁଲେଇ ଦେଖିଲା ଜବର କୋଠାଘର ବଖରାଏ । ଦୁଆର
ଛଡ଼ା ଆଉ ବାଟ ନାହିଁ, ଓପରେ ଅଟୁକୁ ଲାଗି ଏ ପାଖ ସେ
ପାଖରେ ଦଉଡ଼ା ଜାଲ କରାଯିଛି । ସତକୁ ସତ ପାଟି କରି ଚିଲ୍ଲା ପାଟି
ଗଲେ ବି ପଦାକୁ ଶୁଭିବ ନାହିଁ କିଛି । କାନ୍ଥ କୁହରେ ପିତଳ
ପିଲସଜରେ ପିତଳ ଦୀପ ଜଳୁଛି । ଅନ୍ଧାରରେ ତୋଟାଏ ଶୀତରେ
କୁଢ଼ୁଅଟାଏ ଝୁଲୁଛି । ଖଟୁଲିଟା ଖଟ ଉପରେ ନୂଆ ମଶିଣାଟାଏ
ସଜଡ଼ା — ଘର ଓଳାଓଳି ହୋଇ ଯତନେ ଦିଶୁଛି । କବାଟ
କଳାବାଟେ ରୁହିଁଲା — ବଡ଼ ମାଟି ଅଂଟାଟାଏ — ଦୂରକୁ କିନା
ଧାଡ଼ିଏ ଏକଗୁଛିଆ ଘର—ଚୈବ ଲମ୍ବ ଧାଡ଼ିଟା, ଗାଈଗୋରୁ
ରହିବା ପରି ଅଲଗା ଦିଶିଲା । ଭେଦିବାର ହାତ ଆଡ଼କୁ ଦିଶୁଛି ଖୁବ୍
ବଡ଼ ପଥରମହଲା ସବୁ । ଯୋଉ ଘରେ ସେ ଥିଲା, ସେ ଘରକୁ
ନାଗି ଆଉ ଘର ନାହିଁ—ଗୁ ପାଖ କାନ୍ଥ ଫମ୍ପା ଅବାଜ ଦଉଛି ।
ପାଟି କଲେ ବି ବାହାକୁ ଶୁଭିବନି । ପଳେଇବାର ବି କିଛି ଲୁଅଡ଼େ

ଜଗାପ୍ର ବସୁନ୍ଧା ଲୁଅରେ ଟିକ୍କ, କଣ କହବ, କେତେବେଳ ଏଇଠି ଏମିତ ଗାରଦରେ ପଶିଥିବ । କ'ଣ କହବ, କେମିତ ଏଥିରୁ ଉଦ୍ଧାରିବ । ଠାକୁରେ ଜାଣନ୍ତି ଅଲୁଆଁ ହେଇ ମାହାପ୍ରଭୁଙ୍କ ରତନ-ବେଦୀ ଛୁଇଁଲି ବୋଲି କଣ ଏ ଦଣ୍ଡ ଭୋଗିଲି--ସେଇଆ ତ ହେଇଥିବ ! ଭଲେ ମୁଣ୍ଡ ବାଡ଼େଇ ଦଣ୍ଡବତ କରି ସେ ଠାକୁରଙ୍କ ପାଖରେ ମାଫ ମାଗିଲେ । ମଙ୍ଗୁଆ କାନରେ କେମ ଅବାଜ ବାଜିଲା; ସେଇ ମହାରାଜ କଣ୍ଟେ । କେଉଁମ ଅବାଜ ପାଖେଇ ଆସିଲା; ଆଉ ଗୋଟିଏ ମାଇପିର ପାଟି ଶୁଭିଲା—ମାଗା କି ? ନା ଆଉ ଜଣେ କିଏ, ଆଉ ଜଣେ ବି ଧପ୍ ଧପ୍ ହେଇ ଆସୁଥିଲା, ମଙ୍ଗୁଆ ବାହିଲା ସେଇ ଅଘାସୁରଟା ହେଇଥିବ ଯେ ତାଙ୍କୁ ଠେଲି ଦେଇ ପଠେଇ ଆଇଲା । କବାଟ ଶିକୁଳୀ ଖୋଲିବା ଆଗରୁ ମଙ୍ଗୁଆ ଦୀପଥିଆ କାନ୍ଥ କଣରେ ନେଇ ହେଇ ଠିଆ ହେଇଥିଲା । କବାଟ ଖୋଲିଲା ମାତ୍ରେ ସେ ଏକ ନିଶ୍ବାସରେ ମାଇପିଟିକୁ ପେଲି ଦେଇ ଘର ଭାହାରକୁ ପଠେଇଲା । ସେତ୍ନ ଲମ୍ବା ଗଣ୍ଡିଆଟା ହାତ ତା ବାହା ଧରି ଟିକେ ଅଟିଗଲା—ଧନମଣି, ବଡୁଆ ହାତରୁ ଖସି ଯିବୁ, ବଡ଼ଖବରୁ—ଠେଲି ଆଣି ତାକୁ ସେ ଘରେ ପୁରେଇ ତାହାର ପଛୁ ଶିକୁଳୀ ନଗେଇ ଦେଲା । ମଙ୍ଗୁଆ କବାଟକୁ ଆଉଜା ବିକଳରେ ଭୋ ଭୋ ହେଇ ଡାକ ପକେଇଲା । ମହାରାଜ ଖଟ ଉପରେ ବସି ପଢୁଥିଲେ । ଦଇଗୁଡ଼ୀ ମାଇପିଟାଏ ତାକୁ କୋଳେଇ ନେଇ ଆଖି ପୋଛୁଦେଇ କେତେଥର କଲା ଛି ମା, କାନ୍ଦନ୍ତି କି ସୁନାଟିଅଟା ପରି ମୋର । ତୋର କଥା ତତେ ଅଫୁଟ ହବ ଏଣିକି ଯେ, ଏଡ଼େ ବିକଳ ହେଇ ତୁମ୍ଭଠ ରେ ଏମିତ କାନ୍ଦୁଛୁ ? ଆମର ଠାକୁର ଜାଣି ଇଏ, କହିଲେ କ୍ଲେ ମା ସବୁକୁ ଭ ଗୁହ ଦେଖି ଆସି ଦେବେ । ତୋର ଜୋର କଥାରେ ଅଭାବ ବହୁବଚନ ମା, ଏଡ଼େ କାହିଁ କହିଁ ହଉଚୁ, ସଇତାଣୀ ହେଇ ରହିବୁ ।

ବାଉଣ୍ଡ୍ରୋ ଦାସ ଦାସୀ ତୋ ପାଦରେ ଖଟିବେ । କୋଉଥିକି ଭାବନା ? ଛି ମା, କାନ୍ଦନା । ତୋତେ ମୋ ସ୍ୱାମୀ ଜଗନ୍ନାଥେ ଯୋଗ୍ୟ ରୂପ ଦେଇଛନ୍ତି ଲୋ ମା ତତେ ଦେଖି ଯୋଗୀ ଋଷି ଭ ଟଳି ପଡ଼ିବେ । ତୁ କାନ୍ଦନା, ମୁଁ ତୋ ଘର ଗୁଣ୍ଡିଚା ନାଇଁ, ସବୁବେଳେ ପାଖେ ପାଖେ ଖଟିଥିବି । ମୋର ଦାନ୍ତ ଏତେ, ଭାଙ୍ଗିଗଲାଣି ପରା । ଭଲ ମନ୍ଦ ହେଲେ ମୁଁ ତତେ କହନ୍ତିନା । ମାହାପ୍ରଭୁ । ଏଣିକି ଆପଣ ତାକୁ ନେଇ ପାଖରେ ବସାନ୍ତୁ, ମୁଁ ବୁଝେଇ ଦେଉଛି ଯେ ସେ ଆଉ କାନ୍ଦିବନି । ମାତା ମନ୍ଥୁଆଙ୍କୁ ଯେତେ କୋଳେଇ କାନ୍ଦେଇ ଠଣ୍ଡାଭଣ୍ଡା କଲେ ମନ୍ଥୁଆ କବାଟ ପାଖରୁ ଜମା ଘୁଞ୍ଚିଲା ନାହିଁ କି ତା କାନ୍ଦ ଥମିଲା ବି ନାହିଁ ; ବେଳକୁ ବେଳ ସେ ଅଧିକ କାଇଁ କାଇଁ ହେଲା । ମାତା ପୁଣି ମନ୍ଥୁଆକୁ କୋଳେଇବାକୁ ଯିବା ବେଳକୁ ସେ ତାଙ୍କ ହାତ ଧକା ଛୁଆଁଡ଼ି ଦେଲା । ମାତା ପୁଣି ବୁଝେଇଲେ— ଇଏ ଗୋଟେ କି କଥା—ଏମିତ ଅମାନିଆ ହୁଅନ୍ତି କି ଝିଅ । ତୁ ତାଙ୍କ ଧର୍ମଲାଗି ହ, ଦେଖିନୁ ଝିଅ ; ରଙ୍ଗ ମାତା ଯାହା କହୁଥିଲା ପଦେ ପଦେ ସବୁ ଫଳିଯିବ । ତୁ ଯା ସେ ଖଟ ଉପରକୁ— ମୋ ସୁନା ମା'ଟା ମୋ! ଧନମଣିଟି ପରା । ଆପଣ ଆସି ତା ହାତ ଧରି ନେଇଯାନ୍ତୁ ମହାପ୍ରଭୁ । ସେ ବୁଝିଯିବ ଯେ । ରଘୁ କବାଟ ମେଲୁଛି ? କବାଟ ଖୋଲି ମାତା ବାହାର ହିବାରୁ, ମହାରାଜ ମନ୍ଥୁଆ ପାଖରେ ଆସି ଠିଆ ହେଲେ । ତା ପିଠିକି ହାତ ନବା ବେଳକୁ ମନ୍ଥୁଆ ତାଙ୍କ ହାତକୁ ଛୁଆଁଡ଼ି ଦେଇ କଣକୁ ପଳେଇଲା । ମନ୍ଥୁଆ ହାତ ତାଙ୍କ ଦେହରେ ନାଗିଲାରୁ, ମହାରାଜ ଆତୁର ବାଉଳା ହୋଇ ଗଲେ, ଧାଇଁ ଯାଇ ମନ୍ଥୁଆକୁ କୋଳେଇ ପକେଇଲେ । ମନ୍ଥୁଆ ନିଜକୁ ବଞ୍ଚେଇବାର ଆଉ କିଛି ବାଟ ନ ପାଇ ମହାରାଜଙ୍କ

ପେଟକୁ ଗୁଳାଏ କସିକର କାମୁଡ଼ି ଦେଲା ଓ ତାଙ୍କୁ ପାଖୁ ପର୍ଯ୍ୟନ୍ତ ଯୋରରେ ଘଷିଦେଲା ଦ'ହାତରେ, ଅରେ ଖୁନ୍ କରିଦିଯୁରେ ଖୁନ୍ କରିଦିଯୁରେ କହି ମହାରାଜ ଚିତ୍କାର କରି ଉଠିଲେ— ଲୁହୁଲୁହାଣ ଖଟ ଉପରେ ଚିତ୍ ହୋଇ ପଡ଼ିଗଲେ— ଅରେ ରଘୁଆ— ରଘୁଆ ଜଲଦି ଅରେ । ରଘୁ କବାଟ ଖୋଲି ପଶି ଆଇଲା । ପଶିବା ମାତ୍ରେ ଅଟେ ହାତେକେ ମଳୁଅକୁ ଜାବୁଡ଼ି ଧରି, ଖଟ ପାଖକୁ ଯାଇ ଦେଖିଲା ମହାରାଜାଙ୍କ ପେଟ ପାଖରୁ ଧାର ଧାର ହୋଇ ରକ୍ତ ବୋହି ଯାଉଚି । କିଛି ନ ବୁଝିକ ସେ ଏକ ଗୋଇଠା ପକେଇଲା ମଳୁଆ ଘୁଷିକି ; ମଳୁଅ ଘୁଷି ହୋଇ ପଡ଼ିଲା କବାଟ ଉପରେ । କବାଟ ମଳୁଅ ଧକାରେ ଖୋଲିଗଲା । ଘର ଭିତରକୁ ହିଁଲିକାଏ ପବନ ପଶିଅସି ଦୀପ ନିଭିଗଲା । ମଳୁଅ ପଡ଼ି, ଉଠି, ଗଡ଼ି ଯୋଯାଉ ହୋଇ ଅଗ ସାମନା ଗୁହାଳ ଘର ଭିତରେ ଛଣାଗଦା ଭିତରେ ଲୁଚିଗଲା । ପାଟି ଭୁଣ୍ଡି ଖୁବ୍ ଜଗିଲା । ମଠ ଭିତରୁ ଲୋକେ ଲଣ୍ଠନ ଧରି ଧାଇଁଲେ । ମହାରାଜଙ୍କୁ ଧରି ଧାରି ମଠ ଭିତରକୁ ନେଇଗଲେ କେତେ ଲୋକ ଅସି— କହିଲେ ବାଡ଼ିପଟକୁ ଅସୁ ଅସୁ ହୁଣ୍ଡି ମାଡ଼ ଗୋଟାଏ ଚିମା ଦିହରେ ଚଟଚଟ ହୋଇଗଲା । ମହାରାଜ ଅଧା ଓହୋ ହୋଇ ବିକେଇଲା ବେଳେ କହୁଅଛନ୍ତି— ରଘୁ ନେଜଟେଇ ପାଇଁ ହୋଇ ଭଲକରି ଖୋଜିବୁଟି ? ରଘୁ— ଏ ମାହାପ୍ରୁ, ଯୁଁ ଅଜ କହିବାକୁ ଅଛି ରଘୁକୁ । ଯେତୁ ପୁଥୀ ଓଲଟେଇ ଦେବିଟି । ଅଜମାନେ ସବୁ ପଚାରିଲେ କଣ କଣ । ରଘୁ—ମହାପ୍ରୁ ଏକୁଟିଅ ବାଡ଼ିପଟକୁ ଅସୁ ଅସୁ ଲୁଅଡ଼େ ଦେଖିଲେ ଗୋଟାଏ ଲୋକ, କୋଉଠି ନୁଚିଥିବ କି କଣ ସେଇଅ ଖୋଜିବାକୁ । ଥିବ ଯେବେ ଚିବ କୁଅଡ଼େ, ଏଡ଼େ ବଡ଼ ମେଘନାଦ ପାଚେରି ବାଡ଼ି ପଟ କବାଟ

କାଲିଟି ନାଗରଣ ମୁଁ ନିଜେ ଫେର ଅଛି । ଅତଏବ କୌଣସି
ଲଣ୍ଠନ ଦରକାର, ନଇଲେ ଓ ଯାଡ଼ି ମଶାଲ ହେଲେ ଆଣିବଟି,
ଗୁହଅନ୍ଧ ଖୋଜି ଦେଖିବା । ଭଲା ଗୁହଜଣେ ଅଛି ରଘୁ ମିଶି,
ପାଖର ବାହାର ସବୁ ଜଣେ ଯାଇ, ଗମ୍ଭୀର ଘର ଯୋଡ଼ାଟି ମନ୍ଦୁଅ
ବନ୍ଦ ହୋଇଥିଲା, ନଡ଼ାଗୋଦାମ, ଗରୁଡ଼ ଓ ହଳିଆଙ୍କ ରହିବା
ଥାନ, ସବୁଯାକ ଗୁହାଳ ଝାଳଟେଇ ପାଲଟେଇ ସବୁ
ଖୋଜିଲେ । ଶେଷରେ ମନ୍ଦୁଅ ଯୋଡ଼ାଟି ନୁଖିଥିଲା
ରଘୁ ଆଉ ତା ସାଙ୍ଗରେ ଜଣେ ଲଣ୍ଠନ ଧରି ଆଇଲେ ।
ରଘୁ କହିଲା ଦେଖିବୁ ଦେଖିବୁଟି ସେ ସଙ୍ଗ ଜଗରକୁ ; ହେଇ
ସେଇଟି ଅଛୁ ନା କଣ, ଦେଖୁ, ନଡ଼ାଗୋଛ ଓ ଗୁହ
ଗୋଛ ଭିତର ତଳେ ପଡ଼ିଛି, ଶୁଣି ମନ୍ଦୁଅର ବୁକ୍‌ଧୁକ ବନ୍ଦ
ହୋଇଗଲା ପରି ଲାଗିଲା ତାକୁ । ଫଗା ଖୋଜା ସରିଲା; କିଛି ସନ୍ଧାନ
ମିଳିଲା ନା, ଆଉକି ଦରକାର ଗୋଛ ନଡ଼ା ଖୋଜିଠ ପଡ଼ିଥିଲା
କୋଣରେ ତାକୁ ଖେଳେଇବାକୁ ଗଲା ବେଳକୁ ରଘୁ ପାଟି କଲା—
ଆରେ ଓଲୁ ଆଉ କଣ ଗଛରେ ଫଳନ୍ତି । ଯାଂ ଭିତରେ ମଣିଷ ଟାଏ
ଛପିବ । ଆ ଅ; ବାହାରକୁ ଆ । ଏଇଠି ଫଗା ଉପରେ ଥିଲ
ନାକେଷ୍ଟେ ଏଠୁ ଗଲ କୁଆଡ଼କୁ । ଗୁଇଲ୍ଲୁ ଟସ ମାଳତୀ ମଣ୍ଡପଟା
ଦେଖିବା । କବାଟ ପକେଇ ଦେଇଅ । ମନ୍ଦୁଅ ଦେହ ଝାଳରେ
ଭିଜି ବୁଡ଼ି ଯାଇଥାଏ—ଏତେବେଳେକ ସେ ଟୋଟାଏ ନିଶ୍ୱାସ
ମାରିଲା । ମାଳତୀ ମଣ୍ଡପ ଖୋଜା ହେଲା—ବାଡ଼ପଟ ଗଡ଼ିଆ ନାଳ
ଖୋଜା ହେଲା; କାହିଁ କିଛି ପତ୍ତା ମିଳିଲା ନାହିଁ । ରଘୁ କହିଲା—
ତେବେ ସବୁ ଯା; ମଠ ଦେହୁଳିଆ ସବୁ ଘର ଖୋଜିବ ଭଲକରି—
ଏପଟ ଦରଜା ଦେଇ ଯା; ମୋ ପାଖରେ ଲଣ୍ଠନଟା ଥାଉ; ମୁଁ
ଅନ୍ଧାର ଟିକିଏ ଜଗିବି ଏଠି । ଆଉ ସମସ୍ତେ ମଠ ଭିତରପଟେ

କବାଟ ଦେଇ ଗୁଲିଗଲାରୁ ରଘୁ ଚମ୍ପୀର ଘର ଭିତରେ ଚଳିଲା ।
ଖଟତଳେ ବାଡ଼ି ବୁଲେଇ ଅଠ ସବୁ କେଞ୍ଚୁ ଅନେକ ଶେଷ ଜଲା—।
ଖଟ୍ଟୁଚାଲ ଏଣ୍ଡୁକୁ ଏକାଟ ଟୋକ୍କା ଖଟଣ୍ଡ ଆଉ କଣ ସବୁ ପାଚିର
ଚଢ଼ି ଡେଇଁ ପଡ଼ିଲା ସେ ପଟକୁ—କେଜାଣି ବଟାବ ନୁହେଁ କଣ୍ଟୁ ।
ନାଗୁଣୀ କି କୁଢ଼ ଦେବଳ କହନ୍ତି ସେ ପବନରେ ଉଡ଼ିକର ଗେନ୍ଥ
ମାରେ । ମୁଁ ଯେଉ ଗୋଇଠା ହାଣିଚ ତା ସ୍ମୃତିକୁ ଅଜ କୁଏ
ହୋଇଥିଲେ ତ ପ୍ରାଣ ବାହାରି ଯାଇଥାନ୍ତା; କେମିତ ସମ୍ଭାଳିଲା
କେଜାଣି ଏଣ୍ଡକୁ କେମିଅଡ଼ ଖଟଣ୍ଡ । ବାଡ଼ିପଟ ଦାରଜା ଖଟଣ୍ଡ ଦୂରରେ
ଗୁହାଳ ଘର ଲମ୍ବଧାରଣ୍ଡ ବସ ମଣ୍ଡପର ଯାଇଁ—ସେ କବାଟକୁ
ନଗେଇ ଦ ପାଖେ ଦ ଖଣ୍ଡ ପକା ପିଣ୍ଡା ପରି ହୋଇଛି । ଲଣ୍ଠନ
ଧରି ରଘୁ ସେଠିକି ଗଲା । ସେଠି ଦଣ୍ଡେ ବସିଲା—ଖୁବ୍ ଜୋରରେ
ହାଇଟାଏ ମାରିଲା; ବାନ୍ଧଦଉଡ଼ିଜାବ ଗଳି କବାଟ ଖୋଲି ବାହାରକୁ
ଗଲା । ଠେଙ୍ଗାଟାଏ ଠକ୍ ଠକ୍ କରି କେତେ କୁଅଡ଼େ ଗଲା, ଭିତରକୁ
ପଶିଆସି ଟେଳି କବାଟ କିଳି ସେ ପିଣ୍ଡା ଉପରେ ଶୋଇପଡ଼ିଲା ।
ସେତେବେଳକୁ ରାତି ପାହାଲିଆ ହୋଇ ଆସିଲାଣି । ରଘୁର ଘୁଙ୍ଗୁଡ଼ି
ମାରିବା ଶୁଣି ମରୁଆ ନଡ଼ା ଗୋଛ ତଳୁ ଖୁବ୍ ଢୁସିଆଇରେ
ବାହାରି, ଦେହ ହାତ ପୋଛୁ ନାଗୁଣୀ ଧାପକୁ ଧାଏ ଚଢ଼ି ସଙ୍ଗା
ଉପରକୁ ଯାଇ ବସିଲା । ଏତେ ଜବାଡ଼ ସଙ୍କଟରୁ ସେ ଅଳ୍ପକେ ତରି ଗଲା
ଯାହା ଯୋଗେ ସେଇ ଠାକୁରଙ୍କୁ ସ୍ମରଣ କରି ମୁଣ୍ଡିଆଟିଏ ମାରିଲା ।
ତା ଆଖି, ଲୁହ ଲୁହ ସୁଅରେ ଭାସି ଯାଉଥାଏ । ସେ ଅଗ ପଛ କରି
ତା ଜୀବନର ବହୁ କଥାଯାକ ମନେ ପକେଇଲା, ଭାବିଲା—ଏତେ
ଦୁଃଖ, ଏତେ କଷ୍ଟ, ଏତେ ଯାତନା ସହି ଏ ଜୀବନ ରଖି କି ଲାଭ—
କାହାର ଅବା କେଉଁ କାମରେ ନାଗିବ । ଏଇ ରୂପ ତ ମୋର
ହୋଇଛି କାଳ । ଥରକୁ ଥର ଏଇ ହିଙ୍ଗା ଓଠର ଅଉ ଜେତେ କାଳ

ସତ୍ୟ ଜୀବନ ଧରିଥିବ—ଏଇ ଜୀବନ ହାରିଦେଲେ ତ ସବୁ ଅଡୁଆ ଏକାବେଳକେ ତୁଟି ଯାଆନ୍ତା—ସବୁକଥା ସବୁ ଦିନକୁ ସରିଯାଆନ୍ତା । ଏଠି ପୁଣିକି ଆସିବାକୁ ମଙ୍ଗୁ ନ ଥିଲି, ଏଇ ମାଙ୍ଗା ମୋର ଭଲ ହେଲା । ତାଙ୍କୁବା ଦୋଷ ଦେବି କଣ—ତାଙ୍କର ତ ପେଷା ଏଇଆ; ଧନ ଲୋଭରେ ମଣିଷ ପୁଣି ତ ହଣାହଣି ହେଇ ମରୁଚନ୍ତି । ମରିବା ଠାଇ ସାର । ଜୀବନ ବଞ୍ଚି ଏତେ ହନ୍ତସନ୍ତ ହେଇ, ଏତେ ଲୁହ ଲହୁ ସାତ ଖଣ୍ଡ କରି- ଅଲଗ ଲୋକର ଗୋଇଠା ହୁଣ୍ଡା ଖାଇ ଅଟକେଡ଼ା ଜୀବନ ଆଉ ଧରିବି ନାହିଁ—ଯାଉଚି ଜୀବନ ହାରି ଦେବି—ଏକାବେଳେକେ ସବୁଅଡ଼ୁ ସବୁ କାଳକୁ ଛୁଟି ମିଳିବ—ଆଉ କାହିଁକି—ସେଇଆଇ କରିବି । ଲୋକେ କହନ୍ତି ଠାକୁରଙ୍କ ଥାନ ପୁଷ୍ପରେ ମଲେ ପୁଣ୍ୟ ହୁଏ—ଯମଗଣେ କୁଆଡ଼େ ଏଠି ମରିବା ଲୋକଙ୍କୁ ଛୁଇଁ ପାରିବେନି—ଦେବଗଣ ଆସି କୁଆଡ଼େ ସ୍ୱର୍ଗକୁ ନେଇଯାଆନ୍ତି, ଆଜି ପୁଣି ପୁନାମୀ । ଆଜି ପରି ଦିନ ଆଉ ମିଳିବନି—ଆଉ କାହା ପାଇଁ କୋଉଥି ପାଇଁ ପଛେଇବି । ମୋତିବାବୁ ସେ ମୋର ଜୀବନ ରଖିଚନ୍ତି—ଥରେ ତାଙ୍କୁ ଟିକିଏ ହେଲେ ଦେଖିଥାନ୍ତି ପଚାରିଥାଆନ୍ତି କି କହିଥାଆନ୍ତି । ଦେବେ ତାଙ୍କୁ ନଜର ହେଇ କହି, କାନ ପକେଇ ତାଙ୍କଠୁଁ ମାଗି ନେଇ-ଥାଆନ୍ତି ସବୁ ଦୋଷ । କାହିଁ ଏଥର ତ ସେ ମତେ ଆଉ କ୍ଷମା କରି ପାରିଲେନି—ଏଥର ତ ମତେ ଠେଲି ଦେଇ ଗଲେ ସେ ଜଳନ୍ତା ନିଆଁ ମୁହଁକୁ । ଛି ଛି, ମୁଁ ତାଙ୍କୁ ତୁଚ୍ଛରେ ଦୋଷ ଦଉଚି ସିନା; ସେ କଣ ଆଉ ଜାଣିଥିଲେ ନା ଏମିତି ହବ ବୋଲି କଳନା କରିଥିଲେ । ମୁଁ ମିଛରେ ନିର୍ଦ୍ଦୋଷୀ ପ୍ରାଣୀ ମୁଣ୍ଡରେ ଦୋଷ ଲଦୁଚି—ସେ କଣ କରନ୍ତେ—ଏଇଠି ଏଇ ପୋଡ଼ା କରମରେ ଯାହା ଲେଖାଅଛି ତାକୁ ଭୋଗିବାକୁ ପଡ଼ିବ—ଅନ୍ୟଥା

କିଏ କହି ପାରିବ । ସେ କଣ କରନ୍ତେ—ଅହା ! ଆଜି ମୁଁ ସ୍ୱର୍ଗ ସୁନ୍ଦର କଣ୍ଢେଇ ଘର ଟିଏ । ମୁଁ କଣ ତାଙ୍କ ନାଆଁ ଯେ ହେବାବେଳେ ସେ ମତେ ତୋଳି ଧରିଥାନ୍ତେ—ତାଙ୍କର ପ୍ରାଣ ଦେଇ ଦେବେ ପାଇଁ । ସେ ସବୁ ଦିନେ ସଂସ୍କୃତିଙ୍କର ଭଲ କରିବାରେ ଧାଇଁଛନ୍ତି—ମୁଁ କୋଉ ଛାଞ୍ଚକୁ ନିଜ ଭିତରେ ପୂରାଇ ରଖିବା କଥାରେ ମନାସ୍ଥିର—ଛି ଛି, ମୋ ପରି ହୀନ କି ସ୍ୱାର୍ଥପର କେହି ହୁଏନା, ମୁଁ ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଉଛି—ମୋ ପରି ମୂର୍ଖ ଆଉ କିଏ ଅଛି ମ ! ମୁଁ ସିନା କୃତକୃତ୍ୟ ହୋଇଯିବି ତାଙ୍କୁ ପାଇଲେ ; ସେ ମୋ ହାତ ଧରି ନିନ୍ଦାବୋଝ ମୁଣ୍ଡେଇ ନରକରେ ଯାଇ ଡେଇଁବେ ଭଲା କାହିଁକି ? ଛି, ମୁଁ ଏଡ଼ିକି ବେହିଆ, ଏଡ଼ିକି ହୀନ—ତାଠାରୁ ଶତଗୁଣେ ଭଲ ପରି ଏ ସବୁ ଜଞ୍ଜାଳ ଉଠେଇ ଦବା—ଏ ସବୁ ଅଳିଆ ଝୁଡ଼େଇ ଦବା, ସବୁଠୁ ଭଲ ଏ ହୀନ ଜୀବନ ହାରିଦେଇ ନିଜେ ନିସ୍ତାର ଆଉ ସମସ୍ତଙ୍କି ନିସ୍ତାର କରିଦେବା । ମନୁଆ ମନ ମାନିଗଲା—ଏଇଟା ମୋର ଗତି— ଏଇଆ ମୋ କପାଳରେ ଲେଖାଅଛି ବୋଧେ—ଏଇଟିକିବେଳେ ଆଉ କାହିଁକି ? ଏତିକିବେଳେ ବଡ଼ ଦେଉଳରେ ମଙ୍ଗଳ ଆଳତି ଘଣ୍ଟା ବାଜି ଉଠିଲା । ଫଗା ଭିତରୁ ଗୋଟାଏ ଦଉଡ଼ି ଟାଏ ଝୁଲୁଥିଲା । ମନୁଆ ସେ ଦଉଡ଼ିକୁ ଟାଣି ପରଖି ନେଲା । ହିଡ଼ରେ ଖୁବ୍ ଅନ୍ଧାର ଆସ୍ତେ ଧାଡ଼େ ଧାଡ଼େ ଓହ୍ଲାଇଲା । ଏ ଦଉଡ଼ିଟା ଗଳାରେ ନଗେଇ ଦେଇ ନିସୁଣିଟାକୁ ଗୋଡ଼ରେ ପେଲିଦେଲେ ତ କାମ ସରିଯିବ । ମନୁଆ ସେ ଦଉଡ଼ିଟା ଟାଣି ଆଣି ଗୋଟାଏ ଫାସ କଲା—ବେକରେ ଫାସଟା ଗଳେଇବାକୁ ଯାଉଛି; କିଏ ଜଣେ ଉନ୍ମତ୍ତ ହୋଇ ପାଟି କରି ଡାକି ଦେଲା ରଘୁ ଭାଇ—ହେ ରଘୁ ଭାଇ, ରଘୁ ଭାଇ ମ—ଅରେ ଆଉ କିଏ

ଅଣ୍ଟି ବାଢ଼ିଲୁଅର ଖୋଲମ । ହାତରେ ସେମିତ ସେ ଫାଶିଙ୍କୁ ଧରି ମଣୁଆ କାନ ପାରି ଶୁଣିଲା— ଫେର ଥରେ କାନ ପାରିଲା—ବାପ ତ; ସତେ ମୋର ବାପା ପାଟି ତ; ସେଇ ତ ଡାକୁଛି—ସେଇ ତ, ସେଇ ତ; ଆଉ କେହି ନୁହେଁ— ମୋର ହଜି ଯାଇଥିବା ସର୍ବସହଣୀ ବାପାଟା ତ ମୋର ଫିଏ ସବୁ ସହିବ । ସବୁ ଅଳି ଝଲି ରଖିବ—ସବୁ ମାଫି ଦେଇ କୋଳକୁ ଟେକି ନବ— ସେଇ ତ ସେ । ତା ହାତକୁ ଦଉଡ଼ି ଫାସି ଖସିପଡ଼ିଲା ; ସେ ଟଳକୁ ଡେଇଁ ପଡ଼ି କବାଟକୁ ଜାବୁଡ଼ି ଧରି ମନରେ, ଘୃଣା ଭିତରେ ଖାସ୍ ମଲ ଭୁଇଁରେ ମେଘ ବରଷି ଗଲା ସତେ । ଧକା ଦେଉଛି; କବାଟ କାଳ ହେଉଛି । ତାର ମନେ ମଡ଼ଗଲା ରଘୁ କଥା—ସତ ଘଟଣା; ସେ ପୁଣି ସେଇ ନଡ଼ା ଗୋଛା କାନ୍ଧରେ ନେଇଥିଲ ହେଇ ଶୋଇ ପଡ଼ିଲା ।

ଲୁଅ ବା ଲଲା ଆଜ ମଠ ବାହ୍ରପଟ ଦରଜା ଝଣଝାଣ କରି ଖୋଲିଗଲା । ରଘୁଆ ବଡ଼ ପାଟିରେ କହିଲା— କି ହେ ହରିଆ, କରେ ଏତେ ଧନ କଣ ଡେରି କଲୁମ । ବଡ଼ ଟାଁ ବାଟ କଣ ଅଛି ଦ ସେତିକି ହେଉଗଲା କରେ । ତୁ ଯାଉଟୁ ଯେ ଅଜାଙ୍କ ଭିନ ଧନ ଆସି ଯାଇଲାଣି । ମଠରେ ଖୁଦ କଣିକାଏ ନାହିଁ ପଣ୍ଡା । ହରିଅ କହିଲା—କଣ କରିବା କହ ରଘୁଆ ଭାଇ, ଯୋଉ ଝଖାଡୁଅ ବାଟ, ନଈନାଳ ପାରହେଇ ଆସୁଛି ଗୁରୁଚଣ୍ଡ ଗଡ଼ଡ଼ । ପେର କାଲି ପାହାନ୍ତିଅ ବର୍ଷା ହେଉଛି ଯେ ଚକ ତ ଗାଲ୍ ଚଲେ ଚଳୁଛି । ବୋହେଇ ଶଗଡ଼ ଅଟ୍ଟେଇ ଅଣ୍ଟେଇ ଦିହ ହାତ ବଥାରେ ଆଉ ଉଠେଇ ହଉନି । ରଘୁ- ଆଜ ସବୁ କାହାନ୍ତି ? ହରି—ପଛେ ପଛେ ଅଟ୍ଟେଇଚନ୍ତି ; ଆଜ ଘଡ଼ିକେ ଆସି ପହଞ୍ଚିବେ । ରଘୁ- ମୁଁ ଯଏଁ

ମାହାପ୍ରଭୁଙ୍କ ଖବର ହଉଁ । ହରିଆ ଶଗଡ଼ ପୂରେଇ ଅଣି ଦରଜାରେ ଶିକୁଳି ଦବୁ । କେହୁ ଯିବେ ନାହିଁ କି ଅସିବେ ନାହିଁ । ଦେଖ୍ ହୁସିଆର । ହ—କାହାଙ୍କ ମ ? କଣ ହେଉଛନ୍ତି । ର—ମୁଁ ଖବର ଦେଇ ଅସେଁ ଉଡେ କହୁଚି କହୁ ରଘୁଆ ମଠଝଙ୍କା ଭିତରକୁ ଗୁଞ୍ଜିଗଲା । ଶଗଡ଼ ଭିତରକୁ ପୂରେଇ ଅଣି ବାଡ଼ି ଦରଜା କିଳିଦେଲା ହରିଆ । ଟେଡ଼ି ଧରି ଧରି ଅଡ଼େଇ ଆସିଲା ମଠ ଝଙ୍କା ଦରଜା ପାଖକୁ । ପାଖ ହେଲାରୁ ମନୁଆ ଥିରିକିନା ଡାକିଲା ବାପା—ବାପା—ଗୋପା ମ । ହରିଆ ଚମକି ପଡ଼ିଲା ବିଜୁଳି ଟେକା ବାଜିଲା ପରି । ନିଜକୁ ସମାଳି ନେଲା, ଚୁରିଅଡ଼କୁ ଆଖି ବୁଲେଇ ଫେର କାନ ପାରିଲା । ମନୁଆ ଡାକିଲା—ବାପା ମୁଁ ଏଇଠି ଏଇ ତୋ ଡେଉଁରି ହାତ ପାଖ ଗୁହାଳ ଘରେ । ହରିଆ ଆବା କାବା ହୋଇଗଲା—ତାର ମୁଣ୍ଡ ବୁଲେଇ ଦେଲା ପରି ଲାଗିଲା । ମନୁଆ ପୁଣି ଡାକିଲା—ମୁଁ ତୋ ମନୁଆ ପରା ବାପା, ଯୋ ତଲା ବାର ପାରୁନୁ ? ହାତର ଟାଙ୍ଗିଆ ଅଣ୍ଟାରେ ଖୋସି, ଗାମୁଛାକୁ ତଳେ ପକେଇ ଦେଇ ଫେର ତୋଳି ଆଣି ଅଣ୍ଟାରେ ଭିଡ଼ି, ନିଶା ଖାଇବା ଲୋକ ଟଳ ଟଳ ହେଲାପରି ହରିଆ ଗୁହାଳ ଘର ଶିକୁଳି ଖୋଲି ଭିତରକୁ ପଶିଗଲା—ମନୁଆ ନଡ଼ା ଗୋଛା ଫେଲି ଦେଇ ଅସି ହରିଆକୁ କୁଣ୍ଢେଇ ପକେଇ ତା ଛାତିରେ ମୁହଁ ରଖି କାଇଁ କାଇଁ ହେଇ କାନ୍ଦି ପକାଇଲା । ମୋ ରଙ୍କୁଣୀ ଧନ, ମୋ ହଜିଲା ନିଧି କହି ହରିଆ ମନୁଆ ମୁଣ୍ଡ ଆଉଁଶେଇ ଦଉଥାଏ । ତା ଅଖିରୁ ବି ଝର ଝର ପଡ଼ିଥାଏ; ବୋଲି ହଉ ନ ଥାଏ ଜମାରୁ, କେତେବେଳ ଗଲା, ମନୁଆ ଆଗେ କଥା କହିଲା—ବାପା, ତୋତେ ଗୁଣ୍ଡା ପକେଇ ଅସିଥିଲା ଯେନେ ଯୋଉଥି ନାଚ—ଅଜି ଫେର ସେଇ ହୁନସ୍ତା ହୋଇ ତୋ କୋଳକୁ ଫେରିଆସିଛି ।

—ଶେଷ ଭାଗ—

ବାପା, ତୁ ଅଉ ମତେ ଛାଡ଼ି ଯା ନା କୁଆଡ଼େ ; ମୁଁ କେତେ ହୀନମାନ, ହନ୍ତସନ୍ତ ହେଲିଣି । ଚାଲ ପଳେଇଯିବା, ଆମର ସେଇ ବଣବୁଦା ଜଙ୍ଗଲକୁ—ଆମର ସେଇ ଗାଁକୁ ; ମୁଁ ଆଉ କୋଉଠି ହେଲେ ରହିବ ନି । ହରିଆ କାନ୍ଦୁଥାଏ, ଲୋଥ ଦଉଥାଏ—ହଉଛେ ଯିବା ଯିବା ନିଶ୍ଚେ ; ତତେ ଆଉ ଛାଡ଼ି ମୋ ବାପା କୁଆଡ଼େ ହେଲେ ଯିବନି । ସବୁବେଳେ ତତେ କୋଳେଇ କାଖେଇ ରଖିଥିବ । ମଙ୍ଗୁଆ—ବାପା, ଏଇ ରଘୁଆ ଆଉ ମହାରାଜ କାର ମତେ ପରି ମାଡ଼ ପକେଇଥାନ୍ତେ । ତୁ ଆଉ କଣ ମୋତେ ଦେଖି ଥାଆନ୍ତୁ । ଚାଲ୍ ଏବେ ପଳାଇବା ଏଇନାଏ, ଏଇ ଦଣ୍ଡରେ—ଦେଖୁନୁ ସକାଳ ହେଇ ଆଇଲାଣି । ହରିଆ ଅଉ କହି ପାରିଲା ନି କାନ୍ଦୁ । ଖାଲି ମୁଣ୍ଡ ଠୁଙ୍ଗାରି ହଁ ଭରିଲା । ଗହ୍ମା-ପୁନେଇ ଫଁଇରୁ ଜହ୍ନ ଅଳପ ମଳିନ ପଡ଼ି ଆସୁଥାଏ, ଉଦେ ଦିଗରେ ସିନ୍ଦୂରା ଫାଟି ନ ଥାଏ—ରାତି ସରି ନ ଥାଏ, କି ଦିନ ହେଇ ନ ଥାଏ; ସେଇ ଦିନରାତି ସନ୍ଧ୍ୟାବେଳରେ ବାପ ପୁଅ ଧରାଧରି ହେଇ ବାଡ଼ିପଟ କବାଟ ଗଳାବାଟେ ମେଲେଇ ମଠରୁ ପଦାକୁ ବନ୍ଦୀଘରୁ ମୁକୁଳି ପଦାକୁ ବାହାରି ଆଇଲେ । ଗଳି ମୁଣ୍ଡରେ ଖଣ୍ଡେ ରିକ୍‌ସା ଥିଲା; ରିକ୍‌ସାବାଲାକୁ ନିଦରୁ ଉଠେଇ ବାପ ପୁଅ ସେଥିରେ ବସିଲେ । ମଙ୍ଗୁଆ କହିଲା—ଗାଡ଼ି ବେଳ ପାଇବନି ଯଲ୍‌ଦି ଚଲେଇ ନେ । ମଠବାଡ଼ି ଅଗଣାରୁ ହରିଆ, ହରିଆ ଡାକ ଶୁଭିଲା ଦୁଆ ପାଟିରେ । ମଙ୍ଗୁଆ ପଚାରିଲା—ବାପା, କାଲେ ମତେ ଧରି—ନେବେ । ହରିଆ କହିଲା—ଏ ପିଣ୍ଡରେ ପ୍ରାଣ ଥିବାଯାଏ ତ ପାରିବେ ନି । ମଙ୍ଗୁଆ ମୁହଁଟି ତା' ବାପ କାନ୍ଧ ଉପରେ ଢଳି ପଡ଼ିଲା । ରିକ୍‌ସାବାଲା ବଡ଼ଦାଣ୍ଡରେ ପବନ ବେଗରେ ଉଡ଼େଇ ନେଲା ତା ହାଲୁକା ଗାଡ଼ିକି । ଷ୍ଟେସନରେ ପହଞ୍ଚିବା ବେଳକୁ

ଖାଲଟେର ଖାଡ଼ ଘୁଞ୍ଚିବା ଉପରେ । ଲୋକଗହଳି ଭିତରୁ କୌଣସି ପ୍ରକାରେ ବାହାର ଯାଇ ମଧୁଆ ଅଜା ବାପା, ଗୋଟାଏ ଡବା ଭିତରେ ପଶିଗଲେ । ସେ ଡବାରେ ଭାରି ଭିଡ଼ । ହରିଆ କହିଲା – ହିଁଅ, ଆଗ ଡବାକୁ ଯିବା କି ? ଏଠି ବସିବାର ତ ଥାନ ନାହିଁ ? ମଧୁଆ କହିଲା—ନାହିଁ, ଏଇ ଡ଼ବାରେ ଥିବା । ଚହଳି ହେଇଗଲା ଏଠି ଭଲନା । ହରିଆ ପଚାରିଲା—ଏ ଗାଡ଼ି କେଉଁଠିକି ଯିବ ଜାଣିଚୁ ନା ହିଁଅ । ମଧୁଆ ଯେଉଁଠିକି ଯାଉ ସେଥିରେ କଣ ଅଛି ମ ବାପା । ଏଇଠୁ ଫଳେଇଲେ ରକ୍ଷା ।

ସରଳାକୁ ରାତିଯାକ ନିଦ ନାହିଁ । ରାତି ନ ପାହୁଣୁ ସେ ମାଆଙ୍କ ନିଦ ଭାଙ୍ଗେବାରେ ଲାଗିଗ । ଗୁଲମ ଯିବା ପରା ମଠକୁ ବୁଝିବା ଅପାକୁ ଖୋଜି ପାଇଲେଣି କି । ଉଠ ମ ଯିବା ପରା । ତମ ମହାରାଜ କହୁଥିଲେ ଥାନାକୁ ଯାଇ ମୁନସିଙ୍କି ଇତଲା ଦବା । ତେମେ ଏଡ଼େ ମଠ ମଠ ହଉଚ । ମାଆ ତାଙ୍କ ସକାଳୁଆ କାମ ସାରିବା ବେଳକୁ ରଘୁ ଆସି ପହଞ୍ଚିଲା ରଘୁ ଉପର ପିଣ୍ଡାରେ ଗୋଡ଼ ଦଉ ନ ଦଉ ସରଳା ଧାଇଁଯାଇଁ ପଚାରିଲା—ଖୋଜି ପାଇଲ ? ରଘୁ ପଚାରିଲା—ସେ ଏଠିକି ଆସିନି ? ସରଳା—ମଲା ବୋଲି କହି ବୁଲିପଡ଼ି ଘର ଭିତରକୁ ଯାଇ ମାଆକୁ ଡାକିଦେଲା । ମାଆ ଆଉ ରଘୁକୁନ କେତେ—ବେଳ ଯାଏ କ'ଣ ଫୁସ୍ ଫୁସ୍ ହେଲେ, ମାଆ ସେଇଠୁ ବଡ଼ ପାଟିକରି କହିଲା—ମଲା, ଏଡ଼େ ଡେଣ୍ଡା ପାଞ୍ଚ ହାତିଆ ମରଦଟାମାନେ ତମକୁ ବଳେଇ ଗଲା । ରଘୁ—କାହିଁକି ଆଉ କହୁଚ, ପଦ୍ମାନାନ ନାଇ ଜାଣ ପରା ତଳେ ପଡ଼ିଗଲା ପରି ଲାଗୁଚି । ସବୁ ଧର୍ମଶାଳା, ସବୁ ଯାତ୍ରୀଘର, ବସାଘର, ଷ୍ଟେସନ, ସମୁଦ୍ରକୂଳ, ଆଉ ଯେତେ ଯୋଉଠି ମଠବାଡ଼ି ଅଛି ସବୁଠି ପରା ଲୋକ ଦେଖେଇ ଦେଲି ।

— ୫ଏ ଚଉଦ —

କାହିଁ କିଛି ତ ପତ୍ତା ମିଳିଲା ନା । ମହାପ୍ରଭୁଙ୍କ ପୁରୁଷରେ ଉତେଣ ଦବାକୁ ସିନା ନାହିଁ କରୁଚନ୍ତି—ମୋ ମନକୁ ପାଉ ନା । ମୀଙ୍କା—ପୁଲିସଟି । ଛୁ ଛୁ, କହନି ତାଙ୍କ କଥା—ଖାଲି ଅନ୍ଧାଧୁନ୍ଦ ଯାକୁ ଧର, ତାକୁ ମାର, ଅରକୁ ଗାରଦରେ ପୂରା ଏଇଆ ସିନା କରିବେ । ଖଡ଼ା ସିଝିବ ନାଇଁ ପରା ତାଙ୍କ ହାତରେ । ତେମେ ଖୋଜି ଚାଲସି, ଚୋରକୁ ଠାବ କରି ତାଙ୍କୁ ଅସି ଖବର ଦବ ଯେବେ; ତେବେ ଯାଇଁ ବା ଥାନାରୁ ଚଢ଼ା ଛୁଟିବେ । ସବୁ ଚୋର ଡକାଇତଙ୍କ ସାଙ୍ଗରେ ପରା ତାଙ୍କ ସଲାସୂତର । ହାଣି କୁହାଟି ଜାଣୁ ଜାଣୁ କିଏ ବେଲକୁ ଅଣିବ ଲୋ ମା । ସରଳା ମନକୁ ସେ କଥା ଗଲାନି—ଯେତେ ଯାହା କୁହ ନାନୀ, ପୁଲିସ୍‌କୁ ନିଶ୍ଚେ ଖବର ଦବା, ଦବା, ଦବା । ମୋ ଅପା ତ ହଜିଲା, ତାକୁ କିଏ ଚେକି ନେଇ ପଳେଇ କୋଉଠି ଲୁଚେଇ ରଖିଚି ନିଶ୍ଚେ । ତେମେ ଚାଲ, ଝଟ୍ଟ ଅସିଚ, ଥାନା ତ ଏଇଠି ପାଖରେ; ସେଠି ଇତଲା ଦେଇଦବା । ଅମର ଫୁଲିଣି ଦେଖା ସେଇଥି ଆଜ—ଗଙ୍ଗା ଦରଶନକୁ ଅସି ଖୁବ୍ ଫଳ ମିଳୁଛି । ଅଜି ଚାଲ ଫେରି ଯିବା କଟକକୁ, ମୋତବାବୁଙ୍କୁ ଖବର ଦବା । ସେ ହେଲେ ଅସି କାଲି ଖୋଜାଖୋଜି କରି ବାହାର କରି ପାରିବେ । ମାଉସୀ ସରଳା କଥାକୁ ରାଜି ପଡ଼ିଲେନି ; ସରଳା ବଳକୁ ସାଙ୍ଗ କଲା, ରଘୁ ଭାମ ବାହାନା କରି ବାହାରି ଗଲା । ସରଳା କାହାରି ମନା ନ ମାନି ଥାନାକୁ ଗଲା । ଥାନାର ସାନ ମୁନ୍‌ସି ସେଇନେ ଅସି ପହଞ୍ଚିଲେ । ସରଳାଠଉଁ ସବୁ କଥା ଶୁଣିଲେ—କହିଲେ ଇତଲା ଦବା, ପଛେ—ଅଟେ ଚାଲିବଟି ତମ ସାଙ୍ଗରେ ତମକୁ ଯୋଉ ମାଉ ନେଇ ଅସିଚ ତାକୁ ଦେଖି ଅସିବା । ମୁନ୍‌ସି ସରଳା ସାଙ୍ଗରେ ଧର୍ମଶାଳାକୁ ଅଇଲେ । ମାଉ ମୁନ୍‌ସିଙ୍କି ଦେଖି କଳାକାଠ ପଡ଼ିଗଲା ।

—ଛଏ ପନର—

ମୁନ୍‌ସି ମାତାଙ୍କୁ ଦେଖିଲା ମାତ୍ରେ ଭାବିଲେ ଅରେ ଏଇଟା ତ ଗୋଟା ସୁନ୍ଦରୀ ମୂର୍ତ୍ତି । ହସିଲେ ପଦ୍ମା; ତୁ କଟକ ଯାଇଁ ଆଶ୍ରମ ଚାଲୁଣି କୋଉଦିନ ? ଏଠି ଅଣ୍ଡିଲ୍ଲ ନାଇଁ ପରା । ହଉ, ଚାଲ୍ ଚାଲ ଏବେ ଥାନାକୁ ଚାଲ, ବଡ଼ ମୁନ୍‌ସିଙ୍କ ଡେରି ଅଇଚ । ମାତା କହିଲ —ମୁନ୍‌ସିବାବୁ ଆଜ୍ଞା ; ମ ଅନ୍ତି ଯେ ଆଜ ଚାଲିଛା ଝିଅ ପରା ଏମା ଖାନାରେ ବଡ଼ା, ତାଙ୍କୁ କୁଆଡ଼େ ଥୋଇବ । ମୁନ୍‌ସି ତାର ବ୍ୟବସ୍ଥା ଆମେ ଦେଖିବୁ । ତେବେ ଏବେ ଚାଲ କହି ମୁନ୍‌ସି କିଛି କଥା ନ ମାନି ତାଙ୍କୁ ଆଗେ ଆଗେ ଅ-ଡ଼ିଲ ନେଇ ଥାନାକୁ ଗଲେ । ସରଳା ମଧ ତାଙ୍କ ସାଙ୍ଗରେ ଗଲା । ବଡ଼ମୁନ୍‌ସି ପଦ୍ମମାତାକୁ ଚାହିଁଲେ—ସବୁ ଯାର ଫିଟୁରାଣ । ତେବେ ଯାକୁ କହ୍ ଠକର ନାଇଁ । ଯାରଠୁଁ ତ ସବୁ ଭେଦ ମିଳିବ । ତୁ ବସ୍ ସେ କୋଣରେ । ସରଳା କହିଲା ମାତା ଏଠି ରହିଲେ, ଆମେ କଟକ ତ ଯାଇ ପାରିବୁନି, ମୁନ୍‌ସିବାବୁ ! ମୁଁ ତାର ବ୍ୟବସ୍ଥା କରଦଉଚ କହି ମୁନ୍‌ସି ଡାକିଲେ—ପହରୀ । ପହରୀ ହାଜର ହେଇ ବନ୍ଧୁକ ଧରି ସାଲ୍ୟୁଟ୍ କଲା । ମୁନ୍‌ସି କହିଲେ – ତୁ ପରା ଅଜ ଦିନ ଗାଡ଼ିରେ କଟକ ଯିବୁ ? ଧର୍ମଶାଳାରେ କଟକ ଅନାଥାଶ୍ରମର ଚାରୋଟି ଝିଅ ଅଛନ୍ତି । ତାଙ୍କୁ ସାଙ୍ଗରେ ନେଇ ଠିକଣା ଜାଗାରେ ଛାଡ଼ି ଅସିବୁ; ସେଠି ଯିଏ ଥିବ ତା ଜିମାରେ । ରେଲ ଟିକଟ ହେବା ପାଇଁ ପଇସା ଅଛି ନା ତମ ପାଖରେ ? ସରଳା ହିଁ ଭରି ମାତାଙ୍କ ଅଡ଼କୁ ଚାହିଁଲା । ମାତା ଅଣ୍ଟାରୁ ଡବାଟିଏ କାଢ଼ି ସରଳା ହାତକୁ ଦଶ ଟଙ୍କା ଦେଲା । ମୁନ୍‌ସି ମାଗିଲେ—ଦେଖେଁ ସେ ଡବା । ମାତା ବଢ଼େଇ ଦେଲାରୁ ବାକି ଟଙ୍କା ପଇସା ସବୁ ଗଣିଲେ । ଏ ଚାଳିଶ ଟଙ୍କା ଦଶଣା ଆମ ପାଖରେ ରହିଲ କହି ସାନମୁନ୍‌ସିଙ୍କ ହାତକୁ ବଢ଼େଇ ଦେଲେ । ମାତା ବହୁତ ଡର ଡର ପଚାରିଲା ଅଜ ମୁଁ କେତେବେଳେ

ଛୁଟି ପାଇବ ଅଜ୍ଞା । ମୁନ୍‌ସି କହିଲେ—ଏତେ ତରତର ହେଲେ ଆଉ ଚଳିବ ମାତା ? ଅଯୁଂ ଅବସ୍ଥା ପରା । ସତ ସତ କହିଗଲେ ସାଙ୍ଗେ ସାଙ୍ଗେ ଛୁଟି ନଇଲେ ତ ହାଜତ ବାସ । ଅଚ୍ଛା ପଦ୍ମାମାତା, ତୁ ମଗ ଏଇଠା କୋଉ ମଠରେ ଥିଲୁ ? ମାତା—ଅଜ୍ଞା, ଏଇ ସଜଗ୍ଗ ମଠରେ । ମୁନ୍‌ସି—ହୁଁ ; ଏ ସୁନା ବାଜୁଟିଟି ମହାରାଜଙ୍କଠଉଁ ଇନାମ ମିଳିଥିବ, ନାଇଁ ? ମାତା ନାଇଁ ଅଜ୍ଞା, ସେତୁ ମୋ ନିଜର । ମୁନ୍‌ସି—ସେଥିରୁ ଆମକୁ କଣ ମିଳିବ । ଆଗ୍ଭ କହିଲୁ ଭଲ, ସେ ଝିଅ କଣଟି ତା ନାଁ, ହଁ ମରୁଆ ପରା, ଅଚ୍ଛା ସେ କଣ ବଣା ହୋଇ କୁଆଡ଼େ ହଜିଲା ନା ତାକୁ କିଏ ଗୈରେଇ ନେଲା—ତୁ ସତ କହିବୁ । ମାତା—ମହାପ୍ରଭୁ ଜାଣନ୍ତି ଅଜ୍ଞା । ମୁନ୍‌ସି—ତେବେ ଚଳନ୍ତି ମହାପ୍ରଭୁମାନଙ୍କ ପାଖରେ ତେମେ ସବୁ ଚର ସହଚରୀ ହୋଇଥା—କିଛି କିଛି ମା ଫେର ଜଣାଥିବ ତ ତମମାନଙ୍କୁ । ସରଳା କାନ୍ଥକୁ ଆଉଜି ନୂରକି ନୂରକି ହସୁଥିଲା—ମୁନ୍‌ସି ତାକୁ କହିଲେ—ତେମେ ଯା ଚୁଲି ବସାକୁ । ଏଇନେ ଯାହା ସାଙ୍ଗରେ କଥା ହେଲି ସେ ନେଇ ତମମାନଙ୍କୁ କଟକ ପହଞ୍ଚାଇ ଅସିବ । ତେମେ ଯା ଖା ପିଅ କର ସଜିଲ ହୁଅ । ଏଇ ଅଦ୍ଧଘଣ୍ଟାରୁ ଡେରିର ଗଲେ ମାତା ଫେର ତମ ପାଖକୁ ଯିବେ ଯେ—ଯାଅ । ସରଳା ଧର୍ମଶାଳାକୁ ଫେରିଲା । ସମସ୍ତେ ଖା ପିଅ କରି ଚୁହିଁ ବସିଲେ । ସରଳା କହିଲା—ତୁ ମିଛ ବୁଝୁଚୁକି ହୀରାନାଗୀ ; ସେ ମାଙ୍କୁଣି ମାତାର ସବୁ ଫୁତୁରାତ । ତାକୁ ସହଜ କନ୍ଥ ମନେ ନାହିଁ ତୁ । ସଲସୁତର ହୋଇ ଅପାକୁ କାହା ହାତରେ ଦେଇଦେଲାତ । ବେଶ୍ ହେଇଚି, ହାଜତରେ ପାନେ ପାଇବ ଯେ । ଅହା ବିଚ୍ଛୁର ମରୁଆନାଗୀଟି ମୋର କୋଉଠି ଥିବ, କଣ କରୁଥିବ । କିଛି ତ ଭୁଣ୍ଡିକୁ ନଖି ନଥିବ ଅଉ କଣ ସେ ଅଶ୍ରମ ଘରକୋଣରେ ପଶିହବ କି ।

ଟେବେଳେ ଗହଳ ଚହଳ ଗୃହବାସିଆ କରି ରଖିଥିଲି ଅଖା ସେ ଗଞ୍ଜାଟାଯାଇ ।

ଅଶ୍ରମଠି ପହଞ୍ଚି ସରଳା ଦିଠା ଟଙ୍କା ଦେଲି ଯେ ପୁଲିସକୁ—ଶ୍ରୁଦ୍ଧନଟଗୀକରେ ମୋତିବାବୁଙ୍କ ବେଡ଼ ଦୋମହଲା କୋଠା, ମସ୍ତବଡ଼ ହତା । ସେଇଠି ଭଲାସି ତାଙ୍କୁ ଭେଟି ସବୁ କଥା କହିବ ନିଶ୍ଚେ । କହିଚ ପୂର୍ଣ୍ଣିମୀ ଦିନ ରାତିରେ ଭିଡ଼ ଭିତରେ ମରୁଅ ଅପା କୁଆଡ଼େ ହଜିଲା । ସନ୍ଦେହରେ ପୁଲିସ ମାତାଙ୍କୁ ଅଟକ କରି ରଖି ଭମ ସାଙ୍ଗରେ ଆମ ଗୃହଜଣଙ୍କୁ ଏଠିକି ପଠେଇ ଦେଲେ । ନିଶ୍ଚେ ସିଧା ସଲଖ ଯାଇଁ ଅଟେ ଖବର ଦେଲେ ଯାଇଁ ତେମେ ଯୁଆଡ଼େ ହେଲେ ଯିବ । ଖବର ପାଇବା ମାତ୍ରେ ମୋତିବାବୁ ଅଶ୍ରମକୁ ଆସିଲେ । ସରଳାକୁ ଡାକି ତାଠୁ ସବୁକଥା ଠିଆ ଠିଆ ଶୁଣିଲେ । ତାଙ୍କ ଚେହେରାରୁ ହିଁ ଏକାବେଳେ ଶେତା ପଡ଼ିଗଲା । ସେ ତରବର ହେଇ ଗାଡ଼ିରେ ବସିଲେ—ମୁଁ ଏଇନେ ପୁରୀ ଯାଉଚି । ସରଳା ଗାଡ଼ି ପାଖକୁ ଧାଇଁ ଆସି କହିଲା—ମୁଁ ଅପା ପ.ଠି ସେ ଗହଳ ଭିତରେ ଭଲ କରି ବାହିଚି ମୋତିବାବୁ—ମତେ ରଖ, ରଖ ସର, ମତେ କିଏ ଟେକି ନେଇ ଯାଉଚି । ଏଇନା ବି ତା କଥା ମୋ କାନରେ ଶୁଭୁଯାଉଚି, କହି ସରଳା କାନ୍ଦି ପକେଇଲା । ମୋତିବାବୁ ଚଶମା ପୋଛିବା ଅଗରୁ ରୁମାଲରେ ଅଖି ଶୁଖେଇ ନେଲେ । ପୁରୀରେ ପହଞ୍ଚି ମୋତିବାବୁ ସିଧାସଲଖ ଥାନାକୁ ଗଲେ, ସେତେବେଳକୁ ରାତି ଅଠଟା ପ୍ରାୟ । ଥାନା ଇନସ୍‌ପେକ୍ଟର ବିଧୁବାବୁ ତାଙ୍କର ଖୁବ୍ ଜଣାଶୁଣା । ପୁଲିସ ସବ୍‌ଇନ୍‌ସପେକ୍ଟର ସେ ନିଜେ; ଅଉ ଛଅଜଣ କନ୍‌ଷ୍ଟେବଲ ସବୁଆଡ଼େ ତାଙ୍କ ପାଇଁ ପର୍ଯ୍ୟନ୍ତେ ଖୋଜି ଥକିଲେଣି ବୋଲି ଜାଣିଲେ । ମାତା ମୋତିବାବୁଙ୍କୁ ଦେଖି ଭେଁ ଭେଁ ହେଇ ଡାକ ପକାଇଲା । ମୋତିବାବୁ

ମାତାଙ୍କୁ ପୁଲିସ ହାତରୁ ମୁକୁଳେଇ ଅଣି ଗାଡ଼ିରେ ବସେଇ ଯେତେ ପଟାପଟି କଲେ, ଯେତେ ଧମକା ଚମକା କଲେ ତାଙ୍କୁ କିଛି ପାଇଲେ ନି—ମାତାର ସେଇ ଗୋଟିଏ କଥା—ଯିଏ ଦାନ ଗ୍ରହଣ କରୁଛି ସେଇ ସିନା ଜାଣିଥିବ ଅଜ୍ଞା; ମୁଁ ଯଦି ଜାଣିକି ଜାଣି ଗଣ୍ଠେଇ ତା ହାତରୁ ମୋ ହାତରେ ଯାବ ପକେଇଥିଲି ସେ ଗହଳି ଭିତରେ । ନାଆଁ ନଗା ଗୋଡ଼ଟା ନାଆଁ ନାଗିଗଲା, ଝୁଣ୍ଟି ପଡ଼ି ବସି ପଡ଼ିଲି ଯେ ସେତିକି ବେଳେ ତ ମୋ ଝିଅ ହାତ ମୋ ହାତରୁ ଖସିଗଲା । ଯୋଡ଼ ଭିଡ଼ ସେଥିରେ ଠେଲି ପେଲି ହୋଇ କୁଆଡ଼େ ବଣା ହୋଇଗଲା । ମୋହନ—ସେ ପାଠି କର ଜଟିଳ ସରଳା ଶୁଣିଲା, ତମକୁ ଶୁଭିଲା ନି ? ମାତା—ଅଣ୍ଡ ଚୁଞ୍ଚି ଅଜ୍ଞା, ସେ ଯୋଡ଼ ପାଟିତୁଣ୍ଡ ଗୋଳମାଳ ସେଥିରେ କିଏ ଶୁଭନ୍ତା କିଛି କାହାକୁ । ସବୁ ସେମିତି ଗୃହରକର କହୁଛି ନା । ନାଇଁ ମ ଅଜ୍ଞା, ମରୁଅ ମୋର ନିଶ୍ଚେ କୋଉଠି ବାଉଳୀ ହୋଇ ରହି ଯାଇଥିବ, ତାଙ୍କୁ କିଏ ଅଣେଟ କରି ରଖିଥିବ କି କିଏ; ଦିନେ ନା ଦିନେ ନିଶ୍ଚେ ସବୁ ଜଣା ପଡ଼ିଯିବ ଯେ । ଆପଣ ଜମା ଡରନ୍ତୁ ହୁଅନ୍ତୁ ନି । ଆମ ମଠର ରଘୁଆ ଟହଲକା କଣି କାଲି ରାତିଯାକ କହ୍ ଖୋଜିଚନ୍ତି । ମୋହନଙ୍କ କଥାରେ ବାଧୁବାବୁ ରଘୁଆକୁ ମଠରୁ ଡକେଇଲେ । ଟରରା ଜଗରାରେ ବେଳେ ବେଳେ ରଘୁଆ ପାଟି ଖୋଲି ବାଜି ଗଲା ବେଳି ତାଙ୍କୁ ମାଡ଼ ମଧ ପରସ୍ତେ ହେଲା । ତା ପେଟରୁ କିଛି କଥା ବାହାରିଲା ନାଇଁ । ସେ ଏକା ରହଟ ଧରିଥାଏ—ଇଏ ସବୁ ବସି ଟଳମୁଣ୍ଡରେ ଢଳା ପକେଇ ଥିଲେ; ମୁଁ ତାଙ୍କୁ ମଠ ଭିତରକୁ ଡାକି ଅଣି ପ୍ରସାଦ ଖୁଆଇଲି । ମହାରାଜଙ୍କ ଅଜ୍ଞା ହବାରୁ ରାତିଯାକ ଅମେ ତିନି ଗୁରୁ ଜଣ ଲୋକ

ସବୁଠି ସନ୍ଧାନ କରି ଥକିଲି । ମୁଁ ଜାଣିଥିଲେ କହନ୍ତିନ ମୁନ୍‌ସି — ବାବୁ, ମଠର ଗୋଲାମ କଣ ଆପଣଙ୍କ ଗୋଲାମ ନୁହେଁ । ମଠର ମାଲିକ ମହାପ୍ରଭୁ ତ ଆପଣଙ୍କ ଠେଇଁ ମୁଣ୍ଡ ନୋଇଁ ଚଳନ୍ତି—ଆମେ ତ କେତେକର ଲୋକ । ମହାରାଜଙ୍କ ନେଉନ ମାନ୍ନ ତାଙ୍କ ମଠ ଖୁବ୍ ନୁଗୁ ଛପାରେ ଖାନାତଲାସ ହେଲା ମାତ୍ର କିନ୍ତୁ ସନ୍ଧାନ କିଛି ମିଳିଲା ନାହିଁ । ବାଡ଼ିପଟ ଗୁହାଳ ସାମନା ଘରୁ ବଧୂବାବୁ ଭଙ୍ଗା କାଚଚୁଡ଼ି ଖଣ୍ଡେ ଗୋଟେଇ ପକେଟରେ ପକେଇଲେ । ପକେଟରୁ ଡାଇରୀ କାଢ଼ି ନୋଟ କଲେ ହରିଆ ବୋଲି ମଠ ଶଗଡ଼ିଆ; ନରସିଂପୁର ତା ଘର ସେ ବଡ଼ ଭୋରୁ ଗୁହାଳ ଶଗଡ଼ ଆଣି ବୋଝ ନ ଉଠାଇ କାହାକୁ କିଛି ନ କହି କୁଆଡ଼େ ପଳେଇ ଯାଇଛି । ବଧୂବାବୁଙ୍କ ହୁକୁମରେ ମାତାଙ୍କୁ ଗଡ଼ରେ ହାଜତ-ବାସ ହେଲା । ଥାନାରେ ଅନେକ ରାତିଯାଏ ବସି ମୋତି ଆଉ ବଧୂବାବୁ ଅନେକ ବେଳଯାଏ କେତେ କଣ କଥାଭାଷା ହେଲେ । ରାତି ଅଧ ସରିକି ମୋତିବାବୁଙ୍କୁ ବଡ଼ ମୁନସି କହିଲେ ଖୁବ୍ ହୁସିଆରରେ ସେ ଦାଖଣ୍ଡ ରଖିଚନ୍ତି ; ଆଉ ଚୌକିଦାରକୁ ଚଗୁର ମଠେ ତୁରନ୍ତ ଖବର ପଠାଇବ । ଏଇଥିରୁ ଯେବେ ଖିଅ ମିଳିବ ତ କିଛି ସନ୍ଧାନ କରାଯାଇ ପାରିବ, ନଇଲେ କିଛି ହେଇ ପାରିଲା ପରି ଦିଶୁ ନାଇଁ । ତେମ ଖବର ପାଇଲେ ଯାଇଁ ମାତାଙ୍କୁ ଛାଡ଼ି ଦେବ, ନଇଲେ ସେଦିନ ଯାଏ ତାଙ୍କର ହାଜତବାସ ଛଡ଼ା ଆଉ ଉପାୟ ନାଇଁ । ସେ ବୁଢ଼ୀଆଠା ବି କମ ଜନ୍ତୁ ନୁହେଁ । ଏ ଯୋଉ ମାତା ଖଣ୍ଡିକ ତାକୁ କମ ବଗୁରିବ ନାଇଁ—ଭାରି ଜବେଶି ସେ । ମୋତିବାବୁ କହିଲେ—ଖବର ପଠେଇବା କଣ ମ ବଧୂ । ମୁଁ ହୁଏ ତ ନିଜେ ଆସିବି ସେ ଝିଅକୁ ଧରି । ବଧୂ—ହଁ ହଁ, ତାଠଉଁ ବି କେତେ କଥା ମିଳିବ, ତାକୁ ଆଣିବ ନିଶ୍ଚେ ।

— ଶେଷ ହୋଇଏ —

ମୋତିବାବୁ ମଟରରେ କଟକ ଆସି ପହଞ୍ଚିବା ବେଳକୁ ରାତି ପାହାନ୍ତା । ଷ୍ଟେସନରେ ପହଞ୍ଚି ସମାଜ ହକରଠୁଁ ଖଣ୍ଡେ ସମାଜ କିଣି ମୋତିବାବୁ ଚାହା ଖାଇବା ପାଇଁ ହୋଟେଲ ଭିତରକୁ ପଶିଗଲେ । ଚାହା ବରାଦ କରି ସମାଜ ମେଲେଇ ଦେଲାରୁ ପହିଲି ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଛପା ହୋଇଛି— ନାରୀ ହରଣ ଚାଲି । ପଢ଼ିଲେ ମନୁଆ ହଜିବା ସବୁ କଥା ବନାବନି କରି ଲେଖା ହୋଇଛି । ସେଦିନ ସେ ଝଡ଼ବର୍ଷ ପାହାନ୍ତିରେ ମନୁଆକୁ କାଠଯୋଡ଼ୀ କୂଳରୁ ଡାକ୍ତରଖାନାକୁ ଆଣିବାଠୁଁ ସେ ମାତା ସାଙ୍ଗରେ ପୁରୀ ଯାଇଁ ହରଣଚାଲି ହେବାର ଦିନ ଦିନକର ସବୁ ଘଟଣା ତାଙ୍କର ମନେ ପଡ଼ିଲା । ଅନେକ କଷ୍ଟ ସହି ସେ ପିଲାଟାକୁ ବଞ୍ଚେଇଛି—ତା ପିଛୁ ଅନେକ ଖର୍ଚ୍ଚ କରିଛି ମଧ୍ୟ—ଖର୍ଚ୍ଚ କରିବାଟା ତ କିଛି ନୁହେଁ—ରୂପ ଗୁଣ ଚାଲି ଚଳଣି ତାର ଯାହା ସେଥିରେ ଯେ କେହି ମୋହି ହୋଇଯାଆନ୍ତା । ଗରିବ ଘରର ହେଲେ କଣ ହବ ତା ଢଙ୍ଗଢାଙ୍ଗ ତାର ବୁନିଆଦି ଘରର ପିଲା ପରି—କଥା ଯେମିତି ଧୀର, ସେମିତି ମିଠା, ଚାଲି ଚଳଣି ସେମିତି ନୁଆଁଣିଆ, ସେମିତି ନରମ—ଫାଜିଲାମି କି ଛଟକ ନାହିଁ—ରୂପରେ ଗୋଟାଏ ଲାବଣ୍ୟ, ଗୋଟାଏ ମୋହ ଅଛି ସହଜରେ ମନ ଟାଣିନିଏ । ମୋ ମନ ଯେ ଟାଣି ହୋଇ ନ ଥିଲା ତା ନୁହେଁ—ତେବେ ବ୍ୟବଧାନ ବହୁତ—ତା ମୋ ମଧ୍ୟରେ । ଶେଷ ପର୍ଯ୍ୟନ୍ତ କଣ ଘଟି ଯାଇଥାନ୍ତା କହି ହଉ ନି; ତେବେ ଏଇନା ତ କୁଆଡ଼େ ଉଡ଼ି ଗଲାଣି ସେ ବଣ ଜଙ୍ଗଲକୁ । ତାକୁ କଣ ଆଉ ଖୋଜି ପାଇବ ? ଖୋଜି ପାଇଲେ ବି କଣ ହବ ? ବାପା ମୋର ପୋଡ଼ କାଠର ମଣିଷ ଏଡିଆ ଗୋଟାଏ ଅଘଟଣା କଥା ଶୁଣିଲେ ଅଗ୍ନିଶର୍ମା ହୋଇଯିବେ—କଣ କରି ବସିବେ

ତାର ଠିକଣା ନାହିଁ—କେଜାଣି ହୁଏ ତ ମନେ ଘରୁ ବାହାର
କରିଦେବେ । ମୁଁ ତ ମୋ ବାଟ ଧରିଚି; ମୋତେ ଯାହା ଦିଶୁଚି
ଯାହା ମୋ ମନକୁ ମାନୁଚି ମୁଁ ତ ତା କରି ଚାଲିଚି—ମୁଁ ତ ତାଙ୍କ
ଅପେକ୍ଷା ରଖିନି । ଆଜି ମୁଁ ତ ମରୁଆକୁ ଯେ ମୋର ଜୀବନରେ
ଭାଗ ଦେବି ସ୍ତ୍ରୀ ଭି ମୁଁ କେବେ ଭାବିନି; ତାର ସେ ଶିକ୍ଷା, ଦୀକ୍ଷା,
ତ୍ୟାଗ ନାହିଁ—ତ୍ୟାଗ ଅଛି ପରି; ତାର ସ୍ୱଭାବ ଯାହା ଦୀକ୍ଷା
ହୁଏ ତ ସହଜରେ ମାନି ନବ—ଆଉ ଶିକ୍ଷା—ମାତା ତ କହୁଥିଲା
କୁଅଟେଡ଼ ମାଡ଼ି ଯାଉଚି ସେ—ପୂର୍ବଜନ୍ମର ସଂସ୍କୃତି ଥାଇପାରେ
ହୁଏ ତ । ସେ ବଦମାସ ମାଇକିନା ମାଗୁଣିଠାରୁ ସବୁ ବଦ୍‌ମାସି
ଧରି ପକାଇବାକୁ ହବ ମରୁଆକୁ ଖୋଜି ବାହାର କରିବାକୁ
ହବ, ହବ, ହବ । ମୋତିବାବୁ ଚୁହା ଖାଇସାରି ଗାଡ଼ିରେ ଯାଇ
ବସିଲେ—ଖାନ୍‌ସମା ଗାଡ଼ି ପାଖକୁ ଧାଇଁ ଯାଇଁ କହିଲେ—
ଆଜ୍ଞା, ବାକି ପଇସା ନିଅନ୍ତୁ । ତେମେ ନିଅ ବୋଲି ମୁଣ୍ଡ ହଲେଇ
ଦେଇ ମୋତିବାବୁ ଗାଡ଼ି ନେଇ ସିଧା ଆଶ୍ରମରେ ପହଞ୍ଚିଲେ ।
ସରଳାକୁ ଡାକିବାକ୍ଷଣି ସରଳା ଧାଇଁ ଆଇଲା—ଅପାକୁ ପାଇଲେ
ପଚାରିଲା ସେ । ମୋତିବାବୁ ସରଳାକୁ ଧରି ମରୁଆ ଥିବା ବଖରାକୁ
ଗଲେ; ଭଙ୍ଗା କାଚଖଣ୍ଡିକ ପକେଟରୁ ବାହାର କରି ଦେଖେଇ
ପଚାରିଲେ—ମରୁଆ ହାତ କାଚ ଇଏ? ସରଳା ଟିକିଏ ଭାବିଲା,
ହଁ ତାରି ହାତ କାଚ ତ । ଅଟେ ଯୋଉ ଦିନ ପୂଜା ବାହାରିଲୁ
ସେଇ ଦିନ ପରା ସେ ନିଜେ ଏମିତିଆ କାଚ ନଗେଇଲା—ମତେ
ନଗେଇ ଦେଲା; ଦେଇ ଦେଖିନ ମୋ ହାତରେ । ମୋତିବାବୁ
ସେ କାଚ ଆଉ ଏ କାଚ ମିଳେଇ ଦେଖିଲେ; ମିଳିଗଲା ।
ସରଳାକୁ କହିଲେ—ତେମେ ମୋ ସାଙ୍ଗରେ ଆସ; ଏଇନେ
ପୁରୀ ଯିବା—କେତେବେଳେ ଗୋଟିଏ କେମିତି ସେ ହଜିଲା;

—[illegible]—

ସେ କଥା ମୁନ୍‌ସିଙ୍କୁ ବତେଇବାକୁ ହବ । ସରଳା—ଏଇକେ ଠିକ ? ହଁ ଏଇନେ କହୁ । ମୋତିବାବୁ ଗାଡ଼ୀ ଭିତରକୁ ପଶିଲେ; ସରଳା ପଛେ ପଛେ ଆସି ଗାଡ଼ୀରେ ବସିଲେ । ଗାଡ଼ୀ ଭିତରେ ବସି ସରଳା ପଚାରିଲେ; ଆପଣ ତ ଗାଧୁଆ ପାଧୁଆ ଖିଆ-ପିଆ କିଛି କରି ନ ଥିବେ । ମୋତି—ହଁ—ମୁଁ କିଛି ଖାଇଚି । ଆଉ ତମେ । ସରଳା—ମୋର ଦରକାର ନାଇଁ—ଆପଣ ଚାଲନ୍ତୁ । ମୋତି—ହଁ ଆଉ ବେଳ ଗଡ଼େଇଲେ ଚଳିବ ନାହିଁ । କଟକଠଁ ଯୁଝି ପିବା ଭିତରେ ମୋତିବାବୁ ସରଳାକୁ ଦି'ଚାରିଟା କଥା ପଚାରିଥିବେ କି ନାହିଁ—ଏକ ଧ୍ୟାନରେ ଯେତେ ଜଲଦି ଗାଡ଼ୀ ଚାଲିପାରେ ଚଳେଇ ଥାନ୍ତି ସେ । ସରଳା ମଝିରେ ଥରେ ପଚାରିଲେ ମାତା ପେଟରୁ କିଛି କଥା ମିଳିଲା ନାଇଁ । ମୋତିବାବୁ ନାହିଁ କଲେ । କେତେବେଳ କଟିଗଲା ମୋତିବାବୁ ପଚାରିଲେ—ମଝିଆ ମୂଳ ଘର କୋଉଠି ସେ କିଛି କେବେ ତମକୁ କହିନି ? ସରଳା—ସେ ସବୁ କଥା ତ କେବେ ସେ ସଫା କରି କହେନି । ଦିନେ କଥା କହୁ କହୁ ନରସିଂପୁର ଗଡ଼-ଜାତ କଥା କହୁଥିଲା ଯେ ମୁଁ ମଣୁଚି ତା ଘର ନରସିଂପୁର କୋଉ ଗାଁରେ, ଆଉ ତାର ବାପ କିଏ ଥିଲା ଯେ କଟକରେ କୁଆଡ଼େ ହଜିଲା । ମୋତି—ବାପ କଟକରେ ହଜିଲା; ଝିଅ ପୁରୀରେ ହଜିଲା । ସରଳା—ଆପଣ କଣ ଭାବୁଚନ୍ତି ଅପା ହଜିଚି ବୋଲି । ସେଇ ବଦ୍‌ମାସ ମାତା, ଆଉ ସେ ସତ୍ତରମଠର ଗୁମସ୍ତା ରଘୁଆ ଏଇ ଦି'ଜଣଙ୍କ ସଲସୁତରରେ କିଏ ତାଙ୍କୁ ନେଇ ପଳେଇଚି—ସେଇ ମଠ ମହନ୍ତ ମହାରାଜ ହଉ, ନଇଲେ, ଆଉ କିଏ ଏ ଦି'ଜଣଙ୍କୁ ଏଇଥି ପାଇଁ ନଚେଇ ଥାଉ । ମୋତି—ସେ ଦିଜଣଙ୍କୁ ବହୁତ ଧମକା ଚମକା ବହୁତ ମାଡ଼ ଦିଆ ଗଲା—କିଛି ତ କଥା ମିଳିଲାନି । ସରଳା—ଆଉ ସେ ମହାରାଜକୁ । ମୋତି—ସେଇଟା ବାକି ଅଛି । ତେମେ ଯାଇ ସବୁ କଥା ବତେଇଲେ

ଯାଇଁ ଅଉ ଯାହା ହବ । ସରଳା—ଏ ଭଙ୍ଗା କାଚଚୁଡ଼ୀ ଯୋଡ଼ାଠୁ ମିଳିଲା, ସେଠିକି ମଙ୍ଗୁଆ ଅପା ନିଅ ହୋଇଥିବ ନିଶ୍ଚେ । ମୋତି—ହଁ, ଖୁବ୍ ସମ୍ଭବ । ଦିନ ଦଶଟା ସରକ ପୁଷ୍ଟିରେ ସିଧା ଯାଇଁ ଥାନାରେ ପହଞ୍ଚି ବଧୂବାବୁଙ୍କ ଗାଡ଼ୀରେ ବସେଇ ମୋତିବାବୁ ଘଟଣା ସ୍ଥାନକୁ ଗଲେ । ଦେଖାଗଲା ଦୋକସ୍ତ ଯାଇଁ ପିଟିଚ ଅଉ ଗୋଟା ଗଳିକି, ଅଉ ସେ ଗଳି ଉପରକୁ ସଜ୍ଜନମଠର ବାଡ଼ୀପରଜା; ବାଡ଼ୀ-ଦରଜା ଦେଇ ପଶିଲେ ଡାହାଣହାତ ସେ ଏକୁଟିଆ କୋଠା ବଖରାଏ, ଯୋଡ଼ାଠୁ କାଚ ମିଳିଥିଲା—ବାଁ ପାଖକୁ ଧାଡ଼ିଏ ଗୁହାଳ-ଘର । ଏମାନେ ପହଞ୍ଚିବାରୁ ମଠର ବହୁତ ଗୁଙ୍କରବାକର ଟହଲିଆ, ବାବାଜି ଆସି ରୁଣ୍ଡ ହେଲେ । ବଧୂବାବୁଙ୍କ ଧମକରେ ସମସ୍ତେ ମଠ ଭିତରକୁ ପଳେଇ ଗଲେ । ବଧୂବାବୁ କହିଲେ ରଘୁଆକୁ ତୁରନ୍ତ ପଠାଅ । ରଘୁଆ ଆସିଲା—ତା କଳା ମୁହଁ ଅହୁରି କଳା, ଆହୁରି ଶୁଖିଲା ପଡ଼ି ଯାଉଥାଏ । ବଧୂବାବୁ ପଚାରିଲେ—ଏ ଘରଗୁଡ଼ାକ ଗୁହାଳ, ଗାଈ ଗୋରୁ ଥାଆନ୍ତି ନା ? ରଘୁ—ଆଜ୍ଞା, ଗାଈ ବଳଦ ଥାଆନ୍ତି, ଆଉ ଏ କଣମୁଣ୍ଡ ଘରେ ଶଗଡ଼ିଆ ଗୁଡ଼ିକଟି ରହନ୍ତି । ବଧୂ—ସେ ଯୋଉ ଶଗଡ଼ିଆ ପୂର୍ଣ୍ଣିମୀ ବାସି ଦିନ ସକାଳୁ କୁଆଡ଼େ ପଳେଇଲା କହୁଚ, ସେ ବି ଏଇ ବଖରାରେ ଥାଏ ତ ? ରଘୁ—ଆଜ୍ଞା ହଁ । ବଧୂ—ସେ ତା ଲୁଗାପଟା ନେଇ ଯାଇଚି ନା ଅଛି ଦେଖିବ । ରଘୁ ଦେଖିଆସି କହିଲା, ତା ଲୁଗାପଟା ଦି'ଖଣ୍ଡ ତ ପଡ଼ିଚି । ମୁନ୍‌ସିଙ୍କ ହୁକୁମରେ ସେ ଲୁଗାପଟା ଦି'ଖଣ୍ଡ ଆସିଲା । ମୁନ୍‌ସି ପଚାରିଲେ—ତା ନାଁ କଣ, ଘର କୋଉଠି କିଛି ଜାଣ ? ରଘୁ—ନରସିଂପୁର ଚଡ଼ଜାଗତରେ, ତା ନାଁ ହରିଆ ବୋଲି କହେ ତ—କୋଉଠି କୋଉ ଗାଁଟା ତ—ହଁ ରଙ୍ଗଗଡ଼ ନା କଣ ତା ଗାଁ ନାଁଟା । ବଧୂବାବୁ ନୋଟ ବହିରେ ବାହାର କରି ଶଗଡ଼ିଆର ନାଁ ଗାଁ

ନେ ଠ କଲେ । ପଚାରିଲେ—ଆଚ୍ଛା ସେ ପଳେଇଲା ଯେ, ତା ଲୁଗା-ପଟା ତ ନେଲା ନା, ମଠର ଆଉ କିଛି ଜିନଷ, କି ଚାଉଳ ଶଗଡ଼କର ଆଣିଥିଲା ପରା ସେ—ଚାଉଳ ହେରିକା କିଛି ହଜିଚି ? ରଘୁ—ଆଜ୍ଞା ନାଇଁ; ସେ ପରା ବୋଝେଇ ଗାଡ଼ୀ ସେମିତି ଠିଆ କରି ଦେଇ କୁଆଡ଼େ ଗଲା - ପଛରେ ଯୋଉ ଶଗଡ଼ିଆ ସବୁ ଆସିଲେ ତାଙ୍କ ହିସାବରୁ ଯାହା ଚାଉଳ ଆସିଥିଲା ସବୁ ଠିକ୍ ଥିଲା । ବିଧୁବାବୁ ରଘୁକୁ ପାଖକୁ ଡାକି ତା କାନ୍ଧରେ ହାତ ପକେଇଲେ—ଆଚ୍ଛା ସତ ସତ କହିବୁ ରଘୁ—ତମ ମଠରେ କେଇ ଜଣ ମାଇପେମାନେ ମାତା ଥାଆନ୍ତି ? ରଘୁ—ଆଜ୍ଞା, ଆପଣଙ୍କୁ ଆଉ କଣ ମିଛ କହିବି । ସବୁ ହେଇ ପାଞ୍ଚ ଜଣ ଥାଆନ୍ତି; ତହିଁରୁ ଜଣେ ଦି’ମାସ ହେବ ତା ଗାଁକୁ ଯାଇଚି । ବିଧୁ—ସେମାନେ ସବୁ ଗହଣାପତ୍ର କାଚଚୁଡ଼ୀ ହେରିକା ନାଇବନ୍ତି ନା ? ରଘୁ—ନାଇଁ ଆଜ୍ଞା, ବିଧବା ବାମୁଣୀ ତ ସବୁ । କେହି କିଛି ନଗେଇ ନାହାନ୍ତି । ଖାଲି ଅଣ୍ଟାରେ କିଏ କେମିତି ରୁପାସୁତାଟା କି ଚନ୍ଦ୍ରହାରଟାଏ ପକେଇ ଥିବେ କେଜାଣି—ଆଉ ଅଙ୍ଗୁଠିରେ ସୁନାମୁଦି ହେରିକା ଥିବ । ବିଧୁ—ହାତରେ ସୁନା କି ରୁପା ଗହଣା କି କାଚଚୁଡ଼ୀ କେହି ନାଇ ନାହାନ୍ତି ? ରଘୁ—ନାଇଁ ଆଜ୍ଞା, ବିଧବା ପରା, ହାତରେ ଗୋଡ଼ରେ କିଛି ନାଇବେ କି ସେମାନେ । ବିଧୁ—ଆଚ୍ଛା ଏଇ ପଦ୍ମାମାତା କେଇ ବର୍ଷ ତମ ମଠରେ ଥିଲା ? ରଘୁ—ବର୍ଷ ଦଶଟା କି ଚାରିଟା ତ ହବ । ବିଧୁ—ପଟେ ସୁନା ତାଗା ନଗେଇଚି ନା ଡାହାଣ ବାହାରେ ସେ । ମୁଁ ଭାବିଲି ଅନେକ ବର୍ଷ ରହି ମହନ୍ତଙ୍କର ଅନେକ ସେବା କରିଥିବ ଯେ ମହନ୍ତଙ୍କଠୁଁ ଇନାମ ମିଳିଚି । ରଘୁ ଟିକିଏ ଏପାଖ ସେପାଖ ହୋଇପଡ଼ିଲା—ନାଇଁ ଆଜ୍ଞା, ସେ ଥିଲା ଘର ମାଇପିଟାଏ । ମଠକୁ ଆସିବାବେଳୁ ତ ଆମେ ଦେଖୁଚୁ ତା ବାହାରେ ସୁନା ତାଗା ପଟେ । ବିଧୁ—ଆଚ୍ଛା

ସେ ଏଠୁ ଗଲ୍ପ କାହିଁକି ? ରଘୁ—ଆମ ମାହାପ୍ରୁ ସ୍ୱାମିଙ୍କର ଦିନେ କଣ କହିଲେ ଯେ କୋଉଁ କଥାରେ ଅରଦନ ସକାଳୁ ତ ଲୁଗାପଟା ଧରି ଚାଲିଗଲ । ମୋତି କହିଲେ—ତମର ଅଉ ଖାନତଲାସ ସରିବ ନାଇଁ କି ଇନ୍‌ସପେକ୍ଟର ସାହେବ ? ବିଧୁ କହିଲେ ସରିଗଲାଣି, ଚାଲ ଯିବା । ରଘୁ ତୁ ଦିଟାବେଳକୁ ଥାନାକୁ ଯିବୁ । ରଘୁ ହଁ ଭରିଲା । ସମସ୍ତେ ସେଠୁ ଥାନାକୁ ଫେରି ଆଇଲେ । ବାଟରେ ବିଧୁବାବୁ ପଚାରିଲେ—ତମର ଭାରି ଜିଦ୍ ନାଗିଛି ଏଥିରେ ନାଇଁ ମୋତି ? ମୁଁ ଦେଖୁଚି ତମର ଖାଇବା ପିଇବା ଶୋଇବା କିଛି ଠିକ୍‌ଠିକଣା ନାଇଁ । ମୋତି କହିଲେ—ତାର ଯଥେଷ୍ଟ କାରଣ ଅଛି ନା ? ମୁଁ ତମକୁ ଦିନେ ସବୁ ଫିଟେଇ କହିବି । ଆଚ୍ଛା ଆଜିକାର ତଲାସରୁ ତେମେ ଅଉ କିଛି ବୁଝିଲ ? ଏ ଚିଠି ହଜିବା ସାଙ୍ଗରେ ତେମେ ପଦ୍ମାମାତା, ରଘୁଆ ଅଉ ମହନ୍ତଙ୍କୁ ଯୋଡ଼ିପାରୁନ ? ବିଧୁ—କଣ ଏଇ ଭଙ୍ଗା କାଚଚୁଡ଼ୀ ଖଣ୍ଡିକରୁ ? ନା ଏ ଯଥେଷ୍ଟ ନୁହେଁ—ଏ କାଚଖଣ୍ଡିକ ଯେ ସେଠି ପଡ଼ିଥିଲା । ସେ ଅନେକ ପ୍ରକାର କାରଣରୁ ହେଇଥାଇ ପାରେ । ଅନ୍ଦାଜ ଉପରେ ତ ଅଉ ଅଗେଇ ହବନି ବୋଲିକଚୋ ପ୍ରମାଣ ଚାହି । ତେବେ ମହନ୍ତଙ୍କୁ ହଇରାଣ କରିବାର ଯଥେଷ୍ଟ ଖିଅ ମିଳିଯାଇଚି । ମୋତି—ତେମେ ଯାହା ଏଣିକି କରିବାର କର । ମାତାକୁ ରଘୁକୁ ତମର ନଜରବନ୍ଦରେ ଯେମିତି ହଜ ରଖ । ମହନ୍ତଙ୍କ ବାବଦରେ ମୁଁ ତମକୁ ଯଥେଷ୍ଟ ପ୍ରମାଣ ଆଣି ଦେବି, ଦି'ଚାରିଦିନ ସମୟ ଦିଅ ମତେ । ବିଧୁ ଗୋପନରେ ମୋତିଙ୍କି କହିଲେ—ମୁଁ ମହନ୍ତଙ୍କୁ ଖୋଲିଦଉଚି; ତେମେ ଯେବେ କିଛି ଖିଅ ପାଇଛ ମୂଳଯାଏ ଗୋଡ଼େଇଯା ତାକୁ । ମୋତି ହୁଁ ମାରି, ଗାଡ଼ିରେ ବସିଲେ । ବିଧୁବାବୁ ଡାକିଲେ—ହେ ହେ ମୋତିବାବୁ; ପ୍ରସାଦ କଣିକାଏ ପାଇଯା । ଇଏ ଗୋଟେ କଥା ।

—ଷଏ ଛବଷ—

ଷ୍ଟେସନକୁ ଆସି ଖାଲି ମୁହଁରେ ଯାଅନ୍ତୁନାଇ ବସେ । ରେଳର ହୋଟେଲ ମଠରୁ ସଜାଡ଼ି ଆସିଗଲଣି ତମ ପାଇଁ । ମୋତିବାବୁ ନାହିଁ ଆଜି ବୋଲି କହି ବାହାରିଯିବାକୁ ବସିବାରୁ ବିଧୁବାବୁ ନିଜେ ଯାଇଁ ତାଙ୍କୁ ଥାନା ଭିତରକୁ ଟାଣି ନେଇ ଆସିଲେ । ଦୁହେଁ ବସି ସୁସ୍ୱାଦ ପାଇଲେ । ସରଳା ଗାଡ଼ି ଭିତରୁ ଓହ୍ଲେଇବାକୁ ରାଜି ହେଲା ନା । ସେ ସେଇଠି ବସି ଖାଇଲା । ମୋତିବାବୁ ଛଟକରେ ଆସି ପହଞ୍ଚିଲେ ବେଳକୁ ପ୍ରାୟ ସଞ୍ଜ ଗୁରଠା । ସେ ସରଳାକୁ ଓହ୍ଲେଇ ଦେଇ ତା ହାତରେ କୋଡ଼ିଏ ଟଙ୍କା ଦେଇ କହିଲେ ମୁଁ ଫେରିବା ଯାଏ ସବୁ ଖରଚ ତୁଲାଇଥିବ । ସରିଗଲେ ନମିତା ଦେବୀଙ୍କୁ ଖବର ଦେବ ମୋ ନାଁରେ । ତାଙ୍କ ଘର ଜାଣିଥିବ ତ । ନଇଲେ ପୁଷ୍ପାଙ୍କ ପାଖରେ । ସଜବାଅ ଦେଖିଚ ତାଙ୍କୁ ପଠାଇବ । ସରଳା--ମୁଁ ଯେମିତି ହେଉ ଚଳେଇ ନେବି ଯେ ଆପଣ କଣ ଆଜି ଏତେବେଳେ ନରସିଂ-ପୁରକୁ ଯିବାକୁ ମନ କରିଚନ୍ତି । ସଞ୍ଜ ଆସି ହେଲାଣି, ବଣଜଙ୍ଗଲ ବାଟ । କୋଉଠି କାଳେ କଣ ହେବ; ଆପଣ ଯାଆନ୍ତୁ ନା । କାଲି ଭୋରରୁ ଯିବେ ଯେ ଦିନ ଥାଉଁ ପହଞ୍ଚିବେ । ମୋତି—ସରଳା, ତେମେ ବୁଝୁନ—ଯାହା ଘଟିଛି ସେଥିରେ ଦଣ୍ଡେ ଡେରି କଲେ ହୁଏତ ସବୁ ଭଣ୍ଡୁର ହୋଇଯିବ । ସରଳା—ଅଜଣା କଣବ ଟି; ମୋ ମନକୁ ଜମା ପାଉନାହିଁ । ଗୋଟାଏ ରାତି ଡେରି ହେଲେ ବା କଣ ଉଜୁଡ଼ି ଯିବ । ମୋତି—ମୁଁ ତମ କଥା ମାନିବି ନା—ନିଶ୍ଚେ ଯିବି । ତେମେ ବୁଝୁନ ସରଳା । ଇନ୍‌ସପେକ୍‌ଟର ଯାହା କହିଲେ ସେଥିରେ ମୋର ହୃଦବୋଧ ହଉନି । ମତେ ଦିଶୁଚି ମରୁଆ ତା ବାପ ସାଙ୍ଗରେ ତା ଗାଁ ଅଡ଼କୁ ପଳେଇଚି । ଆଜି ଏ ମହନ୍ତର ଚର ତା ପିଛା ଧରିଚନ୍ତି; କେତେବେଳେ କଣ ପୁଣି ବିପଦ ଘଟିପାରେ । ଏ କଥାରେ ଦଣ୍ଡେ ଡେରି କରିବାର ନୁହେଁ । ସରଳା—

ମୋର ସାନ ଝିଅ ନମିତା । ଆପଣ ଯେବେ ନିଶ୍ଚୟ ଯିବେ ସଞ୍ଜୁଆଙ୍କୁ ସାଙ୍ଗରେ ନେଇଯାନ୍ତୁ । ସେ ଗୃହଙ୍କ ଟୋକା କାମରେ ଆସିବ । ମୋତ ଯିବାକୁ ମନ ହଉଛି ଯେ ମୁଁ ଅକାରଣ ବୋଝ ହେବି ଆପଣଙ୍କ ଉପରେ । ମୋହିତ—ସଞ୍ଜୁଆ ଗଲେ, ମାଉସୀ ନାହାଁ, ତମର ଏଠି ହଇରାଣିଆ ପଡ଼ିବ ନାହିଁ ତ ? ସରଳା—କିଛି ହବନି । ସଞ୍ଜୁଆ ସାଙ୍ଗରେ ଯାଉ; ମୁଁ ଚଳେଇ ନେବି । ସରଳା ସଞ୍ଜୁଆଙ୍କୁ ଡାକି ଦେଲା; ସେ ତା ନୁଗାପଟା ଧରି ଗାଡ଼ୀରେ ବସିଲା । ସରଳା କହିଲା ଏଡ଼େ ଫୁଲ ଡାଲି ଲିମ୍ବସଟା ସାଙ୍ଗରେ ନଉନ । ସରଳା ଆଣିଦେଲା । ମୋହିତ—ମୁଁ ଯାଉଛି ସରଳା । ଏଠା କଥା ତମକୁ ସବୁ ନାଗିଲା । ସୁବିଧା ଅସୁବିଧାକୁ ନମିତାଙ୍କୁ ଜଣେଇବ; ସେ ପରା ଏବେ ଆମ ଆଶ୍ରମର ସଂପାଦିକା ହେଇଚନ୍ତି । ମୁଁ ଯାଉଚି ଫେରି ଡାକ୍ତରଖାନାକୁ ଯିବି । ସୁପରିଟେଣ୍ଡେଣ୍ଟଙ୍କଠଉଁ ତିନି ଦିନ ଛୁଟି ନେଇ ଯିବି ଆଜି ଦିନକୁ ମିଶେଇ । ମୋହିତ ସଞ୍ଜୁଆଙ୍କୁ ସାଙ୍ଗରେ ଧରି ଗାଡ଼ୀ ଚଲେଇ ଚାଲିଗଲେ । ସରଳା ଦାଣ୍ଡଦୁଆର ମୁହଁରେ ଠିଆ ହେଇ ଭାବୁଥାଏ-- ମାଲେ କେତେ ଜିଦି ଏ ଲୋକଟାର ମ ! ଜିଦି ନ ଥିଲେ ସେ ବୋଧେ ଏତେ ବଡ଼ ହେଇ ପାରନ୍ତେନି । ନଡ଼ିଆ ମୁଣ୍ଡିଆର ମୁଣ୍ଡକୁ ଲାଗି ତରଳା ସୁନା ମୁଣ୍ଡଲାଟା ପରି ସୂର୍ଯ୍ୟ ଦଣ୍ଡେ ଥକା ମାରୁଥାନ୍ତି— ଦିନଯାକ ବାଟ ଚାଲି ଚାଲି ସରଗର ଏ ପାଖରୁ ସେ ପାଖ ଯାଏ । ଖଣ୍ଡେ ଦିଖଣ୍ଡ ଝାଲର ମେଘ ସେଇ ସୁନେଲି ରଙ୍ଗରେ ଗୋଟିପଣ ବୁଢ଼ୀ ଭା' ଗାଲମା ତଦେଖେଇ ହଉଥାନ୍ତି ଥିରି ଥିରିରେ ଭାସି ବୁଲି । ଟେଣ୍ଟେଲ ଦିହା ଉଜ୍ଜଳିଆ ପାଟି କରୁଥାନ୍ତି; ନଈବାଲି ଭଣ୍ଡ୍ରୀ ଅରମାନେ ଥାଇ । ଧାଡ଼ିଏ ବଗ ଫଗୁ ରଙ୍ଗ ଦିହରେ ବୋଳି ବଡ଼ ଦେଉଳ ଧ୍ୱଜା ପରି ଭାସି ଯାଉଥାନ୍ତି ଘରମୁହାଁ ହେଇ କେଉଁଡ଼େ ଛଇବରଟରେ । ସଞ୍ଜ ଅନ୍ଧାର ଧୀରେ ଧୀରେ ପାହାଡ଼, ନଅଣ,

ଘଠା, ନଈ ପଲୁର ଉପରେ ତାର କଳାମେଘି ଶାଢ଼ି ଘୋଡ଼େଇ ଦଉଥାଏ । ସରଳା ଭାବୁଥାଏ—ଅନ୍ଧାର ମାଡ଼ି ଆଇଲଣି, ଅମଡ଼ା ବଣ ବାଟରେ କଥା ନ ମାନି ଏକଜିଦିଆ ହୋଇଗଲେ ଯେ—ଠାକୁର ତାଙ୍କୁ ଘଣ୍ଟା ଘୋଡ଼େଇ ଥା । ତାଙ୍କୁ ଘଣ୍ଟା ଘୋଡ଼େଇବ ନା, ଆଉ କାହାକୁ ଘୋଡ଼େଇବ ? କେତେ ଦୁଃଖିଙ୍କର କେତେ ଦୁଃଖ ହରୁଛନ୍ତି ସେ । ସରଳା ନିଶ୍ୱାସଟିଏ ପକେଇ ଘର ଭିତରକୁ ପଶିଯାଇ ଦାଣ୍ଡ କବାଟ ବନ୍ଦ କରିଦେଲା । ସେତିକି ବେଳକୁ ସାମନା ବରଗଛ ଡାଳରେ ଗୋଟାଏ ପେଚୁ ଚେଁ ଚେଁ କରି ରଡ଼ି ଉଠିଲା ।

## ଛଅ —

ନଅପାଟଣା ଘାଟ ଟପି ଯାଇ ସେ ମୋଡ଼ଟା ବୁଲିବା ବେଳକୁ ଗୁର-ଆଡ଼େ ଅନ୍ଧାର ଘୋଡ଼େଇ ପକେଇଲାଣି । ମୋତିଙ୍କ ମନେ ହେଲା ରାତିଟା ନୂଅପାଟଣା କୋଠିରେ କଟେଇ ସକାଳୁ ବାହାରିଲେ

ଭଲ ହୁଅନ୍ତା ପଶ୍ଚ । ଫେର ମନେ ହେଲା ଦ'ଘଡ଼ି ପରେ ତ ଜହ୍ନ ଉଠିବ; ଜଙ୍ଗଲ ବାଟ ହେଲେ ବି ଡର କଣ—ମୁଁ ସେତେବେଳକୁ ଅଠଗଡ଼ରେ ପହଞ୍ଚି ପାରିଥିବି । ଗାଡ଼ୀ ତ ମୋତେ କେବେ ହେଲେ ଦଗା ଦେଇନି । ଆଜ ରାତାରାତି ନଇଲେ ହେଲେ କାଲି ସାହାନ୍ତାରୁ ଚନ୍ଦଗଡ଼ରେ ନ ପହଞ୍ଚି ପାରିଲେ ଆଉ ରକ୍ଷା ନାହିଁ । ଅଠଗଡ଼ଠି ପହଞ୍ଚି ସେ ଥାନାକୁ ଗଲେ । ବିଧୁବାବୁଙ୍କ ପୁତୁରା ସିଧୁ ସେଠିକା ଥାନା ମାଲିକ । ସିଧୁକୁ ସେ ଖୋଜିଲେ । ସିଧୁ ମୋତିଙ୍କି ଦେଖି କାବା ହେଇଗଲା—ଆପଣ ଏତେ ରାତିରେ କୁଆଡ଼େ ? ମୋତି—ମୁଁ ଗୋଟାଏ ଅତ୍ୟନ୍ତ ଜରୁରୀ କାମରେ ନରସିଂପୁର ଯିବି । ଆଜ ରାତିରେ ପହଞ୍ଚିବା ଗୃହୁ । ମୋ ସାଙ୍ଗରେ ଜଣେ ଜମାଦାର କାହାକୁ ଦବ; ଯିଏ ବାଟଘାଟ ଚିହ୍ନିଥିବ ? ମୁଁ ସିଆଡ଼େ କେବେ ଯାଇନି—ଜଙ୍ଗଲ ତ ଖୁବ୍, ତେବେ ବାଟଘାଟ କେମିତି ? ସିଧୁ—ବାଟଘାଟ ଭଲ । ଦିନ ମଟର ବସ୍ ଦ'ଦଟା ଯା ଆସ କରୁଚି । ଆପଣ କଣ କୋଉ ରୋଗୀ ହେରକା ଦେଖିବାକୁ ଯାଉଚନ୍ତି—ନା କଣ ? ମୋତି—ତା ଠଉଁ ଆଉରି ଜରୁରୀ କାମ; ବାଟଘାଟ ୱାକିବ ଥିବା ଜଣେ ଡମ ପୁଲିସବାଲା ଭିତରୁ ମୋ ସାଙ୍ଗରେ ଦିଅ । କାଲି ଦ'ପହରକୁ ତାକୁ ଏଠି ପହଞ୍ଚାଇ ଦେବି । ସିଧୁ—ଇସ୍ମାଇଲ ଜମାଦାରକୁ ନେଇଯାଆନ୍ତୁ, ତା ଘର ସେଇଆଡ଼େ । ବାଟଘାଟ ଜାଣେ, ଖୁବ୍ ହୁସିଆର ଲୋକ । ଯିବା ଆଗରୁ ଆପଣ ମୋ ଘରେ ଗଣ୍ଡିଏ ଖାଇ ଦେଇ ଯାଆନ୍ତୁ । କେତେବେଳେ ଯାଇଁ କୋଉଠି ପହଞ୍ଚିବେ ; ଖାଇବାକୁ କିଛି ପାଇବେ କି ନା ସନ୍ଦେହ । ମୋତିବାବୁଙ୍କ ସବୁ ମନା ଏଡ଼େଇ ଦେଇ, ସିଧୁବାବୁ ମୋତିଙ୍କୁ ଅଉ ସଉରିଆକୁ ପେଟେ ଖୁଆଇ ପିଆଇ ସାଙ୍ଗରେ ଇସ୍ମାଇଲକୁ ଦେଇ

କହିଦେଲେ । ମୋତ ପଚାରିବାରୁ ଇସ୍‌ମାଇଲ କହିଲା, ନରସିଂପୁର ଏଠୁ ତିରିଶ କୋଶ । ସେଠୁ ଚନ୍ଦଗଡ଼ ଆଉ ଚାରି କୋଶ ହବ । ତେବେ ଚନ୍ଦଗଡ଼କୁ ବାଟ କେମିତି ଅଛି, ମଝିରେ ଯିବ କି ନାହିଁ କେଜାଣି ? ନରସିଂପୁର ଥାନାଠୁ ପଚାରି ବୁଝିବା । ବାଟ ଜାଣିବା ହୁସିଆର ଲୋକ ଜଣେ ସାଙ୍ଗରେ ପାଇ ମୋତିଙ୍କି ଟିକିଏ ଆଶ୍ୱସ୍ତି ଲାଗିଲା । ମୋତି ସିଗାରେଟ୍ ଖଣ୍ଡେ ଲଗେଇ ଗୀତଟିଏ ଗୁଣି ଗୁଣି ହୋଇ ଫାଙ୍କା ରାସ୍ତାରେ ଜୋରରେ ଗାଡ଼ୀ ଛୁଟେଇଦେଲେ—ଘଣ୍ଟାକୁ ଅନେଇ ଦେଖିଲେ ନଅଟା ତିରିଶ—ସିଧୁବାବୁ ବଡ଼ ଡେରି କରି ଦେଲା—ଯେତେବେଳେ ଯୋଉ ଯୋଗ । ଛତିଆ, ବଡ଼ମ୍ବା ପାରି ହୋଇ ହାଡ଼ୁଆ ନଈର ଅଦଡ଼ ଖରାଦିନିଆ ରାସ୍ତା ପାରି ହେବାକୁ ତାଙ୍କୁ ବହୁତ ଡେରି ଲାଗିଗଲା — ନଈ ରାସ୍ତା ମୁଣ୍ଡରେ ଫେରି ନଈ ବାଲିରେ ଗାଡ଼ି ଗଳି ପଡ଼ିଲା ଯେ ସେଠୁ ଉଠେଇବାକୁ ଆଉ ଘଣ୍ଟାଏ ଲାଗିଗଲା । ହାଡ଼ୁଆ ନଈ ପରେ ରାସ୍ତା ଭଲ—ମୋତି ଖୁବ୍ ଜୋରରେ ଛୁଟେଇ ଦେଲେ ଗାଡ଼ିକୁ । ସଉରିଆ ଆଉ ଇସ୍‌ମାଇଲ ପଛରେ ବସି ଢୁଳଉଥାନ୍ତି—କିଏ ଗୋଟେ ସେଥିରୁ ନିଶ୍ଚିନ୍ତରେ ଶୋଇ ଘୁଙ୍ଘୁଡ଼ି ମାରିବା ଶବ୍ଦ ମୋତିଙ୍କ କାନକୁ ଗଲା । ମୋତି ବେଳେ ବେଳେ ସଉରିଆକୁ ଆଉ ଇସ୍‌ମାଇଲକୁ ଡାକି ଚେତଉଥାନ୍ତି । ନିଜ ଆଖି ଟିକିଏ ଲାଗି ଆସିଲା ଯେ; ମୋତିବାବୁ ଗାଡ଼ି ରଖି ଆଖି ଦିଇଟା ଭଲ କରି ଦଳି ପୋଛି ନେଲେ । ସେତେବେଳକୁ ରାତି ସରିଲାଣି । ବଣଜଙ୍ଗଲ ଭିତରେ ଏକେ ତ ପଦାଠାରୁ କାକରିଆଟା, ତାପରେ ପାହାନ୍ତା ହୁରେଇବା ଶୀତଳ ପବନ ଝଲକାଏ ଗାଡ଼ୀ ଭିତରକୁ ପଶି ଆସିଲା । ମୋତି ପଚାରିଲେ—ଇସ୍-

ମାଇଲ୍ ମିଥୁଁ—ପାଖରେ କୋଉଠି ବଙ୍ଗଳା ହେବକା ନାହିଁ ? ଇସ୍
ମାଇଲ—ଚନ୍ଦାପୁର ଡାକବଙ୍ଗଳା ଆଉ ଅଠାଅଇଲ ପଡ଼ିବ କି କେତେ । ଅଟ ମାଇଲ ଖୁଣ୍ଟିଟା ଦେଖିଲେ ଜଣାପିବ । ପାହାନ୍ତା ତ ହେଇ ଆଇଲାଣି—ଆପଣ ଆଜି କଟକରୁ ଆସି ରାତିଯାକ ଗାଡ଼ୀ ଚଳେଇ ଥିଲେ, ଥକାମରା ହେଇ ପଡ଼ିଥିବେ । ଚନ୍ଦାପୁର ବଙ୍ଗଳାରେ ଟିକିଏ ଥକା ମାରି, ଘଣ୍ଟାଏ ବେଳକୁ ଗଲେ ହବ । ନରସିଂପୁର ତ ଚନ୍ଦାପୁର ଠେଇଁକି ଅଳ୍ପ ବାଟ । ନରସିଂପୁର ଗଡ଼ । ଆପଣ ଥକି ଯିବେଣି । ମୋତି—ଥକା ନାଗୁଚି ଟିକିଏ ସତ । ଦି' ରାତି ହେଲା ଝିଅ ପିଅ ଶୁଆ ଠିକ୍ ଠିକଣା ନାହିଁ, ତମ ମୁନସିବାବୁଙ୍କ ଘରେ ଅଜାଆଣା ପେଟେ ଖାଇଲି । ସେଇଥିପାଇଁ ଆଖିଟା ନାଗି ଯାଉଚି । ମୋତି ଏଣିକି ଆଉ ବେଶି ଜୋରରେ ଗାଡ଼ୀ ଚଳେଇଲେ ନାହିଁ —ଥରକୁ ଥର ଆଖି ନାଗିଆସୁଥାଏ ବୋଲି । ଦଣ୍ଡକରେ ପଛ ସିଟରେ ସଜରସ୍ଥା ଆଉ ଇସ୍ ମାଇଲ ଗାଲ ପକେଇ ଘୁଙ୍ଗୁଡ଼ି ମାରି-ବାରେ ନାଗିଗଲେ । ମୋତି ଭାବିଲେ—ଭଲ ଲୋକ ଏଇମାନେ ବାଟ ଜଗେଇବାକୁ ଉଠିବାକୁ ଆସିଚନ୍ତି ।

ଗାଡ଼ୀ ପଶ୍ଚିମମୁହାଁ ହେଇ ଚାଲିଥାଏ; ପଛ ପଟୁ ପବନ ଚରି ଆସୁଥାଏ; ଗୋଟାଏ ବଡ଼ ବାଙ୍କ ବୁଲିଲା ବେଳକୁ ପଲକକ ପାଇଁ ମୋତିଙ୍କ ଆଖି ନାଗିଗଲା; ଆଉ ମୁହୂର୍ତ୍ତିକରେ ଗାଡ଼ୀଟା ଯାଇ ରାସ୍ତାକଡ଼ ବଡ଼ଶାଳ ଗଛ ଦେହରେ ଖୁବ୍ ଜୋରରେ ଧକ୍କା ଖାଇଲା । ଗୋଟା ପାଖ ଅଳିଅ ଚୂରମାର ହେଇ ଗାଡ଼ୀ ସାମନା କାଚ ଖଣ୍ଡ ଖଣ୍ଡ ହେଇ ଭାଙ୍ଗିଯାଇ ମୋତିବାବୁଙ୍କ ମୁଣ୍ଡ ମୁହଁ ବେକ ରୁହଅଡ଼େ ଜରି ହେଇଗଲା । ଗାଡ଼ୀ ପଛକୁ ହଟିଆସି ଫେର ଗଛ ଦେହରେ ଧକା ଦେବା ବେଳକୁ ଗାଡ଼ୀ ମୋତିଙ୍କ ଅଣାୟତ୍ତ ହେଇ ଯାଇଥିଲା । ସଜରସ୍ଥା ଆଉ ଇସ୍ମାଇଲ ହାଁ ହାଁ କହୁ କହୁ ଗାଡ଼ୀ ଆଉ ଥରେ

ପଛରେ ଧକ୍କା ଖାଇ ରାସ୍ତା ତଳକୁ ଗଡ଼େଇ ହୋଇ ପଡ଼ିଗଲା ।
ମୋତିବାବୁଙ୍କ ବାଁପଟରୁ ଗାଡ଼ୀ ଗଡ଼େଇ ହୋଇ ପଡ଼ିଥାଏ ।
ମୋତିବାବୁ ବହୁକଷ୍ଟରେ ଆଗେ ଗାଡ଼ୀ ଭିତରୁ କୌଣସି
ପ୍ରକାରେ ବାହାରିଲେ । ପଛ ପାଖ କବାଟ ଉପରକୁ ହୋଇଯାଇ
ଚାପା ପଡ଼ିଯାଇ ଥାଏ, ତାକୁ ଉଠେଇକରି ଖୋଲି ସଇରିଆ ଅଜି
ଇସ୍‌ମାଇଲଙ୍କୁ ବାହାର କଲାବେଳକୁ । ତାଙ୍କ କୁରୁତା ରକ୍ତରେ
ବୁଡ଼ିଗଲାଣି । ସେ ହାତ ମାରି ଦେଖିଲେ କପାଳରେ ଆଉ ବେକ
ପାଖରେ କାଚ ବାଜି ଖୁବ୍ ଗହୀରିଆ ହୋଇ କଟିଯାଇଛି ।
ସଇରିଆକୁ କହିଲେ ଗାଡ଼ି ଭିତରୁ ବ୍ୟାଗଟା ଆଣି ଜଲଦି । ତମର
କାହାର କିଛି ହୋଇ ନାହିଁତ—ସଇରିଆର ଅଣ୍ଟା ଜଖମ ହୋଇ
ଯାଇଥାଏ ଓ ଇସ୍‌ମାଇଲର ମୁଣ୍ଡ ଗାଡ଼ୀ ଦିହରେ ବାଜି ଫୁଲି ଯାଇ
ଥାଏ । ଇସ୍‌ମାଇଲ ଦଉଡ଼ି ଯାଇ ମୋତିବାବୁଙ୍କ କୁରେଇ
ପକେଇଲା; ତା ପଗଡ଼ୀଟା ଫିଟେଇ ପକେଇ ମୋତିବାବୁଙ୍କ ବେକ
ପାଖ କଟାଜାଗାଟାକୁ ଖୁବ୍ ଜୋରରେ ଚୁପି ଧଇଲା । ସେଠୁ ପିଚ୍
ପିଚ୍ ହୋଇ ରକ୍ତ ବାହାରୁଥାଏ । ସଇରିଆ ବ୍ୟାଗଟାକୁ ଆଣୁ
ଆଣୁ ଡେରିକଲା । ମୋତିବାବୁ ସେତେବେଳକୁ ମୋହ ହୋଇ-
ଆସୁଥାନ୍ତି; ଠାରି କରି କହିଲେ ବେକ ପାଖ କଟାଟାକୁ ଭିଡ଼ିକରି
ବାନ୍ଧି ଦବାକୁ ବେନ୍‌ଜିନ୍ ଦେଇ । ଇସ୍‌ମାଇଲ ରାସ୍ତା କଡ଼ରେ
ଗଛ ତଳେ ବସି ମୋତିବାବୁଙ୍କ ମୁଣ୍ଡ କୋଳରେ ରଖିଲା—ସଇରିଆ
ମୋତିବାବୁଙ୍କ ହାତବାରିସି ହୋଇ ରହିଥିଲା ଅନେକବର୍ଷ କାଳ;
ଯାହା ଶିଖିଥିଲା ସେତକ ବିଦ୍ୟା ଫଳେଇ ମୋତିବାବୁଙ୍କ ବେକ
ପାଖ କଟାଟାକୁ ବେନ୍‌ଜିନ୍ ଓ ତୁଳା ଦେଇ ସିଲ୍ କରିଦେଲା ।
କପାଳର କଟା ଘାରେ ବେନ୍‌ଜିନ୍ ବୁଡ଼ା ତୁଳା ସନ୍ତାକରି ମାଡ଼ି
ଦେଇ ମୁହଁରେ ଆଉ ହାତରେ ଯେ ଉଠି ସବୁ ଖଣ୍ଡିଆ ହୋଇଥିଲା,

ସେପଟେ ଝିଇଡ଼ିଙ୍ଗ୍ ଜଗଣେଇ ଥିଲା । ସେତେବେଳକୁ ବେଶ୍ ଫରଚ୍ଛ ହୋଇ ଗଲାଣି । ଇସ୍ମାଇଲ ଅଉ ସଉରସ୍ୟାଙ୍କର ମୋତିବାବୁଙ୍କୁ ଟେକି ଟେକି ଅଳ୍ପ ଗଣ୍ଡେ ଦୁର ଚନ୍ଦାପୁର ବଙ୍ଗଳା ପିଣ୍ଡାରେ ନେଇ ଶୁଆଇଦେଲେ । ଚଉକିଦାରକୁ ଡ଼ାକିଲାରୁ ସେ କହିଲା—ଅଜ ଏଇନେ ରଜା ବାଜେଇକରବେ; ମୁଁ କବାଟ ଖୋଲିବ ନି ଅଉ କେହି ରହିବା ପେଇଁ । ମୋତିବାବୁଙ୍କ ହାଲତ ଦେଖି ତା ମନ ଟିକିଏ ତରଳିଲା ସତ କହିଲା—କଣ କରବି ମୁନୁସି ବାବୁ ? ମୁଣ୍ଡ ପିଣ୍ଡର ମାଲିକ ସିଏ, ତାର ଭୁଇଁ ଫୋଡ଼ି ପେଟ ଚାଲୁଥାଇ, କୁଆଡ଼ୁ ଯେବେ ବଙ୍କା ବୁଝିବେ ତ କାନ୍ଧରେ ମୁଣ୍ଡ ରହିବ ନି । ଇସ୍ମାଇଲ ରାଗିଯାଇଁ ଖୋଲିଟି ଖୋଲିଟି ଚଲେଇଲା—ବେଆଡ଼ କରି ଗାଳି ଦେଲା । ଚଉକିଦାର ପିଣ୍ଡାପାଖ ଘେଟ ବଖରାଟି ଖୋଲିଦେଇ ଅଲଗା ହୋଇ ଗଲା । ଇସ୍ମାଇଲ ଅଉ ସଉରକା ଖଟ ଉପରେ ମୋତିବାବୁଙ୍କୁ ଶୁଆଇ ଦେଇ ସଉରଅ କୁରୁତା ଓ ଇସ୍ମାଇଲର ପଗଡ଼ୀ ଏକାଠି ମୁଡ଼ୁଲା କରି ତାଙ୍କ ମୁଣ୍ଡ ତଳକୁ ଦେଇଦେଲେ । ମୋତି ବାବୁଙ୍କ ଚେତା ବୁଡ଼ିଯାଇଥାଏ । ଇସ୍ମାଇଲ ଖାଲି ହାଉଳି ଖାଉଥାଏ; ରକ୍ତ ବନ୍ଦ ହବାକୁ ନାଇଁ—କି ହାଲତ ହବ କେଜାଣି ? କି ଯୋଗରେ ମୁଁ ଆଇଲିଟି ସାଙ୍ଗରେ । ସଉରଅ ତାକୁ ଦମ୍ଭ ଦଉଥାଏ—କିଛୁ ହବ ନାଇଁ ମ ଭାଇ । ଔଷଧ ଦେଇ ବେଣ୍ଡେଜ କରି ଦେଇଚି । ଏଇନେ ରକ୍ତ ବନ୍ଦ ହୋଇଯିବ; ଦେଖିବ ଥା । ମତେ ପର ହାତଧରି ତିନି ବର୍ଷ କାଳ ସବୁ ଶିଖେଇଚନ୍ତି ଆମବାବୁ । ସଉରସ୍ୟା ଧାଇଁ ଯାଇଁ କୁଅରୁ ନୋଠାଏ ପାଣି ଅଣି, ନିଜ ଲୁଗାପଣତ ତନ୍ତେଇ ମୋତିବାବୁଙ୍କ ମୁହଁରୁ ରକ୍ତ ଦାଗସବୁ ପୋଛି ଦେଲା; ତେବେ ବି ରକ୍ତ ବନ୍ଦ ହଉନି କି ଚେତା ହଉନି ।

—ଷାଏ ଚଉଡ଼ଦଶ—

ସଜରସ୍ୟାଙ୍କୁ ଭାରି ଘାବରା ଲାଗିଲା । ସେ ମୋଟରବାଲାର ଗୋଡ଼ ପାଖରେ ବସି ଅଣ୍ଟିସି ହଜଥାଏ—ଠାକୁରଙ୍କୁ ଡାକୁଥାଏ ।

× × × ×

ମରୁଆ ଆଉ ତା ବାପା ବି ଆଗ ରାତିଠାରୁ ନରସିଂପୁର ବସ୍‌ରେ ଆସି ରାତି ଦୁ' ଘଡ଼ିକେ ଅସି ହାଡ଼ୁଆନଈ ପାରହେବା ବେଳକୁ ବସ୍ ବିଗିଡ଼ି ଗଲା । ସେତେବେଳକୁ ରାତି ଦୁ' ଘଡ଼ି ହବ । ରାତିରେ ଗଛମୂଳେ ପଡ଼ିରହି ରାତି ନ ପାହୁଣୁ ବାଟ ଚାଲି ଥକା ହୋଇ ଚଉପୁର ପାଖରେ ପହଞ୍ଚିଲା ବେଳକୁ ଖୁବ୍ ଠାଣ୍ଡି-ଠାଣ୍ଡିଆ ଖରା ହୋଇଗଲାଣି । ମରୁଆ କହିଲା—ବାପା, ଏ ବଙ୍ଗଳା ପିଣ୍ଡାରେ ଟିକିଏ ଥକାମାରି, ଶୀଘ୍ର ନଇଁଲେ ଗୋଟି ଗୋଟି ହୋଇ ଚାଲି ଚାଲି ଯିବା ଆଉ କଣ କରିବା । ବାପା କହିଲା—ଚାଲୁନୁ ଟିଅ, ଗାଁ ଭିତରକୁ ସେଠି ହେଲେ ଭୁଜା ଫୁଟା ମିଳିବ । ମରୁଆ ନାହିଁ କଲା—କିଏ କାଳେ ଚିହ୍ନିବ—ଟିଙ୍ଗାସି-କରି କେତେ କଥା କହିବେ—ତତେ ବାଧିବ । ଏଇ ବଙ୍ଗଳା ପିଣ୍ଡାରେ କି ଚୌକିଦାର ଓଳାତଳେ ରହିଯିବା ଘଡ଼ିଏ । ଚୌକିଦାର ତ ତା ଘରେ ପୂରେଇ ଦେଲା ନି—ବଙ୍ଗଳା ପିଣ୍ଡାରୁ ବି ହୁଲୁଟେଇଲା ତାଙ୍କୁ; ଏ ରଜା ବିଜେକରିବେ କାଲି; ତେଣେ ସବୁ ଅସନା ଅସକର କରିବ । ମରୁଆକୁ ଚାହିଁ ଟିକିଏ ନରମି ଗଲା କୋଉଠିକି ଯିବକି ପଚାରିଲା । ମରୁଆ କହିଲା—ବନ୍ଧୁ ଘରକୁ । ଚକପଡ଼ାଠି ଚୌକିଦାର ପ୍ରସନ୍ନ ହୋଇ ବେଳ-ବୁଡ଼ିଯାଏ ରହିବାକୁ ସବରାତ ଦେଲା । ପଛପାଖ ପିଣ୍ଡାରେ ଅଧେ ଖରା ଅଧେ ଛାଇରେ ପଡ଼ି, ବାଟ ଚାଲି ଥକା ହୋଇଥିଲା ହବଅ । ତାକୁ ଭାରି ନିଦ ଲାଗିଗଲା । ମରୁଆ ଚୌକିଦାରଠୁ

ମାଫି ମାଗିଲି, ସାତଟି ଭଦ୍ର ସ୍ୱତ ନ ପାହୁଣ୍ଡୁ ପିଣ୍ଡା ପହଣ୍ଡ ନିର୍ମଳ ଛରଦେଇ ବାପକୁ ସାଙ୍ଗରେ ଧରି ସେ ବାଠ ଧରିବ ନାସ୍ତେ । ହଁ । ଦେଖି—ରଜାବାଜେ ଛରବେଟି ପାହାନ୍ତା ଫୁଟଫୁଟିଆରୁ । ତେଣେ ସ୍ୱଭ ନ ପାହୁଣୁ ପଳେଇଥିବଟି—ଗୁଡ଼ି । ମନ୍ଦୁଆ ହଁ ଭରିଲା । ସ୍ୱଭ ପାହାନ୍ତିଆ ମଠରଗାଡ଼ି ଧକା ଖାଇବା ଅବାଜରେ ମରୁଆର ଗୃଉଁକା ନିଦ ଭାଙ୍ଗିଗଲା । ରଜା ବା଼ଜକଲେ ପରି, ସେ ବାପାକୁ ଉଠେଇଲା ; ପିଣ୍ଡା ଓଲେଇଆଲେଇ ନିର୍ମଳ ଚଣ ବାଡ଼ିପଟେ ଗୁଲି ସେ ଗଗଡ଼ ଉପରକୁ ଉଠିବା ବେଳକୁ ଦେଖିଲା ମଠରଠାଏ ଭାଙ୍ଗିକରି ରାସ୍ତା କଡ଼ରେ ପଡ଼ିଚି । ଗାଡ଼ି ପାଖକୁ ଯାଇଁ ଦେଖିଲା ମାତ୍ରେ ସେ ଚହଲିଲା । —ମୋତିବାବୁଙ୍କ ବେଗ୍ ଦେଖି ତାର ଆଉ ସନ୍ଦେହ ରହିଲା ନି—ଭୂଇଁ ଉପରେ ରକ୍ତ ଦାଗ ଦେଖି ସେ ବାଉଳା ହେଇଗଲା । ହିଆ ହିଆ ବୋଲି ହରିଆ ପାଟିକରି ପଛରେ ଡାକୁଚି, ମନ୍ଦୁଆ ଏକା ନିଶ୍ୱାସରେ ଯାଇଁ ବଙ୍ଗଳା ପିଣ୍ଡାରେ ହାଜର—ଆଉ ପାହୁଣ୍ଡେକେ ସାନଘର ଭିତରକୁ ପଶି ମୋତିବାବୁଙ୍କ କୁଣ୍ଢେଇ ପକେଇ ଭେ ଭେ ହେଇ ଡକା ପକେଇଲା । ପାଟିରେ କାନ୍ଦୁ ମେଞ୍ଚାଏ ପୁରେଇ ଡକାପାଡ଼ିବାଠୁ କୌଣସିମତେ ସମାଳି, ମୋତିବାବୁଙ୍କ ମୁହଁ, ମୁଣ୍ଡ, ବେକ ଆଉଁସି ପକେଇଲା; କାନିରେ ପୋଛିଦେଲା—ଲହୁରେ ଜୁଡ଼ୁବୁଡ଼ୁ ହେଇ ଭିଜି ଯାଇଥାଏ ତା କାନି । ଛାତି ଉପରେ ଲେଟି ପଡ଼ି , ମୋତିଙ୍କ ମୁହଁକୁ ଦି’ ହାତରେ ଯାବୁଡ଼ି ଧରି ସେ କେତେ ଗେଲ କଲା, ପୁଣି ତାଙ୍କ ଛାତି ଉପରେ ମୁହଁକୁ ପୋତି କରିଁ କରିଁ ହେଇଗଲା । ଇସ୍‌ମାଇଲ କାବା ହେଇ ଚୁହିଁଥାଏ । ସଉଦିଆ ମନ୍ଦୁଆକୁ ଚହଲିଲା କହିଲା "ଗାଡ଼ି ଧକା ହେଇଗଲା ଗଛରେ । କାଚ ଭାଙ୍ଗି ବେକରେ ମୁଣ୍ଡରେ ପଶି ଗହିଡ଼ା ହେଇ କଟିଯାଇଚି । ରକ୍ତ ବନ୍ଦ ହଉନି ଜମାରୁ ।

— ଶଏ ଛୁଟଣ —

ବେନ୍‌ଜିନ୍ ଦେଇ ତୁଳା ଦେଇଚ ନଦେଇ ; ଭଙ୍ଗ ଦେଇଚ !
ମଲୁଅ ବହୁ କଷ୍ଟରେ ନିଜକୁ ବୋଧିନେଲ । ସଜରଅଙ୍କୁ କହିଲ—
ଧାଇଁଯା ସେ ଔଷଦ ବାକ୍ସ ନେଇଅ ଗାଡ଼ି ପାଖରେ ପଡ଼ିଚ ।
ମ୍ନୁଷି, ତେମେ ଟିକିଏ ଯାଅନ୍ତ କି କୋଠି ଚଉକିଅଙ୍କୁ କହନ୍ତ
ତା ଗାଈ ଦୁହିଁ ଦଅନ୍ତା । ମୁଁ ଟିକିଏ ଆଉଟି ଅଣନ୍ତ ଚଲି ନଗେଇ ।
ହାକିମର ହୁକୁମ ପରି ମାନି ଇସମାଇଲ ଚଉକିଅଙ୍କୁ ମଟଙ୍ଗଇ ଦୁଧ
ଦୁହିଁାଇଲ । ବାକସ ଅଣିବାରୁ, ମଲୁଅ ତା ଭିତରୁ ସ୍ପିରିଟ୍ ବୋତ-
ଲଟା କାଢ଼ି—ଏଣୁ ତେଣୁ ଯାହା ଗୁଡ଼ାଗୁଡ଼ି କରିଥିଲ ସଜରଥୁ,
ତାକୁ ସବୁ ଖୋଲି ସ୍ପିରିଟରେ ଭଲକରି ଦେକ ଆଉ କପାଳର
କଟା ଜାଗାରେ ପୋଛିଲ । ଆହୁରି ବେନ୍‌ଜିନ୍ ଭିଜା ତୁଳାରେ
ଭଲକରି ବ୍ୟାଣ୍ଡେଜ୍ କଲ । କଟା ଜାଗାସବୁ ଭଲ କରି ଲୁଗାରେ
ଯୋଡ଼େଇ ସଜପାଣି ଆଣି ମୁହଁରେ ଭଲକରି ଛିଟି ଦେଲାରୁ
ମୋତବାରୁ ଆଖି ମେଲଇ ଚ୍ଚରିଅଡ଼େ ଚାହିଁଲେ । ମଲୁଅ ମୁହଁକୁ
ନିରେଖି କରି ଚାହିଁଲେ କିଛି ବେଳ । ଆଖିବୁଜି ଦେଇ ଫେରି
ଥରେ ଭଲକରି ଚାହିଁଲେ—କ୍ଷୀଣ ସ୍ୱରରେ ପଚାରିଲେ—କିଏ
ମଲୁଅ । ମଲୁଅ ଆଉ ନିଜକୁ ସମାଳି ପାରିଲ ନି । ତାଙ୍କ ଛାତି
ଉପରେ ମୁହଁ ପୋତି ଦେଇ ତାଙ୍କ ଦହକୁ ଦି' ହାତରେ କୋଳେଇ
ଧରି କଇଁ କଇଁ ହେଇ କହିଲ—ହଁ ତମରି ସେଇ ପୋଡ଼ା
ମୁହିଁ, ହୀନକପାଳି ମଲୁଅ; ଯାହା ନାଗି ତେମେ ଏ ଦଶା
ଭୋଗିଲ ଅଜି । ଏ ହଣା କଟା ଦେଖିବା ଆଗରୁ ଅଲାଜୁକୀର
ଯାହା ମରଣ ହେଲ ନି ? ମୋତକଥା କହି ପାରିଲେ ନି । ସେ
ମଲୁଅ ମୁହଁକୁ ଦି' ହାତରେ ଟେକି ଧରି ତାର ଲୁହରେ ଭସା
ଗହୀର ଆଖି ଭିତରକୁ ଆଖି ନ ପିଛାଇ ଚାହିଁ ରହିଲେ । ମଲୁଅ—ସେ
ନିଲଜୀ ମୁହଁକୁ ଆଉ ଚାହିଁନା ମ ମୋତ । ସେଇ ଅଲକ୍ଷଣୀ

ମୁହଁ ତମକୁ ଦେଖେଇବି ନା—ତମ ଉପରେ ବୋଝ ହେବି ନା—କି ତମ ମୁଣ୍ଡରେ କଳଙ୍କ ବୋଝ ଦେବି ନା ବୋଲି ବନ୍ଦୀଶାଳାରୁ ମୁକୁଳି ବଣ ଭିତରେ ଲୁଚି ରହୁଥିବି ବୋଲି ପଳେଇ ଆସିଲି ଯେ—ଏଇଆ ଦେଖିବାକୁ କଣ ଏ ଆଖି ଦିଟା ଫୁଟି ନ ଯାଇଁ ରହୁଥିଲା । ମଲୁଆ ମୁହଁଟିକି ଟାଣିଆଣି ନିଜ ଗାଲ ଉପରେ ରଖି ମୋତି କହିଲେ ତୁ, ସେମିତି କହନ୍ତୁ ନା ମଲୁଆ । ଦରକାର ହୋଇଥିଲେ ଯମପୁରକୁ ପରା ଯାଇଥାନ୍ତି ତୋପେଇଁ ଇଏ ଗୋଟାଏ କଣ ହେଇଚି କି । ଆଜି ଏଣିକି ଖସି ପଳେଇ ପାରିବୁ ନା ତୁ । ତତେ ଏଇଠି ଏଇ ଘୁଞ୍ଚି ଭିତରେ ପୂରେଇ ରଖିଦେବି । ଇସ୍‌ମାଇଲ୍ ଦୁଧ ଆଜିଟି ଗୋଟାଏ କଂସାରେ ଧରି ଆଣି ପହୁଞ୍ଚିଲା ଏତିକି ବେଳକୁ । ସଜରିଆ ତାକୁ ତରବର ହେଇ ଶୀତଳ କରି ବସିଲା । ମଲୁଆ ଉଠିଆସି, ଅଳ୍ପଦୁଧ ଟେକିଆଣି ଆଣିଥିବା ଚଟକା ପିଲ୍‌ଟରେ ଶୀତଳେଇ ଚୁମୁକ ଚୁମୁକ କରି ମୋତିଙ୍କି ଖୁଆଇଦେଲା । ଖାଇଦିଅ, ଟିକିଏ ହେଲେ ବଳ ହେଲା ପରି ନାଚିବ । ମୋତି ଦୁଧତକ ଅଳ୍ପ ଅଳ୍ପ କରି ପିଇ-ଦେଲେ । ସତକୁ ସତ ଟିକିଏ ତାଙ୍କର ବଳ ଫେରିଆସିବା ପରି ନାଚିଲା । ସେ ଉଠିବାକୁ ବାହାରିବାରୁ, ମଲୁଆ ତାଙ୍କୁ ଧୀର କରି ପୁଣି ଶୁଆଇଦେଲେ । ଏପର୍ଯ୍ୟନ୍ତ ରକ୍ତ ବନ୍ଦ ହୋଇନି ପରା କଟାଜାଗାରୁ ସବୁ । କେମିତି ତମକୁ କଟକ ନେଇ ପଳେଇ ପାରନ୍ତି କି—କିଚ୍ଛି ବୁଦ୍ଧି ଦିଶୁନି ମତେ । ତମ ଗାଡ଼ି ଚାଲି ପାରିବନି ତ । ମୋତି—ଚାଲି ପାରିଲେ ବି ଚଲେଇବ କିଏ—ତୁ ? ମଲୁଆ ହସି କହିଲା—ସେତିକି ଯୋଗ୍ୟତା ଥିଲେ ମୁଁ ଯାଇଁ କୋଉଠି ଉଠନ୍ତିଣି । ମୋତି—କୋଉଠି ଉଠନ୍ତ ଯାଇଁ ମୋ ମୁଣ୍ଡ ଉପରକୁ ? ମଲୁଆ—ନା, ତମ ପା’ତଳକୁ । ମୋତି—ଏତେ ତଳକୁ

ତୁ ଯାନି ମନୁଆ । ତୋ ଥାନ ବନ୍ଧୁତ ହଙ୍ଗରେ, ଏଇ ସ୍ଥାନର ଗମ୍ଭୀର ଭିତରେ । ମନୁଆ—ଛି, ଛି, ମୋତି ମୁଁ ପରା ଅଛୁଅଁ ଘର ଝିଅ । ତମଠୁ କେତେ ସାନ । ମୋ ପାଇଁ ଏତେ ନିନ୍ଦା ଅପବାଦ କାହିଁକି ମୁଣ୍ଡାଇବ ମିଛରେ । ମୋତି—ଭଗବାନ ଦେହରେ ବଳ, ମୁଣ୍ଡରେ ବିଚାର, ଆଉ ସ୍ଥିତ ଭିତରେ ବିବେକ ଦେଇଛନ୍ତି ବୋଲି । ମନୁଆ—ହଜୁ; ତେମେ ଆଗେ ଭଲ ହୁଅ; ସେ କଥା ପଛେ ବିଚାରିବା—ଏବେ କଣ କରିବା କହ ନ—ମଟର ବସରେ ତ ତେମେ ଏ ଅବସ୍ଥାରେ ଯାଇ ପାରିବ ନି । ଯିବାକୁ ତ ଉଚିତ ନୁହେଁ—କଣ କରିବା—ବୁଦ୍ଧି ଦିଅ ନ । ମୋତି—ମୋ ବୁଦ୍ଧି କ'ଣ ତୋ ବୁଦ୍ଧିଠୁଁ ବେଶି ଯେ ମତେ ପଚାରୁଛୁ ।

ଏତିକି ବେଳେ ଗୋଟାଏ ମଟରଗାଡ଼ିର ହର୍ଣ୍ଣ ଶୁଭିଲା । ଚକ୍ରିଆ ତରତର ହୋଇ ଧାଇଁ ଆସିଲା—ରଜା ବାବୁ କଲେଣି ଆଜ୍ଞା । ମନୁଆ—ହଜୁ ଆସନ୍ତୁ । ତୁ ଏତେ ଡରୁଛୁ କାହିଁକି ? ଚକ୍ରିଆ—ଆଜ୍ଞା, ମୋର ଆଉ ମୁଣ୍ଡ ରହିବ ନି । କାହାକୁ ଗୁଡ଼ାଏ ଆଣି ପୂରାଇଛନ୍ତି ଆମ କୋଠିରେ ପଚାର ବସିଯିବେ ତ ଆଜ୍ଞା ଏହି ଗରିବଟା ଉପରେ । ମନୁଆ କହିଲା—କାହିଁ ନାଇଁ ଏତେ ଲୋକ ସବୁ ଏଠି ଅଛୁ, ଛତା ଦେଖେଇବାନି ଆମେ । ମୋତିବାବୁଙ୍କ ହାତ ଧୀରକିନି ତାଙ୍କ ସ୍ଥିତ ଉପରେ ଥୋଇଦେଇ ମନୁଆ ଝିଡ଼କି ପାଖକୁ ଆସି ଚାହିଁଲା । ରଜାଙ୍କ ମଟରଗାଡ଼ି କୋଠି ହତା ଭିତରକୁ ପଶିଲା । ତା ବାପା ଗଣ୍ଡିଗଠା ପିଟିରେ ବାନ୍ଧି, ବାଡ଼ି ଖଣ୍ଡେ ଧରି ପିଣ୍ଡାକୁ ଅଉଜା ଠିଆହୋଇଛନ୍ତି ତଳେ । ବାପାକୁ ଡାକି କହିଲା, ବାପା ଯା ନ ଚାଲି ବାଡ଼ିପଟକୁ । ହରିଆ ଝିଅର କଥା ମାନି ବାଡ଼ି ପଟକୁ ଚାଲି ଯାଉଥିଲା ; ଗାଡ଼ୀ ଭିତରୁ ଜଣେ କିଏ ଡାକ ଦେଲା—ହେ ହରି ପଧାନ, ଆରେ ଶୁଣ । ଯା'ନି ରହ । ଗାଡ଼ୀ

ଅସି ପିଣ୍ଡା ପାଖରେ ରହିବାରୁ ଚଉକିଆ ଗାଡ଼ୀ ପାଖରେ ଖଣ୍ଡେ ଦୂରେ ଥାଇ, ତିନିଥର ସାଷ୍ଟାଙ୍ଗ ଦଣ୍ଡବତ କରିସାରି ; ତିନିଥର ହାତରେ ଭୂଇଁ ଛୁଇଁ ଛାତିରେ ମାରି ମୁଣ୍ଡରେ ମାରିଲା । ରଜା ପଚାରିଲେ—କୋଠିରେ ଅଉସବୁ କିଏ ? ଇସ୍‌ମାଇଲ୍ ଜମାଦାର ଏତେବେଳକୁ ଗାଡ଼ିପାଖକୁ ଯାଇଁ ପୁଲିସ କାଇଦାରେ ସଲାମ କରି କହିଲା—ହଜୁର, କଟକରୁ ଡାକ୍ତରସାହେବ ନରସିଂପୁର ଯିବା ବାଟରେ ମଟର ଧକା ହୋଇଗଲା ଆଗ ସାମନା ଶାଳ ଗଛଟି, ବେକରେ ଆଉ ମୁଣ୍ଡରେ ଜବରଦସ୍ତ ଚୋଟ ଲାଗିଛି । ବାଟରେ ଓଲଟି ପଡ଼ିଥିବା ମଟରଗାଡ଼ି ଦେଖିଥିଲେ—ପୁଲିସ ଜମାଦାର-ଠଉଁ କୈଫିୟତ ପାଇଲେ ଡାକ୍ତରସାହେବ ବୋଲି ଜାଣିଲେ । ରଜା ବହୁତ ନରମି ଗଲେ, କହିଲେ—ଠିକ କରିଚ ଜମାଦାର । ଗୁଲିଲ ଦେଖିବା ଡାକ୍ତର ସାହେବଙ୍କର କଣ ହୋଇଚି ? ରଜା ଗାଡ଼ିରୁ ଓହ୍ଲାଇ ଘର ଭିତରକୁ ଯାଇଁ ଡାକ୍ତରବାବୁଙ୍କୁ ନମସ୍କାର କଲେ । ତାଙ୍କର କଅଁଳ, ପିଲାଳିଆ ମୁହଁ ଦେଖି ତାଙ୍କ ପ୍ରାଣ ତରଳିଗଲା । ମରୁଆ ରଜାଙ୍କୁ ତଳେ ମୁଣ୍ଡିଲଗେଇ ଦଣ୍ଡବତ କଲା । ରାଜା ପଚାରିଲେ—ଆଘାତ ବେଶି ଗୁରୁତର ହୋଇନି ତ ? ମୋତି-ବାବୁ କହିବା ଆଗରୁ ମରୁଆ କହିଲା—ହୋଇଚି ଅଜ୍ଞା । ରଜା, ଆମ ଗଡ଼ ଡାକ୍ତରଖାନାକୁ ସାଙ୍ଗେ ସାଙ୍ଗେ ନେଇଗଲେ ତ ହୁଅନ୍ତା । ମୋତି କହିଲେ—ନାହିଁ ରଜାସାହେବ; ସାଙ୍ଗେ ସାଙ୍ଗେ ଯେବେ କଟକ ହସପିଟାଲକୁ ଯାଇପାରନ୍ତି । କଥା ନ ସରୁଣୁ ରଜା କହିଲେ—କିଛି କଥା ନାହିଁ । ଆମ ଗାଡ଼ିରେ ଆପଣ ଚାଲି-ଯାଆନ୍ତୁ । ମୁଁ ଭାବୁଚି ଆପଣ ଆଉ ଘଣ୍ଟାଏ ଦି'ଘଣ୍ଟା ବିଶ୍ରାମ ନିଅନ୍ତୁ, ତାପରେ ଯିବେ । ଏଇନା ୭ଟା ବାଜିଚି, ଆପଣ ୧୦ଟା ବେଳକୁ ବାହାରିଗଲେ ବି ଉପରଓଳି ୩ଟା ସୁଦ୍ଧା ଡାକ୍ତରଖାନାରେ

ପହଞ୍ଚିବେ । ମୋଣ୍ଡ କହିଲେ—ରାଜାସାହେବ ସେଥିକି ଅନୁଗ୍ରହ କଲେ ବଡ଼ ଉପକୃତ ହେବି । ରାଜା—ଏଥିରେ ଆଉ ଅନୁଗ୍ରହ କଥା କଣ କହିଲ । ଆପଣ ମୋ ରାଜ୍ୟରେ ଏ ଅବସ୍ଥାରେ ପଡ଼ିଚନ୍ତି—ମୁଁ ତ ବସିଥିଲି ଗାଡ଼ି ପଠେଇ ଡାକ୍ତର ଔଷଧ ସବୁ ଆମ ଗଡ଼ ଡାକ୍ତରଖାନାରୁ ମଗେଇ ଦିଅନ୍ତି । ମୋଣ୍ଡ—ନାହିଁ ଆଜ୍ଞା । ମୁଁ କଟକ ଡାକ୍ତରଖାନାକୁ ଗଲେ ସବୁ ପ୍ରକାର ସାହାଯ୍ୟ ପାଇବି । ରାଜା—ସତକଥା । ମୁଁ ତ ଏଠି ରହୁଚି—ଯେତେବେଳେ ଯାହା ଦରକାର ମୋ ଠାଉଁ ବିନା ବାଧାରେ ମାଗିବ । ମରୁଆ ମୁଣ୍ଡଠୁଙ୍ଗାର ହଁ ଭରିଲା । ରାଜା ମୋଣ୍ଡବାବୁଙ୍କ ସାଙ୍ଗରେ କଥା ହେବା ବେଳେ, ରାଜାଙ୍କ ଶଳା ସାଙ୍ଗରେ ଆସିଥିଲେ ସେ ହରିଆକୁ ଗାଡ଼ିଠାଉଁ ଖଣ୍ଡେ ଦୂରକୁ ଡାକି-ନେଇ; ତା ସାଙ୍ଗରେ କଣ ସବୁ କଥା ହଉଥିଲେ ; ହାତ ମୁଣ୍ଡ ହଲେଇ ଭାରି ଉତ୍ତେଜିତ ହେବାପରି ଜଣାପଡ଼ୁଥିଲା । ହରିଆ ହାତଯୋଡ଼ି ମୁଣ୍ଡ ହଲଉଥାଏ ଖାଲି, ତା ମୁହଁ ଭାରି ଖୁସି ଭାରି ଫୁଲକିଆ ଦିଶୁଥାଏ । ଲୁଗାପଠା ଘୁଡ଼ି ରଜା ଦାଣ୍ଡ ବାରଣ୍ଡାକୁ ଆସି ପଚାରିଲେ—କି ହୋ ଠିକେଇ, ତମର ତ ଆଜି ବିଶ୍ୱାସ କଥା କଣ ସରିଲା । ଠିକେଇ ହାତଠାରି ଜଣେଇଲେ—ହଁ ଯାଉଚି, ଆଜି ଟିକିଏ ସତାର କର । ପୁଣି ଯେତେବେଳ ଯାଏ କଣ କଥା ହେଲେ, ସେତେବେଳକୁ ରଜା ଘରଭିତରକୁ ଯାଇ ବନ୍ଧୁକ ଭଲହେଇ ସଫା ହେଇନି ବୋଲି ଗୃହକରକୁ ଯା କିଛି ଶୋଧୁ-ଥାଅନ୍ତି ।

ଠିକେଇ ହରିଆକୁ ସାଙ୍ଗରେ ନେଇ ବଙ୍ଗଳାକୁ ଆସିଲେ—ଆହୁଁ ଦେଖିବା ଟିକିଏ ସେ ଟୋଅକୁ । ହରିଆ କହିଲା—ମଣିମା, ଆପଣ ତାକୁ କିଛି କହିବେ ନି ଏଇନେ । ବେଳ ଉଣ୍ଡି ମୋ

ଝିଅକୁ ମୁଁ ସବୁ କଥା ଫିଟେଇ କହିବି । ଡାକ୍ତର ବାବୁଙ୍କ ଯୋଗେ ସେ ଏଇନେ ଭାରି ମନମରା ହୋଇ ରହିଚି, ଯୋଉଦିନେ ଜାଣିବ ସେ ମୋ ଝିଅ ନୁହେଁ, ତା ମନ ଦଶଖଣ୍ଡ ହୋଇଯିବ ପରା । ରଙ୍କରତନ ଭଳି ମୁଁ ତାକୁ କେତେ ଦୁଃଖେ ପାଳିପାଳି ଆସିଚି । ଆଉ ସେ ଝିଅଟା ବି ମତେ ଭାରି ଯେନ୍ନାଥାଏ ମଣିମା । ଏମିତି ଝିଅ ଖଣ୍ଡେ କେହି କାହିଁ ହବନି ପରା ଆଜ୍ଞା । ପରଧନ ପରହାତକୁ ଯିବ ସତଯେ ମଣିମା ; ସେ କଥା ଭାବିଲାକୁ ମୋ ଛାତି ଫାଟି ଯାଉଚି । ହରିଆ ବରଣ୍ଡାଉପରକୁ ଆସି ଡାକିଲା ଝିଅ ଲୋ; ଆ ଠିକେଇ ସାଆନ୍ତଙ୍କୁ ଜୁହାର କରୁ । ମରୁଆ ଲାଜ ଲାଜ ହୋଇ ଆସି ଠିକେଇଙ୍କି ଜୁହାର କରି, ମୁହଁ ପୋତିକରି ଠିଆହେଲା । ଠିକେଇ ଖୁବ୍ ଦମ୍ଭ ଧରିଥିଲେ ସତ, ମରୁଆକୁ ଦେଖି ସେ ଆଉ ଦମ୍ଭ ରଖିପାରିଲେ ନି । ମରୁଆ ମୁହଁଟିକି ହାତରେ ଉଆଁଳେଇ କରି ଟେକି କହିଲେ—ଟିକିଏ ମୋ ଆଡ଼କି ସଳଖ କରି ଚାହାଁତ ମା । ଲାଜ ସଙ୍କୋଚରେ ମରୁଆର ଗୋରା ମୁହଁ ରଙ୍ଗ ପଡ଼ିଯାଇଥିଲା; ସେ ଦଣ୍ଡେ ଠିକେଇଙ୍କ ଆଡ଼କୁ ସଳଖି ଚାହିଁ ଚି କି ନଚାହିଁଚି, ଆଖି ତଳକୁ କରିଦେଲା । ଠିକେଇ ଖୁସିରେ ନିଜକୁ ପାଶୋରି ପକେଇଥିଲେ । କହିପକେଇଲେ—ଠିକ୍ ଅବିକଳ ତ । ସେଇ ଆଖି, ସେଇ ନାକ ସେଇ ମୁହଁ, ରଙ୍ଗବି ଠିକ୍ ସେଇ ତ । ଅବିକଳ ଛୁଅଁ ଉତାରି ଆଣିଚି । ହରିଆ କହିଲା—ଝିଅ ଲୋ; ଡାକ୍ତର ବାବୁ ଡାକିଲେ ପରା ତୋତେ । ମରୁଆ ତରବରରେ ଘର ଭିତରକୁ ପଶିଗଲା । ସେ କାବା ହୋଇ ଭାବିଲା—ଠିକେଇ ଇଏ କିଏ ମ ? କାହାପରି ଅବିକଳ ଛୁଅଁ ଉତାରି ଆଣିଚି କହିଲେ ମ ? ସେ ଭାବି ଥଳକୂଳ ପାଇଲାନି କିଛି ।

ରାଜାଙ୍କ ଗାଡ଼ୀ ପଛ ସିଟ୍‌ରେ ମୋତିବାବୁ ଶୋଇଲେ, ତାଙ୍କ ଗୋଡ଼ ପାଖକୁ ମରୁଆ ବସିଲା, ସଙ୍ଗରିଆ ସେଇଠି ତଳେ ବସିପଡ଼ିଲା ।

— ଶଏ ଉଇଆଲଶ —

ଅଗ ସିଟରେ ଡ୍ରାଇଭର ସାଙ୍ଗରେ ମଲୁଆବାପା ଆଉ ଜମାଦାର-ଜୀବ ବସିଲେ । ଗାଡ଼ୀ ବାହାରିବା ବେଳକୁ ରାଜା ଗାଡ଼ୀ ପାଖକୁ ଆସି ପଚାରିଲେ—କିଛି ଅସୁବିଧା ଲାଗୁନି ତ । ମୋତି କହିଲେ—ଆପଣ ଯାହା ଅନୁଗ୍ରହ କଲେ ଆଜି ରାଜାସାହେବ । ଜୀବନରେ ଭୁଲି ପାରିବି ନି—ଯେତେବେ ଜୀବନ ରହେ । ମଲୁଆ ମୋତିପାଟିକି ହାତରେ ଜାବୁଡ଼ି ଧରିଲା—ଛି, ଏମିତି କାଳ ତୁଣ୍ଡରେ ଧରନ୍ତି ? ରାଜାଙ୍କ ଚାକର ଧାଇଁ ଆସି ଗୋଟାଏ ବଡ଼ ଫ୍ଲାସ୍କରେ ଗରମଦୁଧ ଦେଇଗଲା ବାଟପାଇଁ । ମୋତିବାବୁ କହିଲେ—ଆଜ୍ଞା ମୋ ଗାଡ଼ୀଟା କଥା ଆପଣଙ୍କୁ ନାଗିଲା । ମୁଁ ଯାଇଁ ଲୋକ ପଠାଇବି ଯେ ।

ମୋତି ବାବୁ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ପ୍ରାୟ ସଞ୍ଜ ପାଅଁଟା । ଡାକ୍ତର ପଞ୍ଚାଏ ଘେରି ଯାଇଁ ମୋତି-ବାବୁଙ୍କୁ ନର୍ସିଂହୋମକୁ ଗୁନେ୍ୟ ଗୁନେ୍ୟ ଠେଲିନେଲେ । ସାଙ୍ଗେ-ସାଙ୍ଗେ ସବୁପ୍ରକାର ଚିକିତ୍ସା ଆରମ୍ଭ ହୋଇଗଲା । କେତେ ଜଣ ଫୋଡ଼ାଫୋଡ଼ି ଚାଲିଲା । ନୂଆକରି ଫେରି କଟାଜାଗା ସବୁ ଧୋଇ ବାନ୍ଧି ଦିଆଗଲା । ତାଙ୍କ ସାଙ୍ଗ ଡାକ୍ତର ମାନେ କହୁଥାନ୍ତି—କଣ ଗୋଟେ ହୋଇଚି ଯେଏତେ ମନକୁ ମାରିଦେଇଚୁ ମ ମୋତି । ମୋତି କହିଲେ—ଯୋଉ ଅପନ୍ତରା ରାଜ୍ୟରେ ଯାଇଁ ପଡ଼ିଥିଲି—କେହି ଯେମିତି ସାହା ଭରସା ନ ଥିଲେ; ଏଇ ମଲୁଆଟା ନ ଥିଲେ ମୁଁ ଜୀବନ ପାଇ ନ ଥାନ୍ତି । ଆଉ ସେ ରଜାଟି ବଡ଼ ମହତ ଲୋକ, ସେ ଗାଡ଼ୀ ଦେଲେ ବୋଲି ସିନା ଏଠିକି ଆସି ତମ ମାନଙ୍କ ମଝିରେ ଆସି ପହଞ୍ଚିଲି ଏତେ ତୁରନ୍ତ । ନଇଲେ ରକ୍ତ ଯେମିତି ବନ୍ଦ ହଉନଥିଲା କଣ ହୋଇଥାନ୍ତା କେଜାଣି । ଅପଢ଼ା ଡାକ୍ତରଣୀ ଏ ମଲୁଆ ବଚୁର ତା ନୂଗା ସବୁ ଟିକି ଟିକି କରି ଚିରି ପଟି ବାନ୍ଧିଚି ମୋ ଦେହ, ମୁହଁ ସାରା । ଡାକ୍ତରଯାକ ସବୁ ଘେରି ଥାନ୍ତି ବୋଲି ମଲୁଆ ମୋତିଙ୍କ ଗୋଡ ପାଖକୁ ଖଟକୁ ଧରି ଠିଆ ହୋଇଥାଏ ।

— ଶଏ ତେଇଆଳିଶ —

ସମସ୍ତେ ତା ଅଡ଼କୁ ଚାହିଁଲେ—କିଏ ମ ଇଏ ? ଅନେକ ବେଳ ପରେ ଡାକ୍ତର ରଥ ଚିହ୍ନିଲେ—ମଲ୍ଲୀ—ମୁଁ ଚିହ୍ନିପାରୁନି; ସେ ଯୋଉ ଝିଅଟି ଲାଇଟ୍‌ନିଂ ଶକ ହେଇଥିଲା, ତେମେ ଆଣି ଡାକ୍ତର-ଖାନାରେ ଏଡ଼ମିସନ୍ କରେଇଥିଲ, ସେଇ ନା ମୋତି ? ମୋ—ମୁଁ ତାକୁ ମରଣ ହାତରୁ ବଞ୍ଚେଇଥିଲି ବୋଲି ସେ ମୋତେ ଅବିକଳ ସେଇ ଅବସ୍ଥାରେ ମୋ ମଲ୍ଲୀ ଦେହରେ ଜୀବନ ଫେରେଇଦେଲା । ଉପକାରକୁ ବଦଳ ବରାବର ଲାଗି ରହିଚି । ଭଗବାନଙ୍କର ଏ ବଡ଼ ବିଚିତ୍ର ଦୁନିଆ ଡାକ୍ତର ରଥ । ହେ ଗୋଟାଏ ବଡ଼ ଭୁଲ ହେଇଯାଇଚି; ତମେ କେହି ଜଣେ ଯିବଟି ଫୋନ କରିବ ଆମ ଘରକୁ । ବାପାଙ୍କୁ ଟିକିଏ ଖବର ଦବା ଉଚିତ ଥିଲା ଏଠି ପହଞ୍ଚିଲା କ୍ଷଣି—ଯିବଟି ଯିବଟି । ମଲୁଅ କହିଲା—ମୁଁ ସଜରଅକୁ ସାଇକେଲରେ ଦଉଡ଼େଇ ଦେଇଚି, ଆସି ପହଞ୍ଚିବ ଦଣ୍ଡକେ । ବାପା ଆସି ଏଇନେ ପହଞ୍ଚିବେ କି କଣ । ମଲୁଅ ପାଟିରୁ କଥା ସରିନାହିଁ—ରମେଶବାବୁ, ତାଙ୍କ ସ୍ତ୍ରୀ ଆଉ ତାଙ୍କ ସାଙ୍ଗରେ ନମିତା ଧଇଁସଇଁ ହେଇ ଆସି ପହଞ୍ଚିଲେ । ମୋତି ମା ଲୋକଲଜ୍ଜା ସବୁ ପାଶୋରି ଦେଇ ମୋତିକୁ କୁଣ୍ଢେଇ ପକେଇ ଭେ ଭେ କରି କନ୍ଦା ପକେଇଲେ । ରମେଶବାବୁ ମୋତି ମୁଣ୍ଡବାଳ ଆଁଉଁଶେଇ ଦଉଥାନ୍ତି, ବନ୍ଧ ଭାଙ୍ଗିଲା ପରି ତାଙ୍କ ଦି' ଆଖିରୁ ଲୁହ ଧାର ଛୁଟିଯାଉଥାଏ । ନମିତା ମୋତିଙ୍କ ହାତ ଦିଓଟି ନିଜ ହାତ-ଭିତରେ ରଖି ଆଖି ଛଳ ଛଳ କରି ପକାଉଥାନ୍ତି; ତୁହାକୁ ତୁହା ରୁମାଲରେ ଆଖି ମଳିକରି ପୋଛୁ ପକଉଥାନ୍ତି । ଆଉ ସେମିତ ଖଟକୁ ଆଉଜା ମୋତିଙ୍କ ଗୋଡ଼ ଆଡ଼କୁ ଠିଆ ହୋଇଥାଏ ମଲୁଅ ଶିବ ପ୍ରତିମାଟି ପରି । ଡାକ୍ତରଯାକସବୁ ଘରୁ ବାହାରି ଯାଇ ପିଣ୍ଡାରେ ମେଳା ମେଳା ହଉଥାଆନ୍ତି ।

— ଶଏ ଭେଷଳ —

ଦେଖାଦେଖି କହାକହିର ପହିଲି ଉଚ୍ଛ୍ୱାସ କଟିଗଲା ପରେ ରମେଶ ବାବୁ କହିଲେ—ଦେଶର କାମ ଲୋକଙ୍କ ସେବା କରିବ ଯେ ମୋତି ନିଜକୁ ସିନା ବଞ୍ଚେଇ ସବୁ କରିବ । ଏମିତି ତୋ'ପରି ତ ମୁଁ ତାହାକୁ ଦେଖୁନି । ନମିତା ସେଥିରେ କଥା ଯୋଡ଼ିଦେଇ କହିଲେ—ମତେ ଜଣାଥିଲେ ମୁଁ କଣ ଛାଡ଼ିଥାନ୍ତି ତାଙ୍କୁ । ଗୃହଦାନ କାଲ ପରା ମତେ ନୂଆ ନୂଆ ବୁଲିଲେ । ଅନାଥାଶ୍ରମ ବେଲ୍ ତ ଦଣ୍ଡେ ପାଣି ପିଇବାକୁ ତର ନାହିଁ ତାଙ୍କର । ଆଶ୍ରମ କଣ ତାହାକୁ ସର୍ଗକୁ ନବ । ଏଣିକି ମୁଁ ଆଉ ତାଙ୍କୁ ସେ ଆଶ୍ରମକୁ ଛାଡ଼ିବ ନାହିଁ କେତେକେ- ହେଲେ । ମାଙ୍କର ଆଖିରୁ ଲୁହ ସରୁ ନଥାଏ—ଏମିତି ଅମାନିଆ ହୁଅନ୍ତି କି ପୁଅ । ତୋ'ଛଡ଼ା ମୋର ବଂଶକୁଳରେ ଆଉ କିଏ ଅଛି ଭଲା କହିଲୁ । ଆଖିଠାରି ମନୁଆ ଆଡ଼କୁ ମା ପଚାରିବାରୁ ନମିତା କହିଲେ—ମଲା ସେଇ ଆଶ୍ରମର ଗୋଟାଏ ଟୋକାଟାଏ ମ । ମୋତି କହିଲେ—ସେଇ ପରା ମୋ ଜୀବନ ରଖିଲା ମା; ନହେଲେ ତୁ ମତେ ଦେଖି ଥାଆନ୍ତୁ କି ? ପୁଅ ମୁଣ୍ଡରେ ଗେଲ୍ ଟିଏ କରିଦେଇ ମା କହିଲେ—ଛି ପୁଅ, ସେ କଥା ମୁହଁରେ ଧରନି । ମନୁଆ ପାଖକୁ ମୋତିର ମା ପାଖ୍ଲେଟି ଯିବା ବେଳକୁ, ନମିତା ତାଙ୍କ ହାତ ଧରି- ପକେଇଲେ—କାନରେ କହିଲେ ଅଜାତ ଅଛୁଆଁ ଟା ପରା ମାଉସୀ । ହଉପଛେ, ମୋ ପୁଅକୁ ତ ବଞ୍ଚେଇଚି ସେ ବୋଲି କହି ମୋତି ମା ଯାଇଁ ମନୁଆକୁ କୋଳେଇ ପକେଇଲେ । ମନୁଆ ଊଁ କି ଚୁଁ କରୁ କହିଲାନି—ତା ଦି' ଆଖିକୋଣରୁ ଦି ଟୋପା ଲୁହ ମୋତିଙ୍କ ମାର ପାଦ ଉପରେ ପଡ଼ିଲା । କେତେବେଳ ପରେ ସମସ୍ତେ ବିଦା ହେଇ ଆସିବାକୁ ବାହାରିଲେ । ନମିତା ପଚାରିଲେ—ମୁଁ ହେଲେ ରହୁଚି ମୋତି । ପାଖରେ ତ କେହି ନାହାନ୍ତି । ମୋତି ମୁଣ୍ଡହଲାଇ ବାରଣ କଲେ—ଦିନସାରା ପାଳିକରି ନର୍ସ ସବୁ ଜଗନ୍ତି ପରା ଏଠି,

—ଷଏ ପଇଁ ଶୃଙ୍ଖଳ—

ଆଜି ତମେ ଇଚ୍ଛାରେ ତାହାଙ୍କୁ ରଖିବ । ସେମାନେ ଚାଲିଆସିବା ପରେ ନର୍ସ ଯେତେବେଳେ ଆସି ପଚାରିଲା ଆପଣଙ୍କ ପାଖରେ କିଏ ଆଜି ନିଜ ଲୋକ ରହିବ କି ? ମୋତି ମଉସା ଆଡ଼କୁ ଅଙ୍ଗୁଳି ଦେଖାଇ ଦେଲେ । ସେ ଖଟଉପରେ ବସି ମୋତିଙ୍କ ଗୋଡ଼ ଚିପି ଦଉଥାଏ ।

× × × ×

ମୋତି ନର୍ସିଂହୋମରୁ ବାହାରି ନ ଥାନ୍ତି । ଦେହ, ସଂପୂର୍ଣ୍ଣ ସୁସ୍ଥ ନ ହୋଇଥିଲେ ବି, ଆଉ ବିପଦର ଆଶଙ୍କା ନ ଥାଏ । ରାତି ପାହୁ ନଥାଏ । ମୋତି ନିଶ୍ଚିନ୍ତରେ ଶୋଇଥାନ୍ତି ବୋଲି ମଉସା ଉପର ବାରଣ୍ଡାରେ ବାଡ଼କୁ ଆଉଜି ଠିଆହୋଇ ଚାହିଁଥାଏ— ଧୀରେ ଧୀରେ ଫରଚୁ ହୋଇ ଆସୁଚି, ସରଗ ବେଳକୁ ବେଳ ରଙ୍ଗ ବଦଳାଉଚି, ନିଦରୁ ଗୋଟି ଗୋଟି କରି ଉଠୁଚନ୍ତି ସମସ୍ତେ, ସବୁ ଚୂପଚାପ ଜଡ଼ପରି ଥିବାରୁ ଏବେ ନିଦ ଭାଙ୍ଗି ଚହଲ ହେଇ ଉଠୁଚି । ଗହଳିଆ ଗଛର ମଥାନରୁ ଥିରି ଥିରି ହୋଇ ଆଲୁଅ ଓହ୍ଲେଇ ଆସୁଚି ଭୁଇଁ ଓପରକୁ—ବାଟଘାଟ ପଡ଼ିଆ ପଦାସବୁ ଗୋଟିକ ପରେ ଗୋଟିଏ ବାରିହୋଇ ଦିଶିଯାଉଚି । ମଉସା ଭାବୁଚି ଆଉ ଘଡ଼ିକେ ମଣିଷର ଗହଳ ଚହଲ ଭିତରେ ସବୁ ବୁଡ଼ି ହଜି ଯିବ । ଏମିତି ଗୋଟାଏ ସବୁଦିନିଆ ସୁଅ ମୁହଁରେ ଭାସି ଚାଲିଚି ଏଇ ସାରାଦୁନିଆ, ଆଉ ସେ ସାରା ଦୁନିଆର ଯେତେକ ଜୀବ । ନିଦରୁ ଚେତା ହଉଚି ଫେରି ଚେତାରୁ ନିଦ କୋଳରେ ପଶିଯାଇ ସବୁ ପାଶୋରି ଦଉଚି । ଦିନରାତି ଆସୁଚି ଯାଉଚି; ଫେରି ଆସୁଚି ପୁଣି ଯାଉଚି, ସେଦିନ ସମୁଦ୍ରକୂଳେ ଯେମିତି ଦେଖିଥିଲା ଲହଡ଼ି ଧଳା ଫଣାଟେକି ଗର୍ଜି ଆସୁଚି— କୂଳରେ ଭାଙ୍ଗି ଲେଉଟିଯାଇ ଫେରି

ଯାଉଚି ପୁଣି ସେଇ ଅଥଳ ନେଳ ଭିତରକୁ । ମନୁଆ ନାକକୁ ପାଶୋରଦେଇ ଗୁହିଁଚି କାକର ସାଇତା ଘାସ ପଡ଼ିଆକୁ ଖସି ପଡ଼ି ଚୁମ୍ବକ ପରି ଟକ ମକ କରୁଚି କେତେ ରଙ୍ଗରେ । ମନୁ ବୋଲି ଡାକରେ ତାର ଧ୍ୟାନ ଭାଙ୍ଗିଗଲା । ସେ ଘର ଭିତରକୁ ପଶି ଦେଖିଲା ମୋତି ଉଠିଲେଣି, ଭେରହେଇ ଖଟ ବାଡ଼ାକୁ ବସିଚନ୍ତି । ପାଖକୁ ଆସି ପଚାରିଲା—କି ହୁକୁମ ? ମନୁଆର ଯୋଡ଼ିଥିବା ହାତକୁ ମୋତି ହାତେକେ ଟାଣିନେଇ ପାଖରେ ବସେଇ ଦେଇ ଆର ହାତରେ ତା ମୁଣ୍ଡକୁ ନୁଆଁଇଁ ଗେଲଟିଏ କଲେ ।

ମନୁଆ ବଚାରିଲା—ଆଜି ରାତି ପାହାନ୍ତା ପରା ଏଠୁ ଚାଲିଯିବା କଥା ନାଇଁ । ମୋ—ହଁ, କଣ ହେଲା ସେଥିରୁ । ମନୁଆ—ନାଇଁ, କିଛି ନାଇଁ ଯେ ଖାଲି ଏମିତି ପଚାରୁଥିଲି । ମୋ—ତୁ ତ ଅକାରଣରେ କିଛି କଥା କହୁନୁ କି କରୁନୁ ମନୁ, ସତ କହ କାହିଁକି ପଚାରୁଚୁ ? ମନୁଆ ଚୁପ୍ ମାରିଗଲା କେତେବେଳ ଯାଏ; ମୋତି ଭୁହାଇ ଭୁହାଇ ପଚାରିଲେ । ମନୁଆ କହିଲା—ଏ କଣ କି ଏଠୁ ଚାଲିଯିବା ଯେ ଆଜି ରାତି ପାହିଲେ—ଆଉତ-- । ମୋତି--କଣ କହୁନୁ ଫିଟେଇ । ମନୁଆ ମୋତିଙ୍କ ଛାତି ଉପରେ ମୁହଁଟି ନୁଚେଇ କହିଲା—ଆଉ ତ ତମ ପାଖରେ ରହି ପାରିବି ନି ? ମୋତି ମନୁଆ ମୁହଁ ଟେକି ପଚାରିଲେ—ଓଃ ଏଇ କଥା । ମୁଁ ପରା ତତେ କଥା ଦେଇଚି ଆଉ ଛଡ଼ାଛଡ଼ି ହେବା ନି ଆମେ ଦୁହେଁ । ମୁଁ ମୋର କଥା ରଖିବି ନିଶ୍ଚେ । ହଁ ଶୁଣ ସେଇକଥା ସବୁ ତତେ କହିବି ପରା ଆଜି । ମୁଁ ଏଇଠି ପଡ଼ି ରହିଚି ସିନା ଏଇ ଖଟିଆ ଉପରେ ଅଠଦିନ ହବ । ମୁଁ ସାରା ଦୁନିଆର ଖବର ରଖୁଚି--ମୋର ବହୁତ ସାଙ୍ଗ, ମେଳ ଚର ସବୁ ଚାରିଆଡ଼େ ଖେଦ ରହିଚନ୍ତି । ମୁଁ ଶୁଣିଲି ନମିତା ସବୁ ତତେ ମତେ ନକେଇକରି କେତେ କଣ କହିଚି ବାପାମାଙ୍କୁ । ବାପା

ଏକାବେଳକେ ସ୍ୱର୍ଗିକର ଅଗ୍ନିଶର୍ମା । ଲୁଅଡ଼େ ପ୍ରତିଜ୍ଞା କରିବନ୍ତି ଯେ ମତେ ଆଉ ଘରେ ପୂରେଇବେ ନି, କି ତାଙ୍କ ଧନ ସମ୍ପଦରୁ ମତେ କିଛି ଦେବେନି । ମଟୁଆ କହିଲା—ମୁଁ ପରି ସେତିକି ଡରୁଥିଲି, ମୁଁ ଅଲଜୁକୀ କାହିଁକି ଭଲ ତମ ବାଟରେ ଆସି କଣ୍ଟା ହୋଇ ପଡ଼ିଲି । ମୋତି—କଣ୍ଟା ହୋଇ ପଡ଼ିଲୁ ନା ତରି ହୋଇ ଫୁଟିଲୁ ମତେ ବାଟ ବତେଇବାକୁ । ମଟୁଆର ସ୍ତୁତି ଶୁଣେ ମୋତି ଫୁଲିଗଲା ଏ କଥା ଶୁଣି; ଅଲପକେ ଯେ କହିଲା—ଆଉ କଣ; ତେମେ ଯୋଉ କଥା କହନା ! ମୋତି—ସେସବୁ କଥା ପଛକୁ ଥାଉ ! ଏଇ ଘଣ୍ଟାକ ଆମେ ନାଚେଲା ଥାଇଁ, ଯୁଗ ଭିତରେ ଆମକୁ ସବୁ ପଛ ଆଗ ଭାବି ଠିକ୍ କରିବାକୁ ହବ ପରା । ଶୁଣ ମଟୁଆ—ମୋ ବାପା ଖୁବ୍ ବଡ଼ ଲୋକ, ଜଣେ ରଜା କହିଲେ ଚଳେ । ମୁଁ ତାଙ୍କର ଗୋଟିକ ପୁଅ । ପିଲାଟିଦିନୁଁ ମୋର ଜ୍ଞାନହେବା ଦିନଠୁଁ ଦୁଃଖିରଙ୍କି ଦେଖିଲେ ମୁଁ କେଜାଣି କାହିଁକି କାନ୍ଦ ପକାଏ । ପାଠଶାଠ ପଢ଼ି ବୁଦ୍ଧି ହେଲାରୁ ମୁଁ ସ୍ଥିର କଲି ଡାକ୍ତରୀ ପଢ଼ିଲେ ଅନେକ ଲୋକଙ୍କର ସେବା କରି-ପାରିବି । ପଢ଼ି ପାଶ କରିସାରିବା ବେଳକୁ ଠିକ୍ କରି ସାରିଥିଲି ଯେ ନିଜ ବୁଦ୍ଧି ଆଉ ବାହୁବଳରେ ଠଙ୍କା ଉଠେଇ ଗୋଟାଏ ସେବାଶ୍ରମ ଗଢ଼ିବି, ଖୁବ୍, ବଡ଼କିଆ ଗୋଟାଏ । ସେଇଥିରେ ମୁଁ ପ୍ରାଣ ଦେଇ ଲାଗି ପଡ଼ିବି । ସେଇଥିରେ ଜୀବନଟା ବିତେଇ ଦେବି — ବାହା ସାହା ହେବିନି ହୁଏତ । ବାପା ଏକଥା ଅପସନ୍ଦ କଲେ ମତେ ବାହା ହବାପାଇଁ ଜିଗରିକଲେ । ମୁଁ ମନା କରିଦେଲି । ସେଇ ଦିନଠୁଁ ବାପାଙ୍କ ସାଙ୍ଗରେ ଅପଡ଼ । ସେଇଦିନଠୁଁ ନିର୍ଭର ଭାବରେ ମୁଁ ବାପାଙ୍କ ଧନରେ ବଡ଼ ଲୋକ ହେବାକୁ ଏକାବେଳକେ କାଟିଦେଲି । ଏଥିଭିତରେ ତୁ ଭାସିଆସିଲୁ ମୋ ଜୀବନ ଭିତରକୁ । ଏଥିରେ ବି କର୍ତ୍ତାଙ୍କ ହାତ ଅଛି ବୋଲି ମୁଁ ହେଜିଲି—କାହିଁକି ନା

—ଶ୍ରୀଏ ଅକ୍ଷୟଳଶ

ମୋର ପ୍ରାଣ ଭିତରେ ଗୋଟାଏ ଅଫୁଟା ଆଶା ଥିଲା ବୋଧେ ଯେ ବାହା ହେବ ଯେବେ ଏମିତିଆ ଝିଅଟିଏ ବାହା ହେବି, ଯିଏ ମୋ ଜୀବନ ବାଟରେ ମୋତେ ପ୍ରତ୍ୟକ୍ଷରେ ସାହାଯ୍ୟ କରିବ—ଏମିତିଆ ଜାଗାରେ ବାହା ହେବି ଯେ ଯାହା ନେଇ ଘରଆଡ଼େ ଗୋଟାଏ ହେଁ ଚେଁ ପଡ଼ିବ । ତୁ ସବୁମନ୍ତେ ମୋର ସେଇ ଅଫୁଟା ଆଶାର ଜୀଅନ୍ତା ରୂପ ନେଇ ଭାସିଆସିଲୁ ମୋ ଜୀବନ ଭିତରକୁ । ମୁଁ କେତେ ଜାଗାରେ କେତେ ଥର କେତେ ସାଧ ସାଧନା କରିଛି ମୋର ଏଇ ଆଶା ପୂରେଇବା ଲାଗି; ସବୁଆଡ଼ୁ ସବୁମନ୍ତେ କେହି ତାପରେ ମୋର ସବୁ ଆଶାକୁ ବଚନ କରି ରୂପ ଦେଇ ପାରନ୍ତା । ମୁଁ ଥିର ସିଦ୍ଧାନ୍ତ କରି ସାରିଛି, ମତେ ସେଥିରୁ କେହି ଟଳେଇ ପାରିବେ ନା—ତୁ ମୋ ସାଙ୍ଗରେ କାନ୍ଧକୁ କାନ୍ଧ ମିଶେଇ କାମ କରିବାକୁ ରାଜି ହବୁ ମନୁ ? ଦିନାକେତେ, ବର୍ଷକେଇଟା, କେଜାଣି ହୁଏତ ସାରା ଜୀବନଟାଯାକ ଦୁଃଖ ନିଅଣ୍ଟ ଭୋଗିବାକୁ ପଡ଼ିବ, ହୁଏତ ଜୀବନରେ ସୁଖ କି ବଡ଼ଲୋକର ମୁହଁ ଦେଖିବାନି; ତୁ ରାଜି ଅଛୁ ମନୁ ? ମନୁ—ମୁଁ ତ ବାକି ଜୀବନଟାଯାକ ଘିଅ ମହୁରେ ଭାସୁଥିଲି—ମୁଁ ଦୁଃଖ କଷ୍ଟ ସହି ପାରିବି କାହୁଁ ! ତେମେ ନିଜ କଥା ଭାବ । ମୋ—ମୁଁ ଖୁବ୍ ଚିନ୍ତାକରି ଥିର କରିଛି ମନୁ । ଦୁଃଖ କଷ୍ଟରେ ରହିବା ସିନା ମନୁ ! ଦୁଃଖି ରଙ୍କି ରୋଗୀଙ୍କ ସେବାକରି ଯୋଉ ସୁଃଖ, ଯେଉ ଆନନ୍ଦ, ଯୋଉ ଆତ୍ମପ୍ରସାଦ ପାଇବା, ତା ଆଗରେ ହୀରା ନୀଳା ମୋତି ମାଣିକ କିଛି ନୁହେଁ—ତୁ କଣ କହୁଚୁ କହିଲୁ ମନୁ, ମନୁ—ମୁଁ କଣ ଭାବିଚି ନା ଚିନ୍ତିଚି ଯେ ଏଇନେ, ତମକୁ ଫଟ୍ କିନା କହିଦେବି ; ତେବେ ମୁଁ ଏତିକି ଜାଣିଚି ଶିଖିଚି ଯେ ତେମେ ଗଛତଳେ ରହିଲେ ବି ମନୁଆର ସେଇ ସ୍ୱର୍ଗ । ମୋତ

ମରୁଅକୁ ନିଜ କୋଳକୁ ଅଜାଡ଼ି ନେଲେ—ଏତେଦିନେ ଠାକୁରେ ମୋ ଆଶା ପୂରଣ କଲେ । ତୋ ସାଙ୍ଗରେ ମିଶି ଦେଖିବୁ ମରୁ ଅମେ ଯାହା ଗଢ଼ି ଥୋଇ ଦେଇଯିବା ସେ ଗୋଟାଏ ଆମ ଦେଶ ଲୋକଙ୍କ ଆଗରେ ବଡ଼ନ ଆଦର୍ଶ ହେବ ।

ନର୍ସିଂହୋମର ନର୍ସ ଏତକ ବେଳକୁ ଦି'ଜଣଙ୍କ ପାଇଁ ଗ୍ଲାସ ଓ ଲୁଚି ଆଣି ରଖିଦେଇଗଲା । ଦୁହେଁ ନିଜ ନିଜର ପ୍ରାଣ ଭିତରକୁ ପଶି ସବୁ କଥା ତଉଲି ଦେଖୁଥିଲେ ପରା—ଖାଇ ସାରିବା ଯାଏ କେହି କାହାକୁ କିଛି କହିଲେ ନି । ଖାଲି ଦହେଁ ଦହିଙ୍କି ଚାହୁଁଥାନ୍ତି ତୀକ୍ଷ୍ଣ ଚାହାଣିରେ—ଜୀବନ ଦଅନିଅ ସଉଦା କଲାପରି ।

ମଝିରେ ଥରେ ଆସି ଡଲେ ଠିଆହେଲାପରି ଲାଗିଲାରୁ ମରୁଅ ଉଠିଯାଇ ଉପର ବାରଣ୍ଡାକୁ ଚାହିଁଲା । ଘରକୁ ଆସି କହିଲା ତମ ବାପା ଆଉ ଜଣେ ତାଙ୍କ ସାଙ୍ଗରେ ଆଉ ବଡ଼ଲୋକିଆ କିଏ । ମତେ ନାଗୁଚି ସେଇ ଚନ୍ଦାପୁର କୋଠିରେ ଯାହାଙ୍କୁ ଭେଟିଥିଲେ ନି ; ଟିକେଇ ସାଆନ୍ତ ନା କଣ ସେଇ ହେବେ ପରା । ମୁଁ ଯାଉଚି, ଆର ଘରେ ବସିଥିବି । ରମେଶବାବୁ ଓ ଟିକେଇସାହେବ ଦହେଁ ଭିତରକୁ ଆସି ବସିଲେ । ରମେଶବାବୁ ତାଙ୍କୁ ଅଞ୍ଚା, ଆପଣ କର ଖାଇ ମାନଥାନ ଦେଖାଉଥାନ୍ତି । ରମେଶବାବୁ ପଚାରିଲେ—ଅଜ୍ଞା ଉପରଓଳି ଘରକୁ ଯିବାକଥା ପରା । ଭଲ ଲାଗୁଚିଟି ମୋତି ? ମୋତି ହଁ ଭରିଲେ । ଟିକେଇସାହେବଙ୍କ ଚାହାଁ ପଡ଼ିଚ କରେଇଦେଲେ । ମୋତି କହିଲେ ଆପଣଙ୍କୁ ଚାନ୍ଦପୁର ବଙ୍ଗଲାରେ ଦେଖିଥିଲି । ଯାଉଛିଆଉ ଅନେକ କଥା ହେବାପରେ ରମେଶବାବୁ କହିଲେ—ମୋତି ଟିକେଇସାହେବଙ୍କ ଏକାନ୍ତ ଇଚ୍ଛାରୁ ଏଡ଼େଇ ନପାରି ତମକୁ ଗୋଟାଏ କଥା କହିବାକୁ ଆସିଚି । ନିଜଅଡ଼ୁ

ସେ କଥା ଆଉଥରେ ପଚେଇ ନଥାନ୍ତି ବୋଧେ ; ତେବେ ସେ ଏତେ ବାଟ କଷ୍ଟ ସ୍ୱୀକାର କରି ଆସିଚନ୍ତି । ତାଙ୍କର ଏକାନ୍ତ ଇଚ୍ଛା ଯେ ସେ ତମଠଉଁ ହଁ କି ନାହିଁ ଜାଣିପିବେ । ମୋତି କହିଲେ— ବାପା, ଘରକୁ ଫେରିଲା ପରେ—ଟିକେଇସାହେବ କହିଲେ— ନାଇଁ ବାବୁ । ମୁଁ ଯେ ତମକୁ ମୋ ଝିଅଟି ବିବାହ ସଂପର୍କରେ କହିବାକୁ ସାହାସୀ ହେଲି, ତାର ଅନେକ କାରଣ ଭିତରୁ ପ୍ରଧାନ କାରଣ ହଉଚି ତେମେ ତାକୁ ଦେଖିଚ, ଚିହ୍ନିଚ ଭଲକରି । ମୋତି ଅବାକାବା ହୋଇଗଲେ । ମୋ—ମୁଁ ଦେଖିଚି ଚିହ୍ନିଚି ; ଟିକେଇ—ହଁ ବାପା, ମୁଁ ତ ଆଉ ମିଛ କହୁନି । ତେମେ ତାକୁ ଭଲ ଭାବରେ ଜାଣ, ତେବେ ହୁଏତ ଅନ୍ୟଭାବରେ । ମୁଁ ଜାଣେ ତେମେ ତାର ଯୋଗ୍ୟପାତ୍ର ଆଉ ସେ ମଧ୍ୟ ତମ ନାଗ୍ୟ ହବ । ଏକାବେଳେକେ ମଣି କାଞ୍ଚନ ଯୋଗ ହେବ ବାପା ତେମେ ନାହିଁ କରନି । ମୁଁ ତମଠୁ ନାହିଁ ନବାକୁ ଆସିନି ମୋତି— ସତ କହୁଚି ଟିକେଇସାହେବ ମୁଁ ଆପଣଙ୍କ କଥା କିଛି ବୁଝି-ପାରୁନି । ଡାକ୍ତର ଭାବରେ ହୁଏତ କେତେ ଲୋକଙ୍କୁ ଦେଖିଚି, ଚିହ୍ନିଚି । ତା' ପରେ ଆପଣ ମୋତେ ଦୋଷ ଧରିବେନି ଟିକେଇ ସାହେବ ମୋର ଜୀବନର ସଂକଳ୍ପ ଭିନ୍ନ ପ୍ରକାର । ଆପଣ ବାପାଙ୍କ ଠଉଁ ଜାଣି ପାରିଥିବେ । ଆପଣ ମତେ କ୍ଷମା ଦିଅନ୍ତୁ । ଟିକେଇ-ମୁଁ ପରା କହିଲି ବାପା, ମୁଁ ତମଠୁଁ ନା ନବାକୁ ଆସିନି । ମୁଁ ବୁଝି ବିଚାରି ନିଶ୍ଚୟ କରି ତା'ପରେ ଏ ସମ୍ବନ୍ଧରେ ହାତ ଦେଇଚି । ମୁଁ ଜାଣେ ତେମେ କେବେ ନାହିଁ କରି ପାରିବ ନି । ମୋ ତି—ଆପଣ ଅନୁଗ୍ରହ କରି ଫିଟେଇ କହନ୍ତୁ, ମୋତେ ଆଉ ବାଉଳା କରନ୍ତୁ ନି । ଟିକେଇ—ତେମେ ବାପା ଟିକିଏ ଧୈର୍ଯ୍ୟ ଧରି ଶୁଣ, ମୁଁ ସବୁକଥା ବିସ୍ତାରି କହୁଚି; ଆପଣ ମଧ୍ୟ ଶୁଣନ୍ତୁ ରମେଶବାବୁ । ମୋର ମାମୁଁ—

ଘର, ରାଜା ନ ହେଲେ ବି ଖୁବ୍ ବଡ଼ ଲୋକ, ବଡ଼ ଜମିଦାରୀ ମାନ-ଖାତର ତାଙ୍କ ଅଞ୍ଚଳର ଖୁବ୍ ବେଶୀ, ସବୁ ରଜାଙ୍କ ସାଙ୍ଗେ ବନ୍ଧୁବାନ୍ଧବ । ସେମାନେ ଦଭାଇ । ରଜାଘର ପରି ତାଙ୍କଘରେ ବଡ଼ଭାଇ ସର୍ବେସର୍ବା । ବଡ ମାମୁଁ ମୋର ହଠାତ୍ ମାରିଗଲେ । ସେତେବେଳକୁ ମାଇଁ ମୋର ଅନ୍ତଃସତ୍ତ୍ୱା । ସାନ ମାମୁଁ ଜମିଦାରୀ ଦଖଲ କରିପାରିଲେ ନି ସେ ଯୋଗରୁ । ସେ ବଡ଼ ଦୁଷ୍ଟ ପ୍ରକୃତିର ଲୋକ । ଲୋକଲଜ୍ଜାକୁ ବଳାତ୍କାରରେ କିଛି କରିବାକୁ ସାହାସ ନକରି ସେ ପଞ୍ଚାଏ ଦୁଷ୍ଟଲୋକଙ୍କୁ ବଡ଼ମାଇଁଙ୍କ ଘରପାଖେ ଘେରେଇ ରଖିଲେ । ପୁଅ ହଉ, ଝିଅ ହଉ ଭୂମିଷ୍ଟ ହେବାମାତ୍ରେ ତାକୁ ନଷ୍ଟ କରିଦବାକୁ ହବ । ବଡ଼ମାଇଁ ସରଳ ଅମାୟିକ ପ୍ରକୃତିର ଲୋକ, ଯୁଆଙ୍କ ଛନ୍ଦ କିଛି ବୁଝିଲେନି । ଝିଅଟି ଜନ୍ମ ହେବାମାତ୍ରେ, ବଡ଼ ମାଇଁଙ୍କର କାଳ ହେଇଗଲା । ସେ ଝିଅକୁ ନେଇ ସେ ଦୁଷ୍ଟ ଲୋକମାନେ ତଣ୍ଟିଚିପି ମରିଗଲା ବୋଲି ଭାବି ଯୋଉଠି ପକେଇଦେଇ ଗଲେ, ସେଠି ପାଖରେ ତାଙ୍କର ବିଶ୍ୱସ୍ତ ଖମାରି ରହେ । ତାର ସ୍ତ୍ରୀ ବାହାରକୁ ଅସି ଦୈବଯୋଗେ ଏ ଛୁଆଟିକି ଦେଖିଲା ବଞ୍ଚିଚି; ସେ ତାକୁ ଗୋଟେଇ ନେଇ ଯାଇଁ ପାଳିଲା । ଏ କଥା କେହି ଜାଣିଲେ ନି, ଲୋକ ଜାଣିଲେ ମଲା ଝିଅଟିଏ ଜନ୍ମକରି ମୋର ମାଇଁଙ୍କର କାଳ ହେଇଗଲା । ସେ ଝିଅ ବଡ଼ ହେଲା । ଲୋକେ ତାକୁ ଦେଖି ମୋର ବଡ଼ ମାମୁଁଙ୍କ ଅବିକଳ ମୁହଁଦେଖି ଖମାରୀର ସ୍ତ୍ରୀକୁ ଅପବାଦ ଦେଇ ବସିଲେ । ଚାରିଆଡ଼େ ଅପବାଦ ରଟିଗଲା । ସେ ଅପବାଦ ଜାଲାରେ ଖମାରୀର ସ୍ତ୍ରୀ ମଧ୍ୟ ବେଶିଦିନ ବଞ୍ଚିରହିଲା ନାହିଁ । ଝିଅଟିର ୮।୯ ବର୍ଷ ହେବାବେଳକୁ ସେ ମରିଗଲା । ଖମାରୀ ତା ସ୍ତ୍ରୀକୁ ଭାରି ଭଲ ପାଉଥିଲା—ସାଧାରଣ ଘରବାଘରେ ଯାହା ଦେଖା-

ଯାଣନ୍ତି । ଝିଅଟିକି ଜୀବନଧନ ଭଳିଥାଏ । ଅପବାଦ ଦୁଃଖ ପରେ ପରେ ସ୍ତ୍ରୀ ଚାଲିଯିବାରୁ ତା ପ୍ରାଣକୁ ବଡ଼ ଧକ୍କା ପହଞ୍ଚିଲା । ସେ ଘରଦ୍ୱାର, ଗୃହବାସ ସବୁ ପାଣିକି ଫିଙ୍ଗିଦବା ପରି ପକାଇଦେଇ ଦିନେ ରାତିରେ ଝିଅଟିକି ଧରି କୁଆଡ଼େ ପଳେଇଲା । ସେ ଆଜକୁ ପାଞ୍ଚ ଛଅ ବର୍ଷର କଥା । ମୋର ମାଇଁ ମୋତେ ଭାରି ସୁଖ ପାଉଥିଲେ । ସେ ମରିବେ ବୋଲି ଜାଣିପାରି ମୋତେ ତାଙ୍କର ନିଜର ଧନ ସଂପତ୍ତି ସମସ୍ତ ମୋ ହାତରେ ସମର୍ପି ଦେଇଗଲେ—ଝିଅକୁ ଦେଖିବ ବୋଲି କହିଥିଲେ । ମୁଁ ୫।୬ ବର୍ଷକାଳ ନିଜେ ଏବଂ ଲୋକବାକଙ୍କ ଦ୍ୱାରା ଅନେକ ଖୋଜିଲି; କିନ୍ତୁ ସନ୍ଧାନ ପାଇଲି ନାହିଁ । ମୁଁ ଭାବୁଥିଲି ଦୁହେଁ ମରି ହଜି ଗଲେଣି । କିନ୍ତୁ ଦୈବର ଇଚ୍ଛା ପ୍ରବଳ ବାବୁ, ମଣିଷ ସବୁ ଚକ୍ରାନ୍ତ, ସବୁ ପାଞ୍ଚ ଦୈବ ଇଚ୍ଛାରେ ପଣ୍ଡ ହୋଇଯାଏ । ପାଞ୍ଚ ଛଅ ବର୍ଷ କାଳ ଯାହାକୁ ଖୋଜି ଖୋଜି ଥକିଥିଲି—ହଠାତ୍ ସେଦିନ ଚନ୍ଦ୍ରପୁର ବଙ୍ଗଳା ପାଖରେ ସେ ଖମାରୀ ହରି ପଧାନକୁ ଭେଟିଲି ।

ମୋତିବାବୁ ଯେତେ ନିଜକୁ ସମ୍ଭାଳି ଥିଲେ ମଧ୍ୟ ଚମକି ପଡ଼ିଲେ । ଉଠିଆସି ଟିକେଇସାହେବଙ୍କର ହାତଦୁଇଟି ଆବେଗରେ ଧରି-ପକେଇଲେ—ଆପଣ ଜିତିଲେ; ମୁଁ ହାରିଲି । ମଙ୍ଗୁଆ ବୋଲି ଡାକିବାରୁ ମଙ୍ଗୁଆ ନାଚି ନାଚି ହୋଇ ଆସିଲା । ମୋତି କହିଲେ—ଟିକେଇ ସାହେବଙ୍କୁ ଜୁହାର କର । ସେ ତୋର ନିଜ ପିଉସୀ ପୁଅ ଭାଇ । ଆଉ ଇଏ ମୋ ବାପା—ତାଙ୍କୁ ଦଣ୍ଡବତ କର । ଟିକେଇ ସାହେବଙ୍କ ପ୍ରାଣ ପୂର୍ବ ଜଠି ଅଣିଦେଇ ଉଚ୍ଛୁଳି ଯାଉଥାଏ ଲୁହ ହୋଇ । ରମେଶ ବାବୁ—ମୋ ମା, ମୋ କୁଳଲକ୍ଷ୍ମୀ ବୋଲି କୋଳକୁ ଟାଣିନେଲେ ମଙ୍ଗୁଆକୁ । ତାକୁ ସବୁ ସ୍ୱପ୍ନ ପରି ଲାଗୁ-ଥାଏ । ମୋତି ପଚାରିଲେ 'ତୋ ବୁଢ଼ା ବାପା କାହିଁ ?' ମଙ୍ଗୁଆ

—ଶେଷ ହେଉନ--

କହୁଲା ପାହାନ୍ତାରୁ ନଈକୁ ଗାଧୋଇ ଯିବ କହୁ ଯାଉଣି ତ—
ଫେର ନା । କିଏ ମନୁଆ କାନରେ କହୁଦେଲା ଫର କହୁ ଦେଲା—
ତୋ ବୁଢ଼ାବାପା ଅଉ ଫେରିବ ନାହିଁ ରେ ମନୁଆ । ମନୁଆ
ଝର ଝର ହୋଇ କାନ୍ଦ ପକେଇଲା । ରମେଶବାବୁ ସେମିତ
ତାକୁ କୋଳେଇ କରି କହୁଲେ—ଆଜି ଏତେ ଆନନ୍ଦ
ଉଲ୍ଲାସ ଦିନଟାରେ ତୋ ସୁନା ମୁହଁ ଅଉ ତଳେ ପକାନା
ମନୁ । ତୁ ଆଜି ଜାଣୁନୁ, ବୁଝିପାରୁନୁ ମୋ ପ୍ରାଣ କେତେ ଫୁଲି
ଉଠୁଛି ····················

—ସମାପ୍ତ—